ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୬୬
୨୪ ଅକ୍ଟୋବର, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 166
24th October, 2025 Friday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ**
**ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପରବର୍ତ୍ତୀ ସିଜେଆଇ !

**ନୂଆଦିଲ୍ଲୀ,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦ୍ର ସରକାର ଗୁରୁବାର ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବର୍ତ୍ତମାନର ସିଜେଆଇ ବି.ଆର. ଗଭାଇ ନଭେମ୍ବର ୨୩ରେ ଅବସର ଗ୍ରହଣ କରିବେ । ରିପୋର୍ଟ ଅନୁସାରେ ଜଷ୍ଟିସ୍ ଗଭାଇଙ୍କୁ ତାଙ୍କ ଉତ୍ତରାଧିକାରୀଙ୍କ ନାଁ ଅନୁରୋଧ କରୁଥିବା ଚିଠି ଶୁକ୍ରବାର ପଠାଯିବ । ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି, ସ୍ଥାନାନ୍ତର ଏବଂ ପଦୋନ୍ନତି ପାଇଁ ମାର୍ଗଦର୍ଶନ କରୁଥିବା ଦଲିଲର ଏକ ସେଟ୍ ହେଉଛି ମେମୋରାଣ୍ଡମ୍ ଅଫ୍ ପ୍ରୋସିଡିଅର । ଏହା ଅନୁଯାୟୀ, ଭାରତର ମୁଖ୍ୟ ବିଚାରପତି ପଦବୀରେ ନିଯୁକ୍ତି ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତିଙ୍କଠାରୁ କରାଯିବା ଉଚିତ ।

କେନ୍ଦ୍ର ଆଇନ ମନ୍ତ୍ରୀ ଉପଯୁକ୍ତ ସମୟରେ ତାଙ୍କ ଉତ୍ତରାଧିକାରୀଙ୍କ ନିଯୁକ୍ତି ପାଇଁ ଭାରତର ବିଦାୟୀ ପ୍ରଧାନ ବିଚାରପତିଙ୍କ ସୁପାରିସ୍ ଲୋଡ଼ିବେ । ପାରମ୍ପରିକ ଭାବରେ,ଏହି ଚିଠି ବର୍ତ୍ତମାନର ସିଜେଆଇଙ୍କ ଅବସର ନେବାର ଗୋଟିଏ ମାସ ପୂର୍ବରୁ ପଠାଯାଏ । ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ପ୍ରଧାନ ବିଚାରପତିଙ୍କ ପରେ ସବୁଠାରୁ ବରିଷ୍ଠ ବିଚାରପତି । ନିଯୁକ୍ତି ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ପରବର୍ତ୍ତୀ ମୁଖ୍ୟ ବିଚାରପତି ହେବେ ଏବଂ ପ୍ରାୟ ୧୫ ମାସ ପାଇଁ ୯ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ ।

୧୯୬୨ ଫେବ୍ରୁଆରୀ ୧୦ରେ ହରିୟାଣାର ହିସାରରେ ଏକ ମଧ୍ୟବିତ୍ତ ପରିବାରରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଜନ୍ମଗ୍ରହଣ କରିଥିଲେ । ୧୯୮୧ରେ ହିସାରର ସରକାରୀ ପୋଷ୍ଟଗ୍ରାଜୁଏଟ୍ କଲେଜରୁ ସ୍ନାତକ କରିଥିଲେ । ୧୯୮୪ରେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ କରିଥିଲେ । ୧୯୮୪ରେ ହିସାର ଜିଲ୍ଲା କୋର୍ଟରେ ଆଇନ ଅଭ୍ୟାସ ଆରମ୍ଭ କରିଥିଲେ । ୧୯୮୫ରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଆଇନ ଅଭ୍ୟାସ କରିବା ପାଇଁ ଚଣ୍ଡିଗଡ ଚାଲିଯାଇଥିଲେ । ସାମ୍ବିଧାନିକ, ସେବା ଏବଂ ଦେୱାନୀ ମାମଲାରେ ସେ ବିଶେଷଜ୍ଞ । ଅନେକ ବିଶ୍ୱବିଦ୍ୟାଳୟ, ବୋର୍ଡ, କର୍ପୋରେସନ, ବ୍ୟାଙ୍କ ଏବଂ ହାଇକୋର୍ଟରେ ପ୍ରତିନିଧିତ୍ୱ କରିଥିଲେ । ୨୦୦୦ ଜୁଲାଇ ୭ରେ ହରିୟାଣାର ସବୁଠାରୁ କନିଷ୍ଠ ଆଡଭୋକେଟ୍ ଜେନେରାଲ୍ ଭାବରେ ନିଯୁକ୍ତ ହୋଇଥିଲେ । ୨୦୦୧ ମାର୍ଚ୍ଚରେ ଜଣେ ବରିଷ୍ଠ ଆଡଭୋକେଟ୍ ଭାବରେ ନିଯୁକ୍ତ ହୋଇଥିଲେ । ୯ ଜାନୁଆରୀ, **(ଶେଷ ପୃଷ୍ଠା ଦେଖନ୍ତୁ)**

## ତେଜସ୍ୱୀ ମୁଖ୍ୟମନ୍ତ୍ରୀ
## ମୁକେଶ ଉପମୁଖ୍ୟମନ୍ତ୍ରୀ



**ପାଟନା,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବିରୋଧୀ ମେଣ୍ଟ ବା ମହାଗଠବନ୍ଧନ ପକ୍ଷରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି । ସବୁ ରାଜ୍ୟରେ ବିରୋଧୀ ମେଣ୍ଟ ବିନା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚେହେରାରେ

### ମହାଗଠବନ୍ଧନର ଘୋଷଣା

ନିର୍ବାଚନ ଲଢୁଥିଲା । କିନ୍ତୁ ବିହାରରେ ବ୍ୟତିକ୍ରମ ଦେଖାଯାଇଛି ।

ବିରୋଧୀ ମେଣ୍ଟ ପକ୍ଷରୁ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଚୟନ କରାଯାଇଛି । ସେହିପରି ବିରୋଧୀ ମେଣ୍ଟରେ ଏକତା ରହିଥିବା ପ୍ରମାଣ ଦେବା ପାଇଁ ବିକାଶଶୀଳ ଇନସାନ ପାର୍ଟି(ଭିଆଇପି) ମୁଖ୍ୟ ମୁକେଶ ସାହାଣୀଙ୍କୁ ଉପ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଚୟନ କରାଯାଇଛି । ମେଣ୍ଟରେ କଂଗ୍ରେସ ରହିଥିଲେ ହେଁ ଦଳର କେହି ବି ମୁଖ୍ୟମନ୍ତ୍ରୀ କିମ୍ବା ଉପ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇ ନାହାନ୍ତି ।

ମହାଗଠବନ୍ଧନରେ ସିଟ ଶେୟାରିଂ ଫର୍ମୁଲା ଓ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ବେଶ ଟଣାଓଟରା ଚାଲିଥିଲା । ଏହି ବିବାଦର ସାମାଧାନ କରିବାକୁ ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟ ପାଟନାରେ ପହଞ୍ଚିଥିଲେ । ସେ ମେଣ୍ଟରେ ଥିବା ସବୁ ଦଳ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ତେଜସ୍ୱୀଙ୍କ ନାଁ ଘୋଷଣା କରିଛନ୍ତି ।

ସେ କହିଛନ୍ତି, 'ସମସ୍ତ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ପରେ ତେଜସ୍ୱୀ ଯାଦବ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଆମେ ନିଷ୍ପତ୍ତି ନେଇଛୁ । ତାଙ୍କ ପାଖରେ ଲମ୍ବା ଭବିଷ୍ୟତ ରହିଛି ।'

ଗେଟଲଟଙ୍କ କହିବା କଥା ଯେ ଇଣ୍ଡିଆ ବ୍ଲକ ବିହାରରେ କ୍ଷମତାକୁ ଆସିଲେ ମୁକେଶ ସାହାଣୀ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ହେବେ । ନିଶାଦ ସଂପ୍ରଦାୟମାନଙ୍କ ମଧ୍ୟରେ ମୁକେଶଙ୍କ ବେଶ ଦବଦବା ରହିଛି । ଏଥିପାଇଁ ତାଙ୍କୁ ମହାଗଠବନ୍ଧନ ଉପ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଛି ।

ବିହାର ଭୋଟକୁ ଆଉ ମାତ୍ର ୨ ସପ୍ତାହ ବାକି ଥିବା ବେଳେ ତେଜସ୍ୱୀଙ୍କୁ ମହାଗଠବନ୍ଧନ **(ଶେଷ ପୃଷ୍ଠା ଦେଖନ୍ତୁ)**

## ସରକାରୀ ଚାକିରି ପ୍ରଲୋଭନ ଦେଖାଇ ୨ କୋଟି ଠକେଇ
# ୨ ଗିରଫ: ୬୨ଲକ୍ଷ ଜବତ



**ସମ୍ବଲପୁର,୨୩।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ସଂସ୍ଥାରେ ଝାଡୁଦାର ଚାକିରି ଦେବାକୁ କହି ଏକ ବଡ଼ ଧରଣର ଠକେଇ ସାମ୍ନାକୁ ଆସିଛି । ଠକେଇ ଅଭିଯୋଗରେ ବୁର୍ଲା ପୋଲିସ ୨ଜଣଙ୍କୁ ଗିରଫ କରିଛି । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୬୨ ଲକ୍ଷ ଟଙ୍କା ଜବତ କରିଛି । ସମ୍ବଲପୁର, ବରଗଡ଼, ବୌଦ୍ଧ ଓ ସୋନପୁର ଜିଲାରୁ ଅଭିଯୁକ୍ତମାନେ ଠକେଇ କରିଥିବା ଜଣାପଡିଛି ।

ସରକାରୀ ସଂସ୍ଥାରେ ଝାଡୁଦାର ଚାକିରି କରାଇ ଦେବାକୁ ପ୍ରଲୋଭନ ଦେଖାଇ ଗରିବ ହିତାଧିକାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଜଣାପଡିଛି । ଠକ ଦଳ ବିଭିନ୍ନ ଜିଲାରୁ ପ୍ରାୟ ୨ କୋଟି ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି । ଠକ ଦଳ ହାତାହାତି ଜଣକଠାରୁ ୧୨ ହଜାର ଲେଖାଏ ଆଦାୟ କରୁଥିଲେ ।

ଏହି ଘଟଣାରେ ବୁର୍ଲା ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ପଚରାଉଚରା ପାଇଁ ଆଣିଥିଲା । ଖବର ପାଇ କିଛି ମହିଳା ଥାନା ଆଗରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ । ହେଲେ ପୋଲିସ ସେମାନଙ୍କୁ ବୁଝାଶୁଝା ପରେ ସେମାନେ ଘରକୁ ଚାଲିଯାଇଥିଲେ ।

ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ଝାଡୁଦାର ଚାକିରି କରାଇଦେବା ନାଁରେ କିଛି ଲୋକ ଜଣକଠାରୁ ୧୨ ହଜାର ଟଙ୍କା ଆଦାୟ କରାଯାଉଥିବା ଚାରିଆଡେ **(ଶେଷ ପୃଷ୍ଠା ଦେଖନ୍ତୁ)**

# ୪ ବିହାରୀ ଗ୍ୟାଙ୍ଗଷ୍ଟରଙ୍କୁ ଏନ୍‌କାଉଣ୍ଟର

**ନୂଆଦିଲ୍ଲୀ,୨୩।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ରାଜଧାନୀ ଦିଲ୍ଲୀର ରୋହନୀ ଅଞ୍ଚଳରେ ବଡ ଏନକାଉଣ୍ଟର । ବୁଧବାର ଭୋର ସମୟରେ ହୋଇଥିବା ଏନକାଉଣ୍ଟରେ ବିହାରର ୪ ଜଣ ମୋଷ୍ଟୱାଣ୍ଟେଡଙ୍କ ମୁଣ୍ଡ ଗଡିଛି । ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି କରିବାକୁ ଏହି ୪ ଗ୍ୟାଙ୍ଗଷ୍ଟର ଲକ୍ଷ୍ୟ ରଖିଥିଲେ । କିନ୍ତୁ ପୁଲିସ୍ ଗୁଳିରେ ୪ ଜଣଙ୍କ ମୃତ୍ୟୁ ହୋଇଛି ।

ପୁଲିସ୍‌ର କହିବା କଥା ଯେ ଏନକାଉଣ୍ଟର ରାତି ୨.୨୦ରେ ଆରମ୍ଭ ହୋଇଥିଲା । ଏନକାଉଣ୍ଟରରେ ଦିଲ୍ଲୀ ପୁଲିସ୍ କ୍ରାଇମବ୍ରାଞ୍ଚ ଓ ବିହାର ପୁଲିସ୍ ସାମିଲ ହୋଇଥିଲେ । ୪ ଗ୍ୟାଙ୍ଗଷ୍ଟର ଓ ପୁଲିସ୍ କର୍ମଚାରୀଙ୍କ ମଧ୍ୟରେ ବେଶ କିଛି ସମୟ ଧରି ପ୍ରବଳ ଗୁଳି ବିନିମୟ **(ଶେଷ ପୃଷ୍ଠା ଦେଖନ୍ତୁ)**



## କ୍ୱାଲିଟି ଟେଷ୍ଟିଂରେ ୧୧୨ ଔଷଧ ବିଫଳ

**ନୂଆଦିଲ୍ଲୀ,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶରେ ଔଷଧର ମାନକୁ ନେଇ ପୁଣିଥରେ ଚିନ୍ତା ଉଦ୍ରେକ ହୋଇଛି । ସେଣ୍ଟ୍ରାଲ ଡ୍ରଗସ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସସିଓ) ସେପ୍ଟେମ୍ବର ୨୦୨୫ର ରିପୋର୍ଟ ଜାରି କରିଛନ୍ତି । ଏଥିରେ କୁହାଯାଇଛି ଯୋ ମୋଟ ୧୧୨ ଔଷଧ ମାନ ପରୀକ୍ଷଣ (କ୍ୱାଲିଟି ଟେଷ୍ଟିଂ)ରେ ବିଫଳ ହୋଇଛି, ଅର୍ଥାତ ଏହି ଔଷଧର ମାନ ନିକୃଷ୍ଟ । ରିପୋର୍ଟ ଅନୁସାରେ ୫୨ ସାମ୍ପଲ ସେଣ୍ଟ୍ରାଲ ଡ୍ରଗ ଲ୍ୟାବସ୍ ଓ ୬୦ ସାମ୍ପଲ ଷ୍ଟେଟ ଡ୍ରଗ ଟେଷ୍ଟିଂ ଲ୍ୟାବସ୍‌ରେ ଫେଲ ହୋଇଛନ୍ତି ।

କେବଳ ଏତିକି ନୁହେଁ ଛତିଶଗଡ଼ରେ ଏକ ଔଷଧ ନକଲୀ ବୋଲି ଜଣାପଡିଛି, ଯାହାକୁ କୌଣସି ଏକ ଅନ୍ୟ କମ୍ପାନୀ ନାମରେ ତିଆରି କରାଯାଉଥିଲା । ସରକାରୀ ଲ୍ୟାବସ୍ ସାରା ଦେଶରୁ ଔଷଧ ନମୁନା ସଂଗ୍ରହ କରି ପରୀକ୍ଷଣ କରନ୍ତି । ଏହି ରିପୋର୍ଟ ପ୍ରତିମାସରେ ସିଡିଏସସିଓଙ୍କ ୱେବସାଇଟ୍‌ରେ ଜାରି ହୁଏ । ଏଥିରେ କୁହାଯାଇଛି ଯେ ଯେଉଁ ଔଷଧଗୁଡିକ କ୍ୱାଲିଟିରେ ଫେଲ (ଏନଏସକ୍ୟୁ) ହୁଏ, ଏହାର ପ୍ରଭାବ କେବଳ ସେହି ବ୍ୟାଚ୍ ମଧ୍ୟରେ ସୀମିତ ରହେ, ବାକି ଔଷଧ ଉପରେ ଏହାର ପ୍ରଭାବ ପଡେନି ।

ହେଲେ ବାରମ୍ବାର ରିପୋର୍ଟରେ ୧୦୦ରୁ ଅଧିକ ଏନଏସକ୍ୟୁ ଔଷଧ ମିଳିବା ଏହି କଥାକୁ ସୂଚାଉଛି ଯେ ପ୍ରଣାଳୀରେ କେଉଁଠି ନା କେଉଁଠି ତ୍ରୁଟି ରହୁଛି । ତେବେ ବିଶେଷଜ୍ଞଙ୍କ କହିବା କଥା ହେଉଛି ଯେଉଁ ପର୍ଯ୍ୟନ୍ତ ମେନୁଫେକ୍‌ଚରିଂ ଓ ଡିଷ୍ଟ୍ରିବ୍ୟୁସନ ଚେନ୍ ଉପରେ କଡ଼ା ନଜର ନରଖାଯାଇଛି ସେ ପର୍ଯ୍ୟନ୍ତ ଏହି ଖେଳ ଜାରି ରହିବ । ଏଥିରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା ହେଉଛି ଖରାପ କ୍ୱାଲିଟି ଔଷଧ କେବଳ ରୋଗୀକୁ ନୁହେଁ ବରଂ ପୁରା ସ୍ୱାସ୍ଥ୍ୟ ପ୍ରଣାଳୀ ପାଇଁ ବିପଦଜନକ । ତେବେ ସିଡିଏସସିଓ **(ଶେଷ ପୃଷ୍ଠା ଦେଖନ୍ତୁ)**

## ଛଟ୍ ପାଇଁ ଷ୍ଟେସନରେ କିଲୋମିଟର ଯାଏ ଧାଡ଼ି

**ସୁରଟ,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରେଳ ଷ୍ଟେସନରେ ପ୍ରବଳ ଭିଡ଼ । ୧୦୦ ମିଟର କି ୨୦୦ ମିଟର ନୁହେଁ ୧ କିଲୋମିଟର ଯାଏଁ ଲାଗିଛି ଲୋକଙ୍କ ଲମ୍ବା ଲାଇନ । ଟ୍ରେନରେ ଯିବାକୁ ଷ୍ଟେସନ ଯାଏଁ ଲମ୍ବା ଲାଇନ ଲଗାଇଛନ୍ତି ଲୋକେ । ଯାତ୍ରୀଙ୍କ ସଂଖ୍ୟା ଏତେ ବଢିବା ଫଳରେ ଦୁଇଟି ଧାଡି କରି ଲୋକେ ଷ୍ଟେସନରେ ପହଞ୍ଚୁଥିବା ଦେଖିବାକୁ ମିଳିଛି ।

ଭିଡ଼ର ଏହି ଭୟଙ୍କର ଚିତ୍ର ଦେଖିବାକୁ ମିଳିଛି ଗୁଜୁରାଟ ସୁରଟର ଉଧନା ରେଳ ଷ୍ଟେସନରେ । ପ୍ରାୟ ୬ ହଜାରରୁ ଅଧିକ ଯାତ୍ରୀ ଉଧନା ଷ୍ଟେସନରୁ ବିହାର ଏବଂ ପୂର୍ବ ଭାରତକୁ ଯାଉଥିବା ଟ୍ରେନରେ ଚଢିବା ପାଇଁ ଷ୍ଟେସନ ମୁହାଁ ହୋଇଥିଲେ । ଆଉ ଏହି ଭିଡ ଏତେ ବଢି ଯାଇଥିଲା ଯେ ପ୍ରାୟ ୧ କିଲୋମିଟର ଯାଏଁ ଲମ୍ବା ଧାଡ଼ିରେ ଠିଆ ହୋଇଥିଲେ ଲୋକେ ।

ଆଗକୁ ଛଟ ପୂଜା ଥିବାରୁ ଲୋକେ କର୍ମ କ୍ଷେତ୍ରରୁ ଘରକୁ ଯାଉଛନ୍ତି । ଛଟ ପୂଜା ସହ ଆଗାମୀ ଦିନରେ ବିହାର ନିର୍ବାଚନ ଥିବାରୁ ଛୁଟି କାଟିବାକୁ ଲୋକେ ଘର ମୁହାଁ ହୋଇଥିବା ବେଳେ ଏ ଭିଡ଼ ହଠାତ୍ ବଢିଯାଇଛି । ତେବେ ଘଣ୍ଟେ କି ଦୁଇ ଘଣ୍ଟା ନୁହେଁ କେହି କେହି ପ୍ରାୟ ୧୦ ଘଣ୍ଟା ଧାଡିରେ ଛିଡା ହେବା ପରେ ଷ୍ଟେସନରେ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି । ହଜାର ହଜାର ଲୋକ ପରିବାର ସହିତ ଘରକୁ ଯାଉଥିବା ବେଳେ ନାହିଁ ନଥିବା ଭିଡରେ ଫସି ହନ୍ତସନ୍ତ ହୋଇଛନ୍ତି । ଭିଡ଼ ସହିତ ଖରା ଲୋକଙ୍କୁ ଘାଣ୍ଟି ସନ୍ତୁଳି ଦେଇଥିବା ବେଳେ ଯାତ୍ରୀ ରେଳ ବିଭାଗକୁ ଦାୟୀ କରିଛନ୍ତି ।



## ଫ୍ୟାସନ ଶୋ'ରେ ଆଳିର ପୁଅ ସଲିମ୍ ସମ୍ମାନିତ

**ଆଳି,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଟିଏଫ୍‌ଆଇ ତରଫରୁ ଆୟୋଜିତ ଓଡ଼ିଶା ସାଂସ୍କୃତିକ ଉତ୍ସବର ଫ୍ୟାସନ ଶୋ'ରେ ଭାଗନେଇ କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ପୁଅ ସଲିମ୍ ଖାଁ ମିଷ୍ଟର ଓଡ଼ିଶା ସମ୍ମାନରେ ସମ୍ମାନିତ ହେବା ସହ ବ୍ରାଣ୍ଡ ଆମ୍ବାସଡର ହୋଇ ଆଳି ଅଞ୍ଚଳ ପାଇଁ ସମ୍ମାନ ଆଣିଛନ୍ତି । ବ୍ରହ୍ମପୁର ଆରୟା କନ୍‌ଭେନ୍‌ସନ୍ ସମ୍ମିଳନୀ କକ୍ଷରେ ଟିଏଫ୍‌ଆଇ ତରଫରୁ ଓଡ଼ିଶା ସାଂସ୍କୃତିକ ଉତ୍ସବ ତଥା ଓଡ଼ିଶା ରନ ୱେ ନାମରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଫ୍ୟାସନ ଶୋ' ଆୟୋଜିତ ହୋଇଯାଇଛି । ଶୋ' ନିର୍ଦ୍ଦେଶିକା ତଥା ପ୍ରତିଷ୍ଠାତ୍ରୀ କରିସ୍ମା ଖାନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଖ୍ୟାତନାମା କ୍ରୀଡ଼ାବିତ୍ ତଥା ଦୌଡ଼ରାଣୀ ଦୂତି ଚାନ୍ଦ ଯୋଗଦେଇଥିଲେ । ସେଲିବ୍ରିଟ୍ ଓଲିଉଡ ଡିଜାଇନର ଜିତ୍ ଜଗଜିତ୍, ଇଂଟରନ୍ୟାସନାଲ ଡିଜାଇନର ସଂଧ୍ୟାରାଣୀ ନାୟକ, ଅଭିନେତା ପିଣ୍ଟୁ ମହାପାତ୍ର, ପ୍ରମୁଖ ଏଠାରେ **(ଶେଷ ପୃଷ୍ଠା ଦେଖନ୍ତୁ)**

# କୋଟିଏ ଟଙ୍କାର ଏମପିଲାଡ଼୍ ହେରଫେର

**କେନ୍ଦ୍ରାପଡ଼ା,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାଧାରଣ ଲୋକେ ରାସ୍ତାଟିଏ ପାଇଁ ହେଉ କି ପିଇବା ପାଣି ମୁନ୍ଦେ ପାଇବା ପାଇଁ ଅଥବା ନିଜ ଗାଁରେ କମ୍ୟୁନିଟ୍ ବିଲ୍ଡିଂଟିଏ ପାଇଁ ହେଉ ଜନପ୍ରତିନିଧି ନେତାଙ୍କ ନିକଟରେ ଗୁହାରି କଲେ ବର୍ଷ ବର୍ଷ ବିତିଯାଏ ସିନା ପୁରଣ ହେବା ପ୍ରତିଶତ ଅତି ନଗଣ୍ୟ ହୋଇପଡ଼େ । ଏପରିକି ଜନପ୍ରତିନିଧି ନେତାଙ୍କୁ କୌଣସି ଉତ୍ସବାନୁଷ୍ଠାନ ଅତିଥି କରି ଡ଼ାକିବା ସହିତ ତାଙ୍କର ପ୍ରଶଂସା ଗାନ କରିବା ପରେ କିଛି ଆପତ୍ତି ରଖିଲେ ବି ତାହା ପୁରଣ ହେବା ଏତେ ସହଜ ହୋଇନଥାଏ । କିନ୍ତୁ କୌଣସି ଅଂଚଳକୁ ଥରେ ନଦେଖି ଓ ସେହି ଅଂଚଳବାସୀଙ୍କୁ ନଜାଣି ବିନା ଆପତ୍ତି ଅଭିଯୋଗରେ କୌଣସି ନେତା ସେହି ଅଂଚଳକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଲେ ନାନାଦି ପ୍ରଶ୍ନ ଉଠିବା ସ୍ୱାଭାବିକ । ଯେମିତି କି କେନ୍ଦ୍ରାପଡ଼ା ବ୍ଲକ୍‌ର ଚକ୍ରୋଡ଼ା ପଂଚାୟତକୁ ଦୁଇ ବିଜେଡ଼ି ରାଜ୍ୟସଭା ସାଂସଦଙ୍କ ଅହେତୁକ ଅନୁକମ୍ପାକୁ ନେଇ ଉଠିଛି ଅନେକ ଅସମାହିତ ପ୍ରଶ୍ନ । ସାଂସଦ ସୁଲତା ଦେଓ ଏହି ପଂଚାୟତରେ ୧୭ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ୬୪ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ସାଂସଦ ଦେବାଶିଷ ସାମନ୍ତରାୟ ୫ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ୩୪ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ । ଏହି ଦୁଇ ନେତା ଚକ୍ରୋଡ଼ା ପଂଚାୟତକୁ ଏଭଳି ବିପୁଳ ଅର୍ଥ ଯୋଗାଇ ଦେବା ପଛର କ'ଣ ରହସ୍ୟ ରହିଛି ତାହା ଜଣାପଡ଼ିନଥିଲେ ହେଁ ଅଭିଯୋଗ ଅନୁଯାୟୀ ଏହି ଦୁଇ ସାଂସଦ କେବେ ଦିନେ ଏହି ପଂଚାୟତକୁ ଗସ୍ତ କରିଥିବାର ନଜିର ନାହିଁ । ତେଣୁ ସେମାନଙ୍କୁ କେହି କୌଣସି ପ୍ରକଳ୍ପ ପାଇଁ ଆପତ୍ତି ଅଭିଯୋଗ କରିବାର ପ୍ରଶ୍ନ ହିଁ ଉଠୁନାହିଁ । ତେଣୁ ଗୋଟିଏ ପଂଚାୟତକୁ କାହିଁ ଭିନ୍ନ ପ୍ରକଳ୍ପକୁ ଛାଡ଼ିଦେଲେ କେବଳ ଲାଇଟ୍ ଲଗାଇବା ସକାଶେ ପାଖାପାଖି ୧କୋଟି ଟଙ୍କା ଦୁଇଜଣ ସାଂସଦ ଯୋଗାଇଦେବା ପ୍ରଥମରୁ ରହସ୍ୟାବୃତ୍ତ ହୋଇଥିଲା । ତେବେ ଏହି ଟଙ୍କା ବିନିଯୋଗ ହେବା ପରେ ରହସ୍ୟର ଭାନୁମତୀ ପେଡ଼ି କେତେକାଂଶରେ ଖୋଲିଛି । ଯେଉଁ କେତୋଟି ଭିନ୍ନ ପ୍ରକଳ୍ପର କାମ ନାମକୁ ମାତ୍ର କରାଯାଇଥିଲା ସେସବୁର ଆଉ ଚିହ୍ନବର୍ଣ୍ଣ ନାହିଁ । ମୁଖ୍ୟତଃ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ହେଉ କି ହାଇମାଷ୍ଟ ଲାଇଟ୍ ଲଗାଇବାରେ ହେଉ, ଯେଉଁ ବିପୁଳ ଟଙ୍କା ବିନିଯୋଗ ହୋଇଛି ବୋଲି କୁହାଯାଇଛି ସେସବୁକୁ ଯେ କେହିବି ଅନୁଧ୍ୟାନ କଲେ ଯେପରି ନିମ୍ନମାନର ଅନାମଧେୟ କମ୍ପାନୀର ସାମଗ୍ରୀ ବ୍ୟବହାର କରାଯାଇଛି ତା'ର ମୂଲ୍ୟ ବିନିଯୋଗର ୨୫ପ୍ରତିଶତରୁ ଅଧିକ ହେବନାହିଁ । ଅନାବଶ୍ୟକ ସ୍ଥଳେ ଏବଂ ଲାଇଟ୍ ଥିବା ସ୍ଥାନରେ ଲାଇଟ୍ ଲଗାଯାଇଛି । ଗହୀର ପାଟ ରାସ୍ତାକୁ ଆଲୋକୀକରଣ କରାଯାଇଛି । ଯାହାର ସ୍ଥାୟୀତ୍ୱ ୬ମାସରୁ ଅଧିକ ହୋଇନପାରେ । ଆଉ ସବୁଠାରୁ କୌତୁହଳର କଥାହେଲା ଏହି ଲାଇଟ୍ ଲଗାଇବା କାମ ବିଦ୍ୟୁତ୍ ବିଭାଗକୁ ଛାଡ଼ି ବ୍ଲକ୍ ମାଧ୍ୟମରେ କରାଯାଇଛି । ଏପରିକି ଏହାର ପ୍ଲାନ୍ ଏଷ୍ଟିମେଟ୍‌କୁ ବିଦ୍ୟୁତ୍ ବିଭାଗର କୌଣସି ଯନ୍ତ୍ରୀ ପଦାଧିକାରୀ ବୈଷୟିକ ମଂଜୁରୀ ଦେଇନାହାଁନ୍ତି । ବରଂ ବିଦ୍ୟୁତ୍ ବିଭାଗ ଅଜାଣତରେ ଏହି କାମ କରାଯାଇଛି । **(ଶେଷ ପୃଷ୍ଠା ଦେଖନ୍ତୁ)**

# ନୂଆପଡ଼ା ଉପ ନିର୍ବାଚନ: ପ୍ରବାସୀ ଭୋଟରଙ୍କ ଉପରେ ନଜର

**ଭୁବନେଶ୍ୱର,୨୩।୧୦: ତଥ୍ୟ**

ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡା ଉପର୍ନିବାଚନ ପାଇଁ ମତଦାନ ହେବାକୁ ଯାଉଥିବାବେଳେ ତିନି ପ୍ରମୁଖ ଦଳଙ୍କ ନଜର ଏବେ ପ୍ରବାସୀ ଭୋଟରଙ୍କ ଉପରେ । ଏମାନଙ୍କ ଭୋଟ ପ୍ରାର୍ଥୀଙ୍କ ଭାଗ୍ୟ ବଦଳାଇ ଦେବ ବୋଲି କୁହାଯାଉଥିବାବେଳେ କେତେ ପ୍ରବାସୀ ଭୋଟ ଦେବାକୁ କର୍ମକ୍ଷେତ୍ର ଛାଡି ଆସିବେ ତାହାକୁ ନେଇ ଆକଳନ କରିବା କାଠିକରପାଠ ହୋଇଛି ।

ନୂଆପଡା ବିଧାନସଭା କ୍ଷେତ୍ରରେ ପ୍ରାୟ ଅଢେଇ ଲକ୍ଷ ଭୋଟର ଥିବାବେଳେ ଏମାନଙ୍କ ମଧ୍ୟରୁ ପାଖାପାଖି ୪୦ହଜାର । ଏହି ଶ୍ରମିକମାନେ ରାଜ୍ୟ ବାହାରେ କାର୍ଯ୍ୟରତ । ନୂଆପଡା ଗୋଟିଏ ଶିଳ୍ପ ବିହୀନ ଜିଲ୍ଲା ହୋଇଥିବାରୁ ଏଠାକାର ଯୁବବର୍ଗ କାର୍ଯ୍ୟ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଇଥାନ୍ତି । ତେବେ ଏହି ଶ୍ରମିକମାନେ ସାଧାରଣତଃ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇରେ ଘରକୁ ଆସିଥାନ୍ତି । ମାସକତଳେ ଆସିଥିବା ଏହି ଶ୍ରମିକଙ୍କ ମଧ୍ୟରୁ ସଂଖ୍ୟାଧିକ ନିଜନିଜ କର୍ମକ୍ଷେତ୍ରକୁ ଫେରିଛନ୍ତି । ଏମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ଭୋଟର ଆସି ଉପନିର୍ବାଚନରେ ଭୋଟ ଦେବେ ତାହା ଆକଳନ କରାଯାଇ ପାରୁନାହିଁ । ତେବେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରବାସୀ ଭୋଟରଙ୍କୁ ଆଣି ନିଜ ସପକ୍ଷରେ ଭୋଟ ଦେବାଲାଗି ଉଦ୍ୟମ ଆରମ୍ଭ ହୋଇଯାଇଛି ।

ଅନ୍ୟପକ୍ଷରେ ମୋଟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ହେଉଛନ୍ତି ଆଦିବାସୀ । ଏମାନଙ୍କ ସଂଖ୍ୟା ପ୍ରାୟ ଏକ ଲକ୍ଷ ହେବ । ନୂଆପଡା ରାଜନୀତିରେ ଆଦିବାସୀଙ୍କ ଭୋଟ ପ୍ରମୁଖ ଭୂମିକା ନିର୍ବାହ କରୁଥିବାବେଳେ ସେମାନଙ୍କ ଉପରେ ଏବେ ତିନି ଦଳ ଦୃଷ୍ଟି ନିବଦ୍ଧ କରିଛନ୍ତି । ତେବେ



ଇତି ମଧ୍ୟରେ ଆଦିବାସୀସଂଘ ବହୁ ଭାଗରେ ବିଭକ୍ତ ହୋଇ ଭିନ୍ନଭିନ୍ନ ଦଳକୁ ସମର୍ଥନ କରୁଥିବା ଲକ୍ଷ୍ୟ କରାଯାଉଛି । ତେବେ ଶେଷ ମୁହୂର୍ତ୍ତରେ ଆଦିବାସୀଙ୍କ ଭୋଟର ସିଂହଭାଗ ନିଜ ପଟୁ ଆଣିବାକୁ ତିନି ଦଳ ଏବେଠାରୁ ବିଭିନ୍ନ ପନ୍ଥା ଆପଣେଇବାରେ ଲାଗିଛନ୍ତି ।

କେବଳ ଆଦିବାସୀ ଭୋଟ ନୁହେଁ, ଏସ୍‌ସି ବର୍ଗର ଭୋଟ ମଧ୍ୟ ଏଠାରେ ପ୍ରାୟ ୧୫ ପ୍ରତିଶତ ରହିଛି । ତେଣୁ ଏହି ବର୍ଗଙ୍କ ଭୋଟ ମଧ୍ୟ ରାଜନୈତିକ ଦଳଗୁଡିକ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ ସୁଦ୍ଧା ଏହି ବର୍ଗର ଭୋଟରମାନେ କାହା ପଟକୁ ଯିବେ ସେଥିନେଇ କୌଣସି ଘୋଷଣା କରିନଥିବାବେଳେ ରାଜନୈତିକ ଦଳଗୁଡିକ କିନ୍ତୁ ଏହି ଭୋଟରଙ୍କ ଉପରେ ନଜର ରଖିଛନ୍ତି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ନୂଆପଡାର ମହିଳା ଭୋଟର । କାରଣ ଏମାନଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ । ମହିଳାମାନେ ଯାହାକୁ ଅଧିକ ସଂଖ୍ୟାରେ ଭୋଟ ଦେବେ ସେହି ପ୍ରାର୍ଥୀ ବିନା ବାଧାରେ ବିଜୟୀ ହେବ ବୋଲି ଆକଳନ କରାଯାଉଛି । ତେଣୁ ମହିଳା ଭୋଟରଙ୍କୁ ମନାଇବା ପାଇଁ ତିନି ପ୍ରମୁଖ ଦଳ ବିଭିନ୍ନ ପନ୍ଥା ଗ୍ରହଣ କରିବାରେ ଲାଗିଛନ୍ତି । ନିର୍ବାଚନୀ ପ୍ରଚାରରେ ଏବେ ମିଶନ ଶକ୍ତିଠାରୁ ଆରମ୍ଭ କରି ସୁଭଦ୍ରା ପର୍ଯ୍ୟନ୍ତ ବିଭିନ୍ନ ଯୋଜନାକୁ ଯୋଡିବା ଆରମ୍ଭ ହୋଇଛି ।

ନୂଆପଡା ଏଭଳି ଏକ ନିର୍ବାଚନ ମଣ୍ଡଳୀ ଯେଉଁଠୁ ଅତୀତରେ କଂଗ୍ରେସ, ଗଣତନ୍ତ୍ର ପରିଷଦ, ସ୍ୱତନ୍ତ୍ର ଦଳ, ସ୍ୱାଧୀନ, ବିଜେଡି ଓ ବିଜେପି ପ୍ରାର୍ଥୀ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସବୁ ବର୍ଗର ପ୍ରାର୍ଥୀଙ୍କ ପରଖିଥିବା ନୂଆପଡା ଭୋଟର ଏଥର କାହାକୁ ବିଜୟୀ କରାଇବେ ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ଭୋଟରଙ୍କୁ ନିଜ ପଟକୁ ଆଣିବାକୁ ରାଜନୈତିକ ଦଳଗୁଡିକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି ।

ଉଲ୍ଲେଖନୀୟ ଯେ ୨୦୨୪ ନିର୍ବାଚନରେ ଏଠାରୁ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ୬୧ହଜାରରୁ ଅଧିକ ଭୋଟ ପାଇ ବିଜୟୀ ହୋଇଥିବାବେଳେ ତାଙ୍କର ଆକସ୍ମିକ ମୃତ୍ୟୁ ଯୋଗୁଁ ଏଠାରେ ଉପନିର୍ବାଚନ ହେଉଛି । ସେହିଭଳି ଉକ୍ତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଘାଷିରାମ ମାଝୀ ୫୦ହଜାରରୁ ଅଧିକ ଭୋଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଘାଷିରାମ ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି । ତୃତୀୟ ସ୍ଥାନରେ ଥିବା ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କୁ ଦଳ ଏଥର ଟିକଟ ନଦେଇ ସ୍ୱର୍ଗତ ଢୋଲକିଆଙ୍କୁ ପୁଅ ଜୟ ଢୋଲକିଆଙ୍କୁ ଦଳୀୟ ପ୍ରାର୍ଥୀ କରିଛି ।

## ଭାଗ ବଣ୍ଟାକୁ ନେଇ ଭାଇର ଆକ୍ରମଣରେ ଭାଇ ମୃତ୍ୟୁ



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

କଥାରେ ଅଛି, ଭାଇ ପରି ମିତ୍ର ନାହିଁ ଭାଇ ପରି ଶତ୍ରୁ ନାହିଁ। ଏହି ଉକ୍ତର ପ୍ରତିଫଳନ ଘଟିଛି ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅଧିନ ବଣକାଟି ଗାଁରେ। ଘରଡିହ ବଣ୍ଟନକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଥିବା ଗଣ୍ଡଗୋଳ ଉଗ୍ରରୂପ ଧାରଣା କରିଥିଲା। ଦୁଇ ଭାଇଙ୍କ ମଧ୍ୟରେ ଘରଡିହ ବଣ୍ଟନକୁ ନେଇ ପୂର୍ବରୁ ଅସନ୍ତୋଷ ଲାଗି ରହିଥିଲା। ଗତ ସୋମବାର ଦିନ ସ୍ୱର୍ଗତ ନିତାଇ ସିଂଙ୍କ ସାନ ପୁଅ ଅଭିରାମ ସିଂ ଓରଫ କଡ଼ି ତାର ବଡ ଭାଇ ବୁଧିରାମ ସିଂ(୪୪)କୁ ଠେଙ୍ଗାରେ ଆକ୍ରମଣ କରିଥିଲା। ବୁଧିରାମ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ହାତୀଗଡ ହସପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ବୁଧିରାମ ମୃତ୍ୟୁ ବରଣ କରିଥିବା ବେଳେ ସଂଧ୍ୟାରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେଣୁ କଥାରେ କହନ୍ତି, ସ୍ତ୍ରୀକୁ ଚିହ୍ନିବ ରୋଗ ବେଳେ, ଭାଇଙ୍କୁ ଚିହ୍ନିବ ଭାଗ ବେଳେ। ଏ ନେଇ ରାଇବଣିଆ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅଭିଯୁକ୍ତ ଅଭିରାମ ଫେରାର ରହିଛି।

## ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ରେଢ଼ାଖୋଲ: ଏକ୍ସପ୍ରେସ ନ୍ୟୁଜ୍**




ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ପଞ୍ଚାୟତ ୫୫ ନଂ ଜାତୀୟ ରାଜପଥ ଠାରୁ ଗାଡୁମୁଣ୍ଡା ଆରଡି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକାଦାରଙ୍କ ମନମୁଖୀ ଏବଂ ଅନିୟମିତତା କାର୍ଯ୍ୟକୁ ନେଇ ବୁଧବାର ଶତାଧିକ ସଂଖ୍ୟାରେ ଗ୍ରାମବାସୀମାନେ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ପହଞ୍ଚି ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ରାସ୍ତା ନିର୍ମାଣରେ ଠିକା ସଂସ୍ଥା ମନମୁଖୀ କାର୍ଯ୍ୟ କରୁଛି, ରାଜସ୍ୱ ନୀରିକ୍ଷକଙ୍କ ବିନା ସହାୟତାରେ କାର୍ଯ୍ୟ ଚାଲିଛି। ଗ୍ରାମରେ ଥିବା ଏକ ବିଦ୍ୟାଳୟରେ ବିନା ଅନୁମତିରେ ଠିକାଦାର ରାସ୍ତା ନିର୍ମାଣ ସାମଗ୍ରୀ ଯଥା ଚିପସ୍, ବାଲି, ଡ୍ରଷ୍ଟ ଇତ୍ୟାଦି ସ୍କୁଲ ପରିସରରେ ରଖାଯାଇଛି। ଏଥିରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସହିତ କୋଳାହଳ ସୃଷ୍ଟି ହେଉଅଛି। ପୂର୍ବରୁ ଥିବା ପଞ୍ଚାୟତ ସମିତି କଂକ୍ରିଟ ରାସ୍ତା, ରାସ୍ତା ନିର୍ମାଣ ପାଇଁ ଲୋଡର୍ଙ୍ଗି ହାଇୱା ଗାଡି ବାରମ୍ବାର ଚାଲିବାରୁ ରାସ୍ତା ନଷ୍ଟ ହୋଇଯାଇଛି। ଗ୍ରାମର ଥିବା ନାଳ ଗୁଡିକରୁ ଶହ ଶହ ସଂଖ୍ୟାରେ ବେଆଇନ ଭାବେ ବାଲି ଖନନ କରାଯାଉଥିବାରୁ ପ୍ରାକୃତିକ ପରିବେଶ ନଷ୍ଟ ହେବାକୁ ଲାଗିଛି। ଜେଇଙ୍କ ଅନୁପସ୍ଥିତିରେ ରାତ୍ରି ସମୟରେ ନିମ୍ନମାନର କାର୍ଯ୍ୟ ସମ୍ପାଦନ କରାଯାଉଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ କାର୍ଯ୍ୟ ଚାଲିଛି। ରାସ୍ତାରେ ଥିବା ଗଛ ଏବଂ ଇଲେଟ୍ରି ପୋଲ ଗୁଡ଼ିକୁ ନ ହଟାଇ ରାସ୍ତା କାର୍ଯ୍ୟ ଚାଲିଥିବା ଅଭିଯୋଗ କରିଛନ୍ତି। ଏଥିରେ ଉପଜିଲ୍ଲାପାଳ ଶ୍ରୀ ମହନ୍ତ ଗ୍ରାମବାସୀମାନଙ୍କ ସମସ୍ୟା ଗୁଡ଼ିକ ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ବେଳେ ପିଣ୍ଟୁ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ବିଶ୍ୱାମିତ୍ର ବେହେରା, ବିଦେଶୀ ପ୍ରଧାନ, ନରେଶ ବେହେରା, ବିନୋଦ ବିହାରୀ ସ୍ୱାଇଁ, ମୁକ୍ତା ପ୍ରଧାନ, ଦୁତି ସାହୁ ପ୍ରମୁଖ ସମେତ ଗ୍ରାମର ଶତାଧିକ ସଂଖ୍ୟାରେ ମହିଳା ପୁରୁଷମାନେ ସାମିଲ ରହିଥିଲେ।

## ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ମାର୍କେଟ କମ୍ପ୍ଲେକ୍ସ କାହା ସ୍ୱାର୍ଥରେ

**କୁକୁଡ଼ାଖଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାରେ ବିଡିଓ ଓ ଦଲାଲ ମିଶି ସରକାରୀ ଅର୍ଥ ଲୁଟ ଯୋଜନା ପ୍ରଥମେ କୁକୁଡାଖଣ୍ଡି ବ୍ଲକରୁ ଆରମ୍ଭ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ରାଜ୍ୟରେ ରଙ୍ଗବୋଲା ବିଜେପି ସରକାରଙ୍କ ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୁତି ଜେନା ଏବଂ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ (ମୁହଁରେ ରଙ୍ଗବୋଲା - ନାଟୁଆ) ବିଧାୟକ ସିଦ୍ଧାନ୍ତ ମହାପାତ୍ର ଭଳି ଦୁଇ ରଙ୍ଗ ବୋଲା ନେତାଙ୍କ ସମର୍ଥନରେ ବିଡିଓ ପଲ୍ଲବୀ ସ୍ୱାଇଁ ଆଖିବୁଜି ସରକାରୀ ଅର୍ଥ ହଡପ କରିଚାଲିଛନ୍ତି। ସୂଚନା ଅନୁଯାୟୀ ବିଡିଓଙ୍କ ସ୍ୱାମୀ ଜିଲ୍ଲାପାଳ ସାରଙ୍କ ହେଡକ୍ୱାଟର ଛତ୍ରପୁର ଡିଭିଜନାଲ ଅଧିକାରୀ ଏବଂ ଭଉଣୀ ସମ୍ପୃକ୍ତ ବ୍ରହ୍ମପୁର ସବଡିଭିଜନ କାର୍ଯ୍ୟାଳୟ କର୍ମଚାରୀ ଏହି ବ୍ଲକ ବିଡିଓଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ କରାଗଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ବିଡିଓ ଶ୍ରୀମତି ସ୍ୱାଇଁ ଦୀର୍ଘ ବର୍ଷ ହେଲା ଏଠାରେ ରହିଥିଲେ ମଧ୍ୟ ଅନ୍ୟ ଜିଲ୍ଲାକୁ ବଦଳି ହେବା ଅସମ୍ଭବ ବୋଲି ତାଙ୍କରି ଦଲାଲ ଗୋଷ୍ଠୀ ପ୍ରଚାର କରିବା ପ୍ରଶାସନିକ ବିଫଳତାକୁ ପଦାରେ ପକାଇସାରିଲାଣି। ଏକ ଘଟଣାକ୍ରମରେ କୁକୁଡା ଖଣ୍ଡି ବ୍ଲକ ଅନ୍ତର୍ଭୁକ୍ତ ଜଗଦଳପୁର ଗ୍ରାମରେ ଅନ୍ୟତ୍ର ନୂତନ ସ୍କୁଲ କୋଠା ନିର୍ମାଣ କାର୍ଯ୍ୟ ସରିବା ପରେ ପୁରାତନ ସ୍କୁଲ କୋଠା ପରିତ୍ୟକ୍ତ ଅବସ୍ଥା ରେ ପଡିଥିଲା। ଏହି ଅବସରରେ ପ୍ରାଥମିକ ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ପରେ ଏହାର କାନ୍ଥକୁ ଲାଗି ରହିଥିବା ଗ୍ରାମର ପାଠାଗାରକୁ ବର୍ତ୍ତମାନର ପୁରାତନ ସ୍କୁଲ ପରିତ୍ୟକ୍ତ କୋଠାକୁ ଭାଙ୍ଗି ସମ୍ପୃକ୍ତ 'ଯୁବ ଜାଗରଣ ପାଠାଗାର' ଏବଂ 'ଗାୟତ୍ରୀ କ୍ଲବ'କୁ ଆସୁଥିବା ହିତାଧୀକାରୀଙ୍କ ପାର୍କିଂ ସମେତ ସମାରୋହ ସମାପନ ନିମନ୍ତେ ଖୋଲା ଛାଡିବା ପାଇଁ ଲିଖିତ ଅନୁରୋଧ କରାଯାଇଥିଲା। ବିଡିଓ ନିଜେ ଗ୍ରାମବାସୀମାନେ ସାକ୍ଷାତ କରି ଲିଖିତ ଅଭିଯୋଗ କରିବା ଯୋଗୁଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ବନ୍ଦ କରି ଥିଲେ। ଏହା ବ୍ୟତିତ ଗ୍ରାମ ପରିସରରେ ଅନ୍ୟତ୍ର ସରକାରୀ ପତିତ ଜାଗା ଉପଲବ୍ଧ ରହିଥିବା ସତ୍ତ୍ୱେ ସରପଞ୍ଚ ନିଜେ ମନଇଚ୍ଛା ସ୍କୁଲ କୋଠା କୁ ଭାଙ୍ଗି ସେଠାରେ ସେ ଏକକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ପୁରାତନ ସ୍କୁଲ କୋଠା ଭାଙ୍ଗିବା ବିଷୟରେ ଆଦୌ ଜାଣି ନଥିବା କହିଛନ୍ତି। ଏଥିପାଇଁ ପାଠାଗାର କିମ୍ବା ଗ୍ରାମବାସୀମାନଙ୍କୁ ଅବଗତ କରାନଯାଇ ବିଡିଓଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ କେଉଁ ଅଧିକାର ଆଉ କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଛି, ଏହାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ପ୍ରକାଶ ଥାଉକି, ଏହି ବିଷୟରେ ସେପ୍ଟେମ୍ବର ମାସରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଗ୍ରାମବାସୀମାନେ ଗଞ୍ଜାମ ଜିଲ୍ଲାପାଳ, ଛତ୍ରପୁର ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ରହ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି ଠାରେ ପୁରାତନ ସ୍କୁଲ କୋଠା ନିର୍ମାଣ ପାଇଁ ୩୦ବର୍ଷ ପୁରାତନ ପାଠାଗାର ଜମିକୁ ଶିକ୍ଷା ବିଭାଗକୁ ଦିଆଯାଇଥିଲା। ବର୍ତ୍ତମାନ ଅନ୍ୟତ୍ର ନୂତନ କୋଠା ନିର୍ମାଣ କରାଯାଇଥିବାରୁ ଏହି ଜମି ପାଠାଗାର କୁ ହସ୍ତାନ୍ତର ଦାବି ହୋଇ ଥିବା ଏଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପଛରେ ଗ୍ରାମ କିଛି ଟାଉଟରଙ୍କ ସହଯୋଗରେ ସରପଞ୍ଚ ବିଡିଓଙ୍କ ଦଲାଲ ସାଜି ସରକାରୀ ଅର୍ଥ ବାଟମାରଣାକୁ ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି।



## ଅରିଲୋରେ ଭାଗବତ ପାରାୟଣ

**ମାହାଙ୍ଗା:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ସାହାପୁର ପଞ୍ଚାୟତ ଅରିଲୋ ରାମମନ୍ଦିର ପରିସରରେ ତୃତୀୟ ବାର୍ଷିକ ଉତ୍ସବ ଅବସରରେ ସାତ ଦିନ ବ୍ୟାପୀ ଭାଗବତ ପାରାୟଣ ଅନୁଷ୍ଠିତ ହେଉଅଛି। ଏଥିରେ କର୍ତ୍ତା ଭାବେ ଶିବ ପ୍ରସାଦ ରାଉତ, କର୍ତ୍ତୀ ଭାବେ ଦୌପଦୀ ରାଉତ ପୂଜା କାର୍ଯ୍ୟରେ ବସିଥିବା ବେଳେ ପୂଜକ ଭାବେ ବରିଷ୍ଠ ପଣ୍ଡିତ ଶରତ କୁମାର ଷଡଙ୍ଗୀ ଓ ଦୁଃଶାସନ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ଅବସରରେ ଗୋପୂଜା, ସୂର୍ଯ୍ୟ ପୂଜା, ଅଗ୍ନି ସଂଯୋଗ ଓ ହୋମ ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟାରେ ଭଜନ ଓ କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ରହିଅଛି। ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରୁଥିବା ବେଳେ ସମସ୍ତଙ୍କ ନିମନ୍ତେ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି।

## ସରସଦା ସମିତିରେ ତାଲା ପଡିବା ଅଭିଯୋଗରେ ମାମଲା ରୁଜୁ

**ଭଣ୍ଡାରିପୋଖରୀ: ଏକ୍ସପ୍ରେସ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ତାଲା ପକାଯିବା ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଛି। ଭାରପ୍ରାପ୍ତ ସମ୍ପାଦକ ବିରଞ୍ଚି ନାରାୟଣ ରାଉତଙ୍କ ଅଭିଯୋଗ କ୍ରମେ ଥାନାରେ ୪୮୭ନଂ ମାମଲା ଜିତେନ୍ଦ୍ର କୁମାର ନାୟକ ଓ ଅନ୍ୟ ଅଜଣା ଲୋକଙ୍କ ନାମରେ ରୁଜୁ ହୋଇଛି। ମାମଲାର ତଦନ୍ତକାରୀ ଅଧିକାରୀ ସବଇନିସପେକ୍ଟର ଗଣନାଥ ସେଠୀ ତାଲା ପକାଯିବା ସମ୍ପର୍କରେ ମାଜିଷ୍ଟ୍ରେଟ ତଥା ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ପତ୍ରମାଧ୍ୟମରେ ଅବଗତ କରିଥିବା ଜଣାଯାଇଛି। ସଦ୍ୟ ତାଲା ପକାଯିବା ଦ୍ୱାରା ସମିତିର କାର୍ଯ୍ୟ ବୁଧବାର ଓ ଗୁରୁବାର ୨ ଦିନ ଧରି ବାଧାପ୍ରାପ୍ତ ହୋଇଛି। ଗତ ଅଗଷ୍ଟ ୨୫ ତାରିଖରେ ସମିତିର ନିଲମ୍ବିତ ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆଉ ସମିତିକୁ ଆସିନଥିଲେ। ସମିତିର ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ଝୁଲାଇ ଦିଆଯାଇଥିଲା। ତାଲାକୁ ଗତ ୧୭ ତାରିଖରେ ପ୍ରଶାସନ ଭାଙ୍ଗି ଦେଇଥିଲା। ଏହାର ଭଙ୍ଗାଯିବା ୪ ଦିନ ବ୍ୟବଧାନରେ ସମିତି କାର୍ଯ୍ୟାଳୟରେ ପୁନର୍ବାର ତାଲା ପକାଇ ଦିଆଯାଇଛି। ଏ ସମ୍ପର୍କରେ ପ୍ରଶାସନର ପଦକ୍ଷେପକୁ ଅପେକ୍ଷା କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସନ୍ଦେହ ଘେରରେ ରାତ୍ର ଜଗୁଆଳିର ମୃତ୍ୟୁ

**ମାର୍ଶାଘାଇ:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ହଜାରୀ ଛକ ନିକଟରେ ୨୧ତାରିଖ ବିଳମ୍ବିତ ରାତିରେ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟରେ ନିୟୋଜିତ ଥିବା ଜଣେ ରାତ୍ରୀ ଜଗୁଆଳିର ମୃତ୍ୟୁ ଘଟିଛି। ମୃତକ ସ୍ଥାନୀୟ ଅଙ୍ଗୁଳାଇ ପଞ୍ଚାୟତ ବାଲିସାହି ଗ୍ରାମର ସ୍ୱର୍ଗତ ପଦ୍ମନା ଲେଙ୍କାଙ୍କ ପୁଅ ସୁରେନ୍ଦ୍ର ଲେଙ୍କା। ସୁରେନ୍ଦ୍ର ହଜାରିଆ ଛକ ନିକଟରେ ରାତ୍ର ଜଗୁଆଳି ଥିବା ବେଳେ ନିକଟରେ ଏକ କେନାଲରେ ତାଙ୍କ ମୃତଦେହ ପଡିଥିବା ଆଜି ସକାଳୁ ଦେଖିବାକୁ ମିଳିଥିଲା। ଯାହାକୁନେଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଜଅଁରା ଆର୍ତ୍ତମୂଳର ସୁରେନ୍ଦ୍ରଙ୍କ ଜ୍ୱାଇଁ ନରେନ୍ଦ୍ର ମାର୍ଶାଘାଇ ଥାନାରେ ଅଭିଯୋଗ ପରେ ପୋଲିସ (୨୬/୨୫) ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

## ଥଇଥାନରୁ ବଞ୍ଚିତ ପରିବାରର ସମସ୍ୟାକୁ ଅନୁଧାନ କଲେ ଅତିରିକ୍ତ ଜିଲ୍ଲାପାଳ

**ରାଜନଗର:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ଅଧିବାସୀଙ୍କୁ ସରକାର ବଗପାଟିଆଠାରେ ଥଇଥାନ କରିଥିଲେ। ଏଥିପାଇଁ ସରକାର ବିଭିନ୍ନସ୍ତରରୁ ଅନୁଦାନ ଯୋଗାଇ ଦେଇଥିଲେ। ବଙ୍ଗୋପସାଗରର କରାଳ ଗ୍ରାସରୁ ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଥମ ପର୍ଯ୍ୟାୟରେ ୫୭୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୪୮ ପରିବାରଙ୍କୁ ଥଇଥାନ କରିଥିଲେ। ମୋଟ ୭୧୯ପରିବାରଙ୍କୁ ଥଇଥାନ କରିବା ପରେ ଥଇଥାନରୁ ବଞ୍ଚିତ ହୋଇଥିବା ୪୦ ଦଳିତ ପରିବାର ଅଭିଯୋଗ କରି ଆସୁଥିଲେ। ଥଇଥାନ ମଞ୍ଚର ଆବାହକ ଡଃ ଧରଣୀଧର ରାଉତ ଓ ସଭାନେତ୍ରୀ ସର୍ଣ୍ଣିତା ମଳିକଙ୍କ ଅଭିଯୋଗ ଆଧାରରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ସାତଭାୟା ଥଇଥାନସ୍ଥଳୀ ବଗପାଟିଆରେ ପହଞ୍ଚିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକିଶୋର ଜେନା, ତହସିଲଦାର ଯୀଶୁକ୍ରିଷ୍ଣ ଦାସ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିବା ସହ ଅଭିଯୋଗକାରୀଙ୍କ ମତାମତ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରସନ୍ନ କୁମାର ପରିଡା, ରାଜସ୍ୱ ନିରୀକ୍ଷକ ବିଚିତ୍ରାନନ୍ଦ ସାହୁ, ଥଇଥାନ ମଞ୍ଚର ଆବାହକ ଡଃ ରାଉତ, ମଞ୍ଚର ସଭାନେତ୍ରୀ ସର୍ଣ୍ଣିତା ମଳିକଙ୍କ ସହ ଦଳିତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଦଳିତ ପରିବାରମାନଙ୍କୁ ପ୍ରଶାସନ ଥଇଥାନ କରିବ ନାଁ ତଦନ୍ତ ଆଳରେ ସମୟ ଗଡାଇ ଚାଲିବ, ତାହା ଦେଖିବାକୁ ବାକି ରହିଲା।

## ଆବର୍ଜନା କୁଣ୍ଡ କାମରେ ଆସୁନି

**ନିଆଳି:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପଞ୍ଚାୟତକୁ ସଫା ସୁତରା ରଖିବା ନିମନ୍ତେ ନିର୍ମାଣ କରୁଛନ୍ତି ଆବର୍ଜନା କୁଣ୍ଡ। ଏହି କୁଣ୍ଡରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ନିର୍ମାଣ କରି ପଇସା ପାଇ ସାରିଲା ପରେ ସତେ ଯେମିତି ପ୍ରଶାସନର ସରିଯାଉଛି ଦାୟିତ୍ୱ। କେଉଁଠି ଭାଙ୍ଗି ଯାଉଛି ତ ଆଉ କେଉଁଠି ଲତା ଗଛ ଚଢି ଜଙ୍ଗଲର ଭ୍ରମ ସୃଷ୍ଟି କଲାଣି। କେତେକ ଆବର୍ଜନା କୁଣ୍ଡରୁ ଆଜବେଷ୍ଟ ଖୋଲି ନେଇଗଲେଣି। ଯାହାକୁ ନେଇ ସରକାରଙ୍କର ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ପ୍ରତି ପଞ୍ଚାୟତ ପାଇଁ ନିର୍ମାଣ କରାଯାଇଥିବା କୁଣ୍ଡ ପାଇଁ ଲକ୍ଷ୍ୟାଧିକ ଟଙ୍କା ପାଣିରେ ପଡିଲାଣି। ନିଆଳି ବ୍ଲକ ମାଧବ ପଞ୍ଚାୟତ ମାଧବ ଗ୍ରାମରେ ରେ ପ୍ରାୟ ତିନି ଲକ୍ଷରୁ ଉର୍ଦ୍ଧ୍ୱଟଙ୍କା ବ୍ୟୟ ବରାଦ କରାଯାଇ ଆବର୍ଜନା କୁଣ୍ଡ ନିର୍ମାଣ ହୋଇଥିବା ବେଳେ ଏଥିମଧ୍ୟରୁ କେତୋଟି ଭାଙ୍ଗି ଗଲାଣି ତ ଆଉ କେଉଁଠି ଲତା ଚଢି ଜଙ୍ଗଲ ସୃଷ୍ଟି ହେଲାଣି। ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହାର ରକ୍ଷଣା ବେକ୍ଷଣର ଦାୟିତ୍ୱ ନେଉନଥିବାରୁ ସରକାରୀ ଅର୍ଥ ପାଣିରେ ପଡିଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଓ ନିଆଳି ବ୍ଲକ ବିଡ଼ିଓଙ୍କ ପ୍ରତିକ୍ରିୟା ଦେଉନାହାନ୍ତି।

## ବାଣିଜ୍ୟ

### ସୁନା-ରୁପା ଦରରେ ବଡ଼ ଧରଣର ହ୍ରାସ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ଦୀପାବଳି ପରେ ସୁନା ଏବଂ ରୁପା ଦରରେ ଦେଖାଦେଇଛି ବଡ ହ୍ରାସ। ଉଭୟ ଧାତୁ ନିଜ ନିଜର ସର୍ବକାଳୀନ ରେକର୍ଡସ୍ତରରୁ ଖସିଆସିଛି। ୫ ଦିନରେ ସୁନା ପ୍ରାୟ ୭,୦୦୦ ଟଙ୍କା ଶସ୍ତା ହୋଇଯାଇଛି। ଅନ୍ୟପକ୍ଷରେ, ସପ୍ତାହ ମଧ୍ୟରେ ୩୨୦୦୦ ଟଙ୍କା ହ୍ରାସ ପାଇଛି ରୁପା ଦର। ଫଳରେ ଏହା ୨ ଲକ୍ଷ ଟଙ୍କା ସ୍ତର ତଳକୁ ଖସିଯାଇଛି।

ଅକ୍ଟୋବର ୧୮ରୁ ୨୨ ମଧ୍ୟରେ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୬,୮୮୦ ଟଙ୍କା ଖସିଛି। ଆଲୋଚ୍ୟ ଅବଧିରେ ୨୨ କ୍ୟାରେଟ୍ ସୁନା ଦର ୬,୩୦୦ ଟଙ୍କା ଶସ୍ତା ହୋଇଛି। କେବଳ ବୁଧବାର ଉଭୟର ଦର ଯଥାକ୍ରମେ ୪,୬୯୦ ଟଙ୍କା ଏବଂ ୪,୩୦୦ ଟଙ୍କା ହ୍ରାସ ପାଇଛି। ଗୁରୁବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ଏବଂ ୨୨ କ୍ୟାରେଟ୍ ସୁନା ଦର ଯଥାକ୍ରମେ ୧,୨୫,୮୯୦ ଟଙ୍କା ଏବଂ ୧,୧୫,୪୦୦ ଟଙ୍କା ହୋଇଛି। ସେହିଭଳି ରୁପା ଗୁରୁବାର ୭,୦୦୦ ଟଙ୍କା ଶସ୍ତା ହୋଇ ୧,୭୫,୦୦୦ ଟଙ୍କାରେ ବନ୍ଦ ହୋଇଛି। ସୁନା ଏବଂ ରୁପା ଦରରେ ଇତିମଧ୍ୟରେ ଘଟୁଥିବା ହ୍ରାସର ଅନେକ କାରଣ ରହିଛି।

ଦୀପାବଳି ଏବଂ ଧନ୍‌ତେରାସ ଭଳି ପର୍ବ ପରେ ଭାରତରେ ସୁନା ଏବଂ ରୁପା କିଣା ଥମିଯାଇଛି। ଏହାଦ୍ୱାରା ଉଭୟ ଧାତୁର ଚାହିଦା ହ୍ରାସ ପାଇଛି, ଯାହାକି ଦରହ୍ରାସର ଏକ ପ୍ରମୁଖ କାରଣ। ଅନ୍ୟ ଏକ କାରଣ ହେଉଛି ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟିକ ବିବାଦ ହ୍ରାସ। ଅର୍ଥନୈତିକ ଅସ୍ଥିରତା ସମୟରେ ସୁନା ଏବଂ ରୁପାକୁ ନିବେଶର ସୁରକ୍ଷିତ ମାଧ୍ୟମ ଭାବେ ଗଣାଯାଇଥାଏ। କିନ୍ତୁ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଚୀନ୍‌ର ସି.ଜିନ୍‌ପିଙ୍ଗଙ୍କ ମଧ୍ୟରେ ବୈଠକ ହେବାକୁଯାଉଛି, ଯେଉଁଥିରୁ କିଛି ସକାରାତ୍ମକ ଫଳାଫଳ ଆସିବା ଅନୁମାନ ରହିଛି। ଏହାଦ୍ୱାରା ବାଣିଜ୍ୟ ଯୁଦ୍ଧ ଚିନ୍ତା ସାମାନ୍ୟ ଦୂର ହୋଇଛି। ପରିସ୍ଥିତି ସୁଧୁରିବା ଦ୍ୱାରା ଲୋକେ ସୁନାରେ ନିବେଶ କମାଇଛନ୍ତି, ଯାହା ପ୍ରଭାବରେ ଦର ଖସିଛି। ନିବେଶକ ପ୍ରଫିଟ୍ ବୁକିଂ କରୁଛନ୍ତି, ଯାହା ମଧ୍ୟ ଦରହ୍ରାସର ଏକ ପ୍ରମୁଖ କାରଣ। ଆଗକୁ ମଧ୍ୟ ଦରରେ ହ୍ରାସ ଜାରି ରହିପାରେ ବୋଲି ଅନୁମାନ କରିଛନ୍ତି ବିଶେଷଜ୍ଞ।

ନିକଟରେ ସୁନା ଏବଂ ରୁପା ଦର ଉପରମୁହାଁ ହୋଇଚାଲିଥିଲା। ବର୍ଦ୍ଧିତ ଦର ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଥିଲା। ଏ ବର୍ଷ ଏଯାବତ୍ ସୁନା ଦର ୪୭,୦୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ସେହିଭଳି ଆଲୋଚ୍ୟ ଅବଧିରେ ରୁପା ୬୬,୦୦୦ ଟଙ୍କାରୁ ଅଧିକ ମହଙ୍ଗା ହୋଇଛି।

ଅନ୍ୟ ଏକ ରିପୋର୍ଟରେ ଅନୁମାନ କରାଯାଉଛି ଯେ, ରୁପା ଦରରେ ୧୯୮୦ ଭଳି ଏକ ବଡ ଧରଣର ପତନ ଘଟିପାରେ। ଆଉ କେତେକ ରିପୋର୍ଟରେ ଏହାକୁ ଖଣ୍ଡନ କରାଯାଉଛି। ବିଶେଷଜ୍ଞଙ୍କ କହିବାନୁସାରେ, ୨୦୨୫ରେ ରୁପା ଦରରେ ଆସିଥିବା ବୃଦ୍ଧି ଆନୁମାନିକ ବବଲ୍ ନୁହେଁ। ଶିଳ୍ପଗୁଡିକ ପକ୍ଷରୁ ଚାହିଦା ଯୋଗୁ ଦର ବଢୁଛି। ସେମାନଙ୍କ କହିବାନୁସାରେ, ରୁପା ଦରରେ ସାମାନ୍ୟ ସଂଶୋଧନ ଆସିପାରେ କିନ୍ତୁ ୧୯୮୦ ଏବଂ ୨୦୧୧ ଭଳି ବଡ ପତନ ଘଟି ନ ପାରେ।

## ଆବାସ ଯୋଜନା ଘର ବଦଳରେ ଫେବର୍ ମାଗି ହଟହଟା ହେଲେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ

**ଓଡ଼ାପଡ଼ା : ଏକ୍ସପ୍ରେସ ନ୍ୟୁଜ୍**



ମହିଳାଙ୍କୁ ଅସଦାଚରଣ କରି ହରଡ ଘଟଣାରେ ସଦାଶିବପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ। ଆବାସ ଘର ବଦଳରେ ମାଗୁଥିଲେ ଫେବର। ବିରୋଧ କରିବାରୁ ପଞ୍ଚାୟତକୁ ଅନ୍ତୋଦୟ ଆବାସ ଯୋଜନା କାର୍ଯ୍ୟାଦେଶ ନେବାକୁ ଆସିଥିବା ଜଣେ ବିଧବା ମହିଳା ହିତାଧିକାରୀଙ୍କୁ ଏକୁଟିଆ କାର୍ଯ୍ୟାଳୟକୁ ଡାକି ଜାତିଆଣ ଆକ୍ଷେପ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପୂର୍ବରୁ ବହୁ ବିବାଦ କରି ବାରମ୍ବାର ବଦଳି ହେଉଥିଲେ ବି ସୁଧୁରୁ ନାହାନ୍ତି ଯୌନ ପିପାସୁ ପଞ୍ଚାୟତ ନିର୍ବାହୀ ଅଧିକାରୀ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ନାଗରିକଙ୍କୁ କିପରି ଉତ୍ତମ ବ୍ୟବହାର କରିବା ସହିତ ଯଥାଶୀଘ୍ର ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାପାଇଁ ଖୋଦ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବେଳେ, ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକରେ ବିଭିନ୍ନ ସମୟରେ ତାହାର ବାରମ୍ବାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। କେତେବେଳେ ସରକାରୀ ବାବୁମାନେ ସାମ୍ବାଦିକମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି ତ କେତେବେଳେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀଙ୍କୁ ମଧ୍ୟ ନିର୍ଯାତନାର ଶିକାର ହେବାକୁ ପଡୁଛି। ଯେଉଁଥିରୁ ସାଧାରଣ ମହିଳାଟିଏ ମଧ୍ୟ ବାଦ ପଡୁନି। ପୂର୍ବ ସରକାରଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ସରକାର, ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା ବେଳେ ବାସ୍ତବରେ କିନ୍ତୁ ଏସବୁ କଥା କେବଳ କାଗଜକଲମରେ ସୀମିତ ହୋଇଯାଇ ରହିଯାଉଛି। ଆଜି ବି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସରକାରୀ କର୍ମଚାରୀ ବାବୁମାନଙ୍କର ଲୋଲୁପ ଦୃଷ୍ଟିରୁ ବର୍ତ୍ତି ପାରୁନାହାନ୍ତି ନିରୀହ ମହିଳା। ଅନେକ ସମୟରେ ଅତ୍ୟାଚାର ଓ ନିର୍ଯ୍ୟାତନାରେ ଶିକାର ହେବାର ଖବର ପ୍ରତ୍ୟେକ ଦିନ ବିଭିନ୍ନ ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଭଳି ଏକ ସଙ୍ଗିନ ଓ ଗୁରୁତର ଅଭିଯୋଗ ଆସିଛି ଓଡାପଡା ବ୍ଲକ ସଦାଶିବପୁର ଗ୍ରାମପଞ୍ଚାୟତର କରିତକର୍ମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ନାୟକ (ରଞ୍ଜି)ଙ୍କ ବିରୋଧରେ। ବାସଗୃହ ନଥିବା ଜଣେ ଗରିବ ନିରହ ଅସହାୟ ବିଧବା ମହିଳାଙ୍କୁ ଜାତିଆଣ ଆକ୍ଷେପ କରି ଦୁର୍ବ୍ୟବହାର କରିବା ସହିତ ଆବାସ ଘର ବଦଳରେ ମୋତେ ଟିକେ ଖୁସି କରିଦିଅ କହି ପ୍ରେମ ନିବେଦନ କରୁଥିବାର ଅଭିଯୋଗ କରିଛନ୍ତି ଖୋଦ ମହିଳା ହିତାଧିକାରୀ। ସରପଞ୍ଚଙ୍କୁ ଅଭିଯୋଗ ପରେ ବି କିଛି ନ୍ୟାୟ ନ ମିଳିନବାରୁ ବାଧ ହୋଇ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମହିଳା। ହେଲେ ଘଟଣାର ଚାରିଦିନ ବିତିଯାଇଥିଲେ ମଧ୍ୟ, ସଂପୃକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ହାତ ବାନ୍ଧି ବସିଯାଇଛି ସଦର ଥାନା ପୋଲିସ। ସୂଚନା ଅନୁଯାଇ ଗତ ୧୯ ତାରିଖ ରବିବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଅନ୍ତୋଦୟ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସଦାଶିବପୁର ଗ୍ରାମପଞ୍ଚାୟତରେ ମଧ୍ୟ ଏଗାର ଜଣ ହିତାଧିକାରୀଙ୍କୁ ସରପଞ୍ଚ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସେହି ଏଗାର ଜଣ ହିତାଧୀକାରୀ ମଧ୍ୟରୁ ଜୈନେକ ଅସହାୟ ବିଧବା ମହିଳା ଜଣଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ କାର୍ଯ୍ୟାଳୟ ଭିତରକୁ ଡାକି ନେଇ କହିଲେ କି ତମ ନାଁରେ ଅଭିଯୋଗ ଥାଇ ମଧ୍ୟ ମୁ ତମକୁ ଘର ଯୋଗାଇ ଖୁସି କରିଦେଲି ତମେ ଟିକେ ମୋତେ ଖୁସୀ କରିଦିଅ। ଜୈନେକ ମହିଳା ଜଣଙ୍କ ପ୍ରତିବାଦ କରିବାରୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରି ତମ ଭଳି ଛୋଟ ଲୋକ ରାଣ୍ଡିଖଣ୍ଡିମାନଙ୍କୁ ମାଗଣାରେ ଘର ଦେବାଟା ମୋର ଭୁଲ ହେଇଗଲା ଓ ବ୍ଲକ୍ ଗଲେ ଦେଖି ନେବି କହି ପୁର୍ନବାର ଧମକ ପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ। ଏ ବାବଦରେ ଅଧିକ ସୂଚନା ପାଇଁ ପଞ୍ଚାୟତର ସରପଞ୍ଚ ଧରିତ୍ରୀ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ପ୍ରତିକ୍ରିୟାରେ ରଖି କହିଛନ୍ତି ଯେ ସେଦିନ ମୁଁ କାର୍ଯ୍ୟାଦେଶ ବଣ୍ଟନରେ ବ୍ୟସ୍ତ ଥିବା ବେଳେ ହଠାତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତରବରରେ ମୋତେ କିଛି ନ କହି ଚାଲିଗଲେ।



## ସିନେମାଫିନେମା ଟିଭିଫିବି

### ଏକାଠି ନଜର ଆସିବେ ସ୍ମୃତି ଇରାନୀ ଓ ବିଲ ଗେଟସ୍

ଭାରତୀୟ ଟେଲିଭିଜନର ସବୁଠାରୁ ଆଶ୍ଚର୍ଯ୍ୟଜନକ ମୁହୂର୍ତ୍ତ ମଧ୍ୟରୁ ଗୋଟିଏରେ, 'କ୍ୟୁଙ୍କି ସାସ୍ ଭି କଭି ବୋହୂ ଥି'ରେ ଏକ ଆଶ୍ଚର୍ଯ୍ୟଜନକ କ୍ୟାମିଓ ଦେଖାଯିବ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ନିକଟରେ ଆସିଥିବା ଏକ ପ୍ରୋମୋରେ ତୁଳସୀ ଭିଡିଓ କଲରେ ଜଣେ ବିଶ୍ୱ ତାରକାଙ୍କ ସହ କଥା ହେଉଥିବା ଦେଖାଯାଇଛି, ଏବଂ ବର୍ତ୍ତମାନ ଏହି ରହସ୍ୟମୟ ବ୍ୟକ୍ତିଙ୍କ ଅଛି, ଏବଂ ଏଥର, ଏହାର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟଜନକ କ୍ୟାମିଓ ହେଉଛି କାରଣ। ଶୋ'ର ପ୍ରୋମୋରେ, ଏହା ଦେଖାଯାଉଛି ଯେ ସ୍ମୃତି ଇରାନୀଙ୍କ ସହ ଭିଡିଓ କଲରେ ଦେଖାଯାଉଥିବା ବ୍ୟକ୍ତି ଆଉ କେହି ନୁହଁନ୍ତି ବରଂ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ଏବଂ ପ୍ରସିଦ୍ଧ ବ୍ୟବସାୟୀ ବିଲ ଗେଟସ। ହଁ, ଏହା ସତ୍ୟ ଯେ ତୁଳସୀ ଏବେ ବିଲ ଗେଟସ୍‌ଙ୍କ ସହ କଥା ହେଉଥିବାର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଆଇକନିକ ଟିଭି ଶୋ 'କ୍ୟୁଙ୍କି ସାସ୍ ଭି କଭି ବୋହୂ ଥି' ଏହାର ନୂଆ ସିଜିନ ସହିତ ପୁଣି ଥରେ ଛୋଟ ପରଦାରେ ଚହଳ ସୃଷ୍ଟି କରୁଛି। ବର୍ଷ ବର୍ଷ ପରେ ଶୋ'ର ପୁନରାଗମନ ପ୍ରଶଂସକମାନଙ୍କ ମଧ୍ୟରେ ମଧୁର ସ୍ମୃତିକୁ ଫେରାଇ ଆଣିଛି। ଦ୍ୱିତୀୟ ସିଜିନ ଦର୍ଶକଙ୍କଠାରୁ ସମାନ ଭଲପାଇବା ପାଉଛି। ଏହି ସମୟରେ, ସ୍ମୃତି ଇରାନୀଙ୍କ 'କ୍ୟୁଙ୍କି ସାସ୍ ଭି କଭି ବୋହୂ ଥି-୨' ଆଗାମୀ ଏପିସୋଡ ଗୁଡ଼ିକରେ ଏକ ବଡ଼ ମୋଡ଼ ଦେବାକୁ ଯାଉଛି, ଯାହା କେହି କଳ୍ପନା କରିପାରି ନ ଥିଲେ, ଯାହା କାରଣରୁ ଶୋ'ଟି ପୁଣି ଥରେ ଟିଆରପି ଚାର୍ଟରେ ନିଜର ଦୃଢ଼ ସ୍ଥିତି ବଜାୟ ରଖିଛି।

ଟିଭି ଶୋ 'କ୍ୟୁଙ୍କି ସାସ୍ ଭି କଭି ବୋହୂ ଥି' ପୁଣି ଥରେ ଶିରୋନାମାରେ ପରିଚୟ ଶେଷରେ ପ୍ରକାଶ ପାଇଛି।

ଦେଖାଯିବେ। ଅଭିନେତ୍ରୀ ନିଜେ ଏକ ମିଡିଆ ହାଉସ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଏହି ଭାଇରାଲ ଖବରକୁ ନିଶ୍ଚିତ କରିଛନ୍ତି।

ଅଭିନେତ୍ରୀ କହିଛନ୍ତି, 'ଏହା ଭାରତୀୟ ମନୋରଞ୍ଜନ ଶିଳ୍ପ ପାଇଁ ଏକ ଐତିହାସିକ ମୁହୂର୍ତ୍ତ, କାରଣ ଏହା ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ମୁଖ୍ୟଧାରାରେ ସାମିଲ କରିବା ଦିଗରେ ଏକ ଦୃଢ଼ ପଦକ୍ଷେପ।' ଏହା ବିଲ ଗେଟସଙ୍କର ଦ୍ୱିତୀୟ ଟିଭି ଆପିୟରନ୍ସ ହେବ। ହଁ, ସେ ପୂର୍ବରୁ 'ଦି ବିଗ ବ୍ୟାଙ୍ଗ ଥିଓରୀ'ରେ ଦେଖାଦେଇଛନ୍ତି।

# ବାଘୁଆ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ନିମ୍ନମାନର

**୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥରେ ଚାଲିଥିବା ମରାମତି ଓ ନବୀକରଣ କାମ ଉପରେ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଠିକାଦାର ସଂସ୍ଥା ଓ ଜାତୀୟ ରାଜପଥ ବିଭାଗର ଉଦାସୀନତା ପାଇଁ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ଉଠିଛି । ସମୟ ସୀମା ବିତିଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଅଂଶର କାମ ସାରି ପାରିନଥିବାରୁ ଜନସାଧାରଣ ମଧ୍ୟ ଆକ୍ରୋଶିତ । ସ୍ଥାନୀୟ ଅଞ୍ଚଳରେ ରାସ୍ତା ମରାମତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କାମର ଗୁଣଗତା ନିହାତି ନିମ୍ନମାନର ଅଟେ । ମାଟି ଓ ମୋରମ୍ ପୂରଣ କରି ଅସ୍ଥାୟୀ ଭାବରେ ରାସ୍ତା ଚାଲୁ ରଖାଯାଉଥିବା ବେଳେ ଅଳ୍ପ ବର୍ଷାରେ ମଧ୍ୟ ରାସ୍ତା ଫାଟିଯାଉଛି ଓ ଦବିଯାଉଛି । ଏହି ମୃତ୍ୟୁ ସଡ଼କ ଭାବରେ ଚର୍ଚ୍ଚିତ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ପୁଣିଥରେ ଚର୍ଚ୍ଚାରେ ଆସିଛି । ଏଥର ଚିନ୍ତାର କାରଣ - ଧର୍ମଶାଳା ବ୍ଲକ ର ବାଘୁଆ ଛକ ନିକଟରେ ନିର୍ମିତ ଫ୍ଲାଏଓଭର ବ୍ରିଜ ଯେଉଁଠାରେ ଦୁଇ ପାର୍ଶ୍ୱ ୱାଲରେ ତଳ ପର୍ଯ୍ୟନ୍ତ ଗଭୀର ଫାଟ ଦେଖାଦେଇଛି ଏବଂ ସଂଯୋଗ ରାସ୍ତା ପ୍ରାୟ ୨ ଫୁଟ ତଳକୁ ଦବିଯାଇଛି । ଏହାକୁ ନେଇ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ- ଠିକାଦାର ଓ ବିଭାଗୀୟ



ଅଧିକାରୀଙ୍କ ମଧ୍ୟରେ ଅସାଧୁ ସଠଗଠନ ହେବାରୁ ନିମ୍ନମାନର ମାଟେରିଆଲ ଦ୍ୱାରା କାମ ହେଉଛି । ଅଧିକାରୀମାନେ ଆଖି ବୁଜି ରହିବାରୁ ଠିକାଦାର ଆଇନକୁ ଫୁ କରି ଜନଧନ ବର୍ବାଦ କରୁଛି । ସ୍ଥାନୀୟ ଅଭିଯୋଗ, ନିମ୍ନମାନ ନିର୍ମାଣ ଓ ଦୁର୍ନୀତିର ପ୍ରମାଣ ହେଉଛି ଫାଟିଥିବା ୱାଲ ଓ ଦବିଯାଇଥିବା ରାସ୍ତା । ଏଭଳି ଅବସ୍ଥା ଚାଲିଥିଲେ ଯେକେହି ସମୟରେ ଦୁର୍ଘଟଣା ଘଟି ପ୍ରାଣହାନି ହେବ । ଏହି ରାସ୍ତା ସମ୍ପ୍ରସାରଣ କାମ ଗତ ନଅ ବର୍ଷ ଧରି ଅଡୁଆରେ ପଡ଼ି ରହିଛି । କିନ୍ତୁ ଠିକାଦାର ସଂସ୍ଥା ପ୍ରତି ପୁଣିପୁଣି ଅନୁଗ୍ରହ ଦେଖାଯାଉଥିବା ନେଇ ମଧ୍ୟ ଲୋକମାନଙ୍କ ମନରେ ଉଠୁଛି ପ୍ରଶ୍ନ । ଏହି ଅଭିଯୋଗ ଉପରେ ଗତ ୪ ତାରିଖରେ ହୋଇଥିବା ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଗଭୀର ଚିନ୍ତା ପ୍ରକାଶ କରିଥିଲେ । ସେ ଏକ ତଦନ୍ତ କମିଟି ଗଠନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସ୍ପଷ୍ଟ କରିଥିଲେ - ଜନଜୀବନ ସହ ଖେଳିବାକୁ ବରଦାସ୍ତ କରାଯିବ ନାହିଁ । ତେବେ ବାଘୁଆ ଫ୍ଲାଏଓଭରରେ ଫାଟ ଓ ରାସ୍ତା ଦବିଯିବା ପରେ ପୁଣିଥରେ ଏହି ଜାତୀୟ ରାଜପଥର ସ୍ଥାୟିତ୍ୱ ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ଜନସାଧାରଣ ଏବେ ଦାବି କରୁଛନ୍ତି - ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଠିକାଦାର ଓ ଅଧିକାରୀଙ୍କୁ ଦୃଢ଼ ଶାସ୍ତି ଦିଆଯାଉ ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର- ତୃତୀୟା |
|---|---|
| ୨୪.୧୦.୨୦୨୫ | ନକ୍ଷତ୍ର- ଅନୁରାଧା, ବିଛାଚନ୍ଦ୍ର |



| | |
|---|---|
| ମେଷ | : ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । |
| ବୃଷ | : ସ୍ତ୍ରୀ ସହଯୋଗ କରିବେ । |
| ମିଥୁନ | : ଉଚ୍ଚ ବ୍ୟକ୍ତିଙ୍କ ସହଯୋଗ ମିଳିବ । |
| କର୍କଟ | : ଅଧିକ ଖର୍ଚ୍ଚରେ ପଡ଼ିବେ । |
| ସିଂହ | : ପୁତ୍ର ପାଇଁ ଦୁଃଖ ପାଇବେ । |
| କନ୍ୟା | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ତୁଳା | : ଅଯଥା ଅପବାଦ ମୁଣ୍ଡାଇବେ । |
| ବିଛା | : ନୂତନ ଜମି ଲାଭ ହେବ । |
| ଧନୁ | : ପାରିବାରିକ ଅଶାନ୍ତି ଦେଖାଦେବ । |
| ମକର | : ଯାତ୍ରା ସଫଳ ହେବ । |
| କୁମ୍ଭ | : ଉଚ୍ଚ ଅଧିକାରୀ ପ୍ରଶଂସା କରିବେ । |
| ମୀନ | : ସ୍ୱାସ୍ଥ୍ୟଲାଭ କରିବେ । |

## ଛୁରୀରେ ଆକ୍ରମଣ କରି ଯୁବକ ଗିରଫ

**ବୁଗୁଡ଼ା, ୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଞ୍ଚୁରୁ ଗ୍ରାମରେ ଛୁରୀରେ ଆକ୍ରମଣ କରି ଜନୈକ ଯୁବକ ଗିରଫ ହୋଇଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ହେଲେ ବିଜୟ କୁମାର ଆପଟଙ୍କ ପୁଅ ଜିତେନ୍ଦ୍ର କୁମାର ଆପଟ (୩୦) । ଏ ନେଇ ବୁଗୁଡା ଥାନାରେ କେସ୍ ନଂ ୬୬୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, କୌଣସି ଘଟଣାକୁ କେନ୍ଦ୍ର କରି ଗତ ୧୯ ତାରିଖ ରାତିରେ ଜିତେନ୍ଦ୍ର ସେହି ଗ୍ରାମର ପ୍ରତାପ କୁମାର ସେଠୀ (୪୦)ଙ୍କ ଘର ସାମନାକୁ ଯାଇ ଜାତିଆଣ ଆକ୍ଷେପ କରି ଅଭଦ୍ର ଭାଷାରେ ଗାଳି ଗୁଲଜ କରି ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ପ୍ରତାପ ଏବଂ ତାଙ୍କ ସ୍ତ୍ରୀ ଏହାର ପ୍ରତିବାଦ କରିବାରୁ ଉଭୟଙ୍କୁ ଗାଳି କରି ଜିତେନ୍ଦ୍ର ଏକ ଛୁରୀରେ ଆକ୍ରମଣ କରିଥିଲା ଏବଂ ପ୍ରତାପଙ୍କ ବାମ ହାତର ମଝି ଆଙ୍ଗୁଳିରେ ଆଘାତ ଲାଗିଥିଲା । ଏ ନେଇ ପୋଲିସରେ ପ୍ରତାପଙ୍କ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡି ଘଟଣାର ତଦନ୍ତ ସହ ଆକ୍ରମଣରେ ବ୍ୟବହୃତ ଛୁରୀକୁ ଜବତ କରିଥିବା ବେଳେ ଅଭିଯୁକ୍ତ ଜିତେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ବିପଦସଂକୁଳ ନଡ଼ପୁର ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟ ଗୃହ

**ବୈଶିଙ୍ଗା, ୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ପଞ୍ଚାୟତର ଖୁଣ୍ଟା ଗ୍ରାମର ଥିବା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ବିପଦ ସଂକୁଳନ ଅବସ୍ଥାରେ ରହିଛି । ଏହି ବିଦ୍ୟାଳୟରେ ୫୭ଜଣ କୁନି କୁନି ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବୁଧବାର ଦିନ ବେତନଟୀ ବ୍ଲକର ଡିପିସି ଜେଇ ପ୍ରଶାନ୍ତ କୁମାର ବେହେରା ବିଦ୍ୟାଳୟ ଗୃହ ମରାମତି କରିବା ପାଇଁ ଦେଖିବାକୁ ଯାଇଥିବା ବେଳେ ଖୁଣ୍ଟା ଗ୍ରାମବାସୀଙ୍କ ଦ୍ୱାରା ବିରୋଧ ର ସମୁଖୀନ ହୋଇଛନ୍ତି । ଏଭଳିକି ଗ୍ରାମବାସୀଙ୍କର ଅସନ୍ତୋଷକୁ ବୁଝାଇବାକୁ ଯାଇ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କୁ ମୋବାଇଲ ଫୋନ ଯୋଗେ କଥା କରାଇଥିଲେ ମଧ୍ୟ ବିଡ଼ିଓଙ୍କ କଥା ଶୁଣି ଗ୍ରାମବାସୀ ଅଧିକ ଉତ୍ତେଜିତ ହୋଇଥିବା ଜଣାଯାଇଛି ।

ସୂଚନା ଅନୁସାରେ ୨୦୦୨ ମସିହାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଥିବା ପାଞ୍ଚୋଟି ଶ୍ରେଣୀ ପାଇଁ ଦୁଇଟି ଶ୍ରେଣୀ ଗୃହ ଓ ଏକ ରୋଷେଇ ଗୃହ ନିର୍ମାଣ ହୋଇଛି, ସେହି ବିଦ୍ୟାଳୟରେ ମଧ୍ୟ ଛାତ୍ରୀ ଛାତ୍ରମାନେ ଅଧ୍ୟୟନ କରୁଛନ୍ତି । ପ୍ରାୟ ୮ବର୍ଷ ପୂର୍ବରୁ ବିଦ୍ୟାଳୟ ନିକଟରେ ଥିବା ରୋଷେଇ ଗୃହକୁ ଅଚଳ ଘୋଷଣା କରାଯାଇ ଅନ୍ୟ ଏକ ରୋଷେଇ ଘର ନିର୍ମାଣ କରାଯାଇଛି ବୋଲି ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜୋସ୍ନା ସାହୁ ପ୍ରକାଶ କରିଛନ୍ତି । ମାତ୍ର ଗ୍ରାମବାସୀଙ୍କ କହିବା ଅନୁସାରେ ରୋଷେଇ ଗୃହ ଅଚଳ ଘୋଷଣା କରାଯାଇଥିବା ବେଳେ ବିଦ୍ୟାଳୟ ଗୃହ ମଧ୍ୟ ଏକ ସମୟରେ ନିର୍ମାଣ ହୋଇଥିବାରୁ ତାହା ଆଜି ପର୍ଯ୍ୟନ୍ତ ମରାମତି ମଧ୍ୟ ହୋଇପାରିନାହିଁ । ଏହି ବିଦ୍ୟାଳୟର ଦୁଇଟି ଶ୍ରେଣୀ ଗୃହ ଓ ବାରଣ୍ଡାର ଭିତର ଓ ବାହାର ପାର୍ଶ୍ୱ ସବୁ ସ୍ଥାନରେ ଫାଟ ପଡିଛି, ଅଧିକାଂଶ ଉପର ଛାତରୁ କଂକ୍ରିଟ ସିମେଣ୍ଟ ମାନ ଖସି ପଡିଥିବାର ଦେଖିବାକୁ ମିଳିଛି । ଶ୍ରେଣୀ ଗୃହ ଓ ବାରଣ୍ଡା ଛାତରୁ ଖଣ୍ଡ ଖଣ୍ଡ କଂକ୍ରିଟ ଖସୁଥିବା ବେଳେ ଅଳ୍ପକେ ବିପଦରୁ ବର୍ତ୍ତୀ ଯାଉଛନ୍ତି ଆମ ବିଦ୍ୟାଳୟର ପିଲାମାନେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାର ଅଭିଯୋଗ କରିଛନ୍ତି । ଏହି ବିଦ୍ୟାଳୟ ଗୃହ ବହୁ ପୂର୍ବରୁ ମରାମତି ହେବାକୁ ଥିବା ବେଳେ ବହୁ ବିଳମ୍ବରେ ବ୍ଲକ ପ୍ରଶାସନ ଶ୍ରେଣୀ ଗୃହ ମରାମତି ପାଇଁ ଆସୁଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିଭଳି ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ମିନତୀ ମହାକୁଡ଼ ଓ ନଡପୁର ଗ୍ରାମପଞ୍ଚାୟତ ସମିତି ସଭ୍ୟ ସୁଦାମ ମହାକୁଡ଼ ଅଭିଯୋଗ ଉଠାଇ କହିଛନ୍ତି ଯେ ଖୁଣ୍ଟା ଗ୍ରାମରେ ନୂତନ ବିଦ୍ୟାଳୟ ଗୃହ ଗ୍ରାମବାସୀଙ୍କ ଦାବି ରହିଥିବା ବେଳେ ପଦକ୍ଷେପ ନିଆଯାଉନାହିଁ । ନୂତନ ଶ୍ରେଣୀ ଗୃହ ଦିଆ ନଯାଇ ବହୁ ବିଳମ୍ବରେ ପ୍ରଶାସନ ଶ୍ରେଣୀ ଗୃହ ମରାମତି ପାଇଁ ଆସୁଥିବା ବେଳେ ଛାତରୁ କଂକ୍ରିଟ ପଡି ପିଲାମାନଙ୍କର କିଛି କ୍ଷତି ହେଲେ ତାଙ୍କ ପିତା ମାତାଙ୍କୁ ପିଲା ଫେରେଇ ପାରିବେ କି ପ୍ରଶାସନ ବୋଲି ପ୍ରଶ୍ନ ଉଠାଇଛନ୍ତି । ଏସମ୍ପର୍କରେ ନଡପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଷ ମହାନ୍ତଙ୍କୁ ପଚାରିବାରୁ କହିଛନ୍ତି ମୁଁ ନୂଆ ଆସିଛି, ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି ବିଷୟରେ ଜାଣିନାହିଁ ପରେ ଜଣାଇବି, ସେହିଭଳି ବେତନଟୀ ବ୍ଲକର ଡିପିସି ଜେ ଇ ପ୍ରଶାନ୍ତ ବେହେରା କହନ୍ତି ୨୦୧୪ ମସିହା ପରେ ନୂତନ ବିଦ୍ୟାଳୟ ଗୃହ ଆସିନାହିଁ । ଏହା ଠାରୁ ଅଧିକ ଖରାପ ଥିବା ବିଦ୍ୟାଳୟ ଗୃହରେ ପିଲାମାନେ ଅଧ୍ୟୟନ କରୁଛନ୍ତି, ମରାମତି ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ମରାମତି ପାଇଁ ଆସିଥିବା ବେଳେ ମୁଁ ବିଦ୍ୟାଳୟକୁ ଯାଇଥିଲି । ଗ୍ରାମବାସୀ କିଛି ନବୁଝି ମୋତେ ବିରୋଧ କରିଥିଲେ । ସରକାର ନୂତନ ଗୃହ ଯୋଗାଇ ନଦେଲେ ଆମେ କିଭଳି କରିବୁ ବୋଲି ପ୍ରକାଶ କରିଥିଲେ ।

## ଚାକିରି ପ୍ରଲୋଭନ ଦେଖାଇ ଦୁଇ ଗିରଫ

**ସମ୍ବଲପୁର, ୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଟଙ୍କା ନେଇ ମିଛ ଚାକିରି ଦେବା ଅଭିଯୋଗରେ ସମ୍ବଲପୁର ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କଠାରୁ ପୁଲିସ୍ ୬୨ ଲକ୍ଷ ଟଙ୍କା ଜବତ କରିଛି । ଟଙ୍କା ନେଇ ମିଛ ଚାକିରୀ ଦେବା ସହ ମିଛ କାମ କରାଉଥିବା ଅଭିଯୋଗରେ ସମ୍ବଲପୁର ପୁଲିସ ନିକଟକୁ ଆସିଥିଲା । ଏଣୁ ପୁଲିସ ପକ୍ଷରୁ ଜିଲ୍ଲାରେ ନଜର ରଖାଯାଇଥିବାବେଳେ ଗତକାଲି ବୁର୍ଲା ଥାନା ଅନ୍ତର୍ଗତ ଚିପିଲିମା ଅଞ୍ଚଳରେ ଏକ ବଡ଼ ଜନସମାଗମ ହୋଇଥିଲା । ଗିରଫ ଅଭିଯୁକ୍ତମାନେ ଲୋକଙ୍କ ଭରସା ଜିତି ସଫେଇ କର୍ମୀ ଭାବେ କାର୍ଯ୍ୟ ଦେବା ପାଇଁ ୨ କୋଟି ଟଙ୍କା ଠକି ନେଇଥିବା ସମ୍ବଲପୁର ଏସପି ମୁକେଶ ଭାମୁ କହିଛନ୍ତି । ତେବେ ଏମାନେ ବରଗଡ, ସମ୍ବଲପୁର, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ନିଜର ନେଟୱର୍କ ଚଲାଇଥିବା ଏସପି କହିଛନ୍ତି । ଏମାନେ ଜଣଙ୍କୁ ଚାକିରି ଦେବା ପାଇଁ ୧୨ ହଜାର ଟଙ୍କା ଲେଖାଏଁ ନେଉଥିବା ଏସପି କହିଛନ୍ତି। ତେବେ ବୁର୍ଲା ପୁଲିସର ଅଭିଯୋଗ ଆଧାରରେ ରାହୁଲ ରାଏ ଓ ପଦ୍ମାଳୟା ତାଣ୍ଡି ନାମକ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଆର୍ମ୍ୟାକ୍ସ-ପ୍ରାଇଭେଟ୍ ଲିମିଟେଡ୍ ନାଁ ରେ ଗୋଟିଏ ମିଛ କମ୍ପାନୀ ମଧ୍ୟ ଖୋଲିଥିବା ଏସପି କହିଛନ୍ତି । ମିଛ ନିଯୁକ୍ତି ଦେଇଥିବା ଲୋକଙ୍କୁ କିଛି ଦିନ ମିଛ କାମ ମଧ୍ୟ କରାଇଛନ୍ତି ବୋଲି ଏସପି କହିଛନ୍ତି ।

## ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା

**ଅନୁଗୁଳ, ୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ପାରିବାରିକ କଳହର କରୁଣ ପରିଣତିରୁ ସ୍ତ୍ରୀକୁ ହତ୍ୟା କଲା ନୃଶଂସ ସ୍ୱାମୀ । ଅନୁଗୁଳ ସହର ଉପକଣ୍ଠ ତୁରଙ୍ଗ ଗ୍ରାମରେ ଏହି ଘଟଣା ଘଟିଛି । ମୃତକ ହେଲେ ସିଦ୍ଧାନ୍ତ ଭଞ୍ଜଙ୍କ ସ୍ତ୍ରୀ ମୀନାକ୍ଷି ଭଞ୍ଜ । ଅଭିଯୁକ୍ତ ସ୍ୱାମୀ ଫେରାର ଥିବାବେଳେ ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି । ସୂଚନା ମୁତାବକ, ଅନୁଗୁଳ ସହର ଉପକଣ୍ଠ ତୁରଙ୍ଗ ଗାଁର ସିଦ୍ଧାନ୍ତ ଭଞ୍ଜ ମୀନାକ୍ଷୀଙ୍କୁ ପ୍ରେମ ବିବାହ କରିଥିଲା । ବିବାହ ପରେ ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା । ଗତକାଲି କୌଣସି ବିଷୟକୁ ନେଇ ଦୁହିଁଙ୍କ ମଧ୍ୟରେ ଜୋରଦାର୍ ଝଗଡ଼ା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସିଦ୍ଧାନ୍ତ ମୀନାକ୍ଷୀଙ୍କୁ ଆକ୍ରମଣ କରିଥିଲା । ଫଳରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ଦେହରେ କ୍ଷତ ଚିହ୍ନ ରହିଛି । ଖବର ପାଇ ଅନୁଗୁଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କେସିଙ୍ଗା, ୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ରେଳ ଓଭରବ୍ରିଜରେ କାର୍ଯ୍ୟରତ ଜଣେ ଶ୍ରମିକ ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି । ଶ୍ରମିକଜଣଙ୍କ ଭଦ୍ରକ ଜିଲା ସାହାପୁର ଗ୍ରାମର ସୁରେନ୍ଦ୍ର ନାଏକଙ୍କ ପୁଅ ତାପସ ନାଏକ (୨୫) ବୋଲି ଜଣାପଡିଛି । ଏନେଇ କେସିଙ୍ଗା ପୋଲିସ ମାମଲା ନଂ ୨୧/୨୫ ଅନୁସାରେ ତଦନ୍ତ ଜାରି ରଖିଛି ।

ସୂଚନାନୁଯାୟୀ, ତାପସ ସା ସମୟରେ ଘର ଭିତରେ ଗ୍ୟାସ ସିଲିଣ୍ଡର ଉପରେ ଠିଆ ହୋଇ ଏକ ଗାମୁଛାରେ ଝୁଲି ପଡ଼ି ଆତ୍ମହତ୍ୟା କରିଛନ୍ତି । ତାପସଙ୍କ ଝୁଲନ୍ତା ମୃତଦେହକୁ ସହକର୍ମୀମାନେ ତଳକୁ ଓହ୍ଲାଇ ଥିଲେ । ତାଙ୍କ ଜୀବନ ବଞ୍ଚାଇବା ବହୁ ଚେଷ୍ଟା କରିଥିଲେ ହେଁ ବିଫଳ ହେବାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ନେଇ ସହକର୍ମୀମାନେ ପ୍ରକାଶ କରିଛନ୍ତି ।ତେବେ ନିର୍ମାଣାଧୀନ ରେଳ ଓଭର ବ୍ରିଜ କାମରେ ତାପସ ଜଣେ ଶ୍ରମିକ ଭାବରେ କାମ କରୁଥିଲେ । ଏହା ଏକ ପ୍ରେମ ଜନିତ ଆତ୍ମହତ୍ୟା ବୋଲି ଶୁଣିବାକୁ ମିଳୁଥିବା ବେଳେ ସ୍ଥାନୀୟ ପୋଲିସକୁ ନ ଜଣାଇ ସହକର୍ମୀମାନେ ତାପସଙ୍କ ଝୁଲନ୍ତା ଶରୀରକୁ ତଳକୁ ଓହ୍ଲାଇଥିଲେ । କିଛି ସମୟ ପରେ ପୋଲିସକୁ ଜଣାଇଥିଲେ । ତାପସଙ୍କ ଶରୀରକୁ କିଛି ସମୟ ତଳେ ଶୁଆଇ ରଖିବା ପରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କେସିଙ୍ଗା ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇ ଥିବା ବେଳେ ସା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

## ୨୦ ଫୁଟ୍ ତଳକୁ ଖସିଲା କୋଇଲା ବୋଝେଇ ଟ୍ରକ

**ବାଲିଗୁଡ଼ା, ୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ୫୯ନଂ ଜାତୀୟ ରାଜପଥର ଗଡ୍ରିଙ୍ଗିଆ ଘାଟିରେ ଅଘଟଣ ଘଟିଛି । ୨୦ଫୁଟ ତଳକୁ ଖସିଲା କୋଇଲା ବୋଝେଇ ଟ୍ରକ । ଟ୍ରକଟି ରେଢ଼ାଖୋଲରୁ ରାୟଗଡା ଅଭିମୁଖେ ଯାଉଥିବାବେଳେ ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଥିବା ସୂଚନା ମିଳିଛି । ଖବର ପାଇ ବାଲିଗୁଡା ପୁଲିସ୍ ଘଟଣାସ୍ଥଳରେ ପହଁଞ୍ଚି ତୁରନ୍ତ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି ।

# ନିଆଳିକୁ ଏନ୍‌ଏସି ମାନ୍ୟତା ଆଶଙ୍କାରେ ୩ ଅଞ୍ଚଳବାସୀ

**ନିଆଳି, ୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**




ନିଆଳିକୁ ଏନ୍‌ଏସିର ମାନ୍ୟତା ଏପର୍ଯ୍ୟନ୍ତ ମିଳିନଥିବା ବେଳେ ଆଗକୁ କେବେ ମିଳିବ ତାହା ମଧ୍ୟ ସ୍ଥିର ହୋଇନାହିଁ । ହେଲେ ନିଆଳିକୁ ଏନ୍‌ଏସି ମାନ୍ୟତା ମିଳିଲେ ୩ଟି ପଞ୍ଚାୟତର କେଉଁ କେଉଁ ଗାଁ ସାମିଲ ହେବ ସେ ନେଇ ବୁଦ୍ଧିଜୀବୀ ମହଲରେ ଅଙ୍କ କଷା ଆରମ୍ଭ ହୋଇଗଲାଣି । ନିଆଳି ପଞ୍ଚାୟତର ସମସ୍ତ ଗ୍ରାମଗୁଡିକ ଏନ୍‌ଏସିରେ ସାମିଲ ହେବା ନେଇ ଆଶଙ୍କା ଥିବା ବେଳେ ନୂଆ ଗାଁ ପଞ୍ଚାୟତର ନୂଆ ଗାଁ ସମେତ ମଝିଖଣ୍ଡ, କୋରକର ଓ ଜଳାର ପୂର ପଞ୍ଚାୟତର ଜଳାରପୁର ଓ ସାହନାଜପୁର ଗ୍ରାମ ସାମିଲ ହେବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଲୋକ ସଂଖ୍ୟା ଦୃଷ୍ଟିରୁ ଏହି ତିନୋଟି ପଞ୍ଚାୟତ ସାମିଲ ହେଲେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏନ୍‌ଏସିରେ ଉପକୃତ ହୋଇପାରିବେ । ୨୦୨୪ ନିର୍ବାଚନ ହେବା ପୂର୍ବରୁ ବିଜେଡି ସରକାରରେ ନିଆଳିକୁ ଏନ୍‌ଏସି ମାନ୍ୟତା ଘୋଷଣା କରାଯାଇଥିଲା । ତତ୍କାଳୀନ ବିଧାୟକ ଡ଼ ପ୍ରମୋଦ କୁମାର ମଲିକ୍ ଓ ନିଆଳିର ଆଗ ଧାଡ଼ିର ବିଜେଡି କର୍ମୀ ଓ ନେତାମାନେ ପରସ୍ପରକୁ ମିଠା ଖୁଆଇବା ସହ ବାଜା ବଜାଇ ବାଣ ଫୁଟାଇ ଖୁସି ମନାଇଥିଲେ । ହେଲେ ସରକାର ପରିବର୍ତ୍ତନ ପରେ ସବୁ ଖୁସିରେ ପାଣି ପଶିଯାଇଥିଲା । ନିଆଳିରେ ବିଜେପିର ବିଧାୟକ ଜିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଦୁଇଟି ପର୍ଯ୍ୟାୟରେ ଓଡିଶାର ବହୁ ଜିଲ୍ଲାରେ ଏନ୍‌ଏସିର ଘୋଷଣା ସରିଲାଣି । ଏମିତିକି କଟକ ଜିଲ୍ଲାର କିଛି ବ୍ଲକ ଏନ୍‌ଏସିରେ ସାମିଲ ହୋଇଥିଲେ ମଧ୍ୟ ନିଆଳି ଏଥି ମଧ୍ୟରୁ ବଞ୍ଚିତ ରହିଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ଯେ ନିଆଳିକୁ ଏନ୍‌ଏସିର ମାନ୍ୟତାରେ ଅନ୍ତର୍ଭୁକ୍ତ କରାଯିବ ତ! ତିନୋଟି ପଞ୍ଚାୟତର ବୁଦ୍ଧିଜୀବୀ ଓ ପଞ୍ଚାୟତସ୍ତରୀୟ ରାଜନେତା ନିଜ ନିଜ ପଞ୍ଚାୟତର ଗ୍ରାମ କିଭଳି ଏନ୍‌ଏସିରେ ସାମିଲି ହେବ ସେ ନେଇ ଲବି କରିବା ଆରମ୍ଭ କରି ସାରିଲେଣି । ଏନ୍‌ଏସି ପାଇଁ ନିଆଳି ସମସ୍ତ ଯୋଗ୍ୟତା ନୂଆ ଗାଁରେ କଲେଜ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ଟ୍ରେଜେରି, ନିଆଳୀରେ ମହିଳା ମହାବିଦ୍ୟାଳୟ, ସ୍କୁଲ, ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, କୋର୍ଟ, ବ୍ଲକ୍, ପ୍ରାଣୀ ଚିକିତ୍ସା କେନ୍ଦ୍ର, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ତହସିଲ, ପୋଷ୍ଟ ଅଫିସ, ସରକାରୀ ଓ ଘରୋଇ ବ୍ୟାଙ୍କ, ଘରୋଇ ଶିକ୍ଷାନୁଷ୍ଠାନ, ଘରୋଇ ଚିକିତ୍ସା କେନ୍ଦ୍ର, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ, ଉଠା ଜଳ ସେଚନ କାର୍ଯ୍ୟାଳୟ, ଉପ ନିବନ୍ଧଙ୍କ କାର୍ଯ୍ୟାଳୟ, ଜଳ ସେଚନ ବିଭାଗଙ୍କ କାର୍ଯ୍ୟାଳୟ, ମହିଳା କାଫେ, ଶିଶୁ ବିକାଶ କାର୍ଯ୍ୟାଳୟ, ସେହିଭଳି ଜଳାରପୁର ପଞ୍ଚାୟତରେ ଅଗ୍ନିସେବା ବିଭାଗର କାର୍ଯ୍ୟାଳୟ, ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଓ କୃଷି ବିଭାଗର କାର୍ଯ୍ୟାଳୟ ରହିଛି । ଏହି ତିନୋଟି ପଞ୍ଚାୟତରେ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ରହିଥିବାରୁ ନିଆଳିକୁ ଏନ୍‌ଏସିର ମାନ୍ୟତା ମିଳିଲେ ଏହି ତିନୋଟି ପଞ୍ଚାୟତ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ସରକାରଙ୍କ ଆଦିବାସୀ ମାରଣ ନୀତି ବିରୋଧରେ ପ୍ରତିବାଦ

**ଖଲ୍ଲିକୋଟ, ୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ସରକାରଙ୍କ ଆଦିବାସୀମାରଣ ନୀତି ବିରୋଧରେ କଂଗ୍ରେସ ଓ କମ୍ୟୁନିଷ୍ଟ ମିଳିତ ଭାବେ ଆଦିବାସୀ ଅଧ୍ୟୁଷିତ ବାଦପଲ୍ଲୀ ପଂଚାୟତର ୧୧ଗୋଟି ଗ୍ରାମର ୫୧୪ ପରିବାର ଏସଡ଼ିଏଲସି ଛତ୍ରପୁର କାର୍ଯ୍ୟାଳୟରେ ଆବେଦନ କରି ବିଚାରଧୀନ ଥିବାବେଳେ ଆଦିବାସୀ ମାରଣ ସରକାର ଆଦେଶ କ୍ରମେ ଓଡିଶା ବନ ଉନ୍ନୟନ ବିଭାଗ ଭାଲେରି ପାହାଡ଼ ପିଆରଏଫ ଅଧୀନରେ ଥିବା ତିନି ଗୋଟି କାଜୁ ଜଙ୍ଗଲକୁ ଦୀର୍ଘ ୧୦ ବର୍ଷ ପରେ ଲିଜ ଦେବାପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି କାଜୁ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ମରାଇ ନୂଆଗାଁ କୁରୁମୀପୁର ରାମଚନ୍ଦ୍ରପୁର ସମେତ ପ୍ରାୟ ୧୧ଟି ଗ୍ରାମର ଆଦିବାସୀ ପରିବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଭିଟାମାଟି ସୁରକ୍ଷା ଅଭିଯାନ ନେତୃତ୍ୱରେ ସାତ ଶହରୁ ଊର୍ଦ୍ଧ୍ୱ ଆଦିବାସୀ ପୁରୁଷମହିଳା ପାରମ୍ପରିକ ବାଜା ଓ ଧନୁତୀର ଧରି ଖଲ୍ଲିକୋଟସ୍ଥିତ ଶ୍ରୀ ମର୍ଦ୍ଦରାଜ ଶିଶୁ ଉଦ୍ୟାନଠାରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଏହାପରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଏକ ପଥପ୍ରାନ୍ତ ସଭା କରି ପ୍ରତିବାଦ କରିବା ସହ ଖଲ୍ଲିକୋଟ ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ଆଗରେ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଓଡ଼ିଶା



ବନ ଉନ୍ନୟନ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ କାଜୁ ଜଙ୍ଗଲ ଲିଜ ବାତିଲ କରିବା ପାଇଁ ପ୍ରତିବାଦ କରିବା ସହ ମାନପତ୍ର ପ୍ରଦାନ କରିଥିଲେ । ଖଲ୍ଲିକୋଟ ବନ ଉନ୍ନୟନ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ଭିଟାମାଟି ସୁରକ୍ଷା ଅଭିଯାନର ଆବାହକ ବିଜୟ କୁମାର ସ୍ୱାଇଁ ଓ ରମେଶ ଶବର ସରକାର ଜଙ୍ଗଲ ଅଧିକାର ସାବ୍ୟସ୍ତ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ଆଦିବାସୀଙ୍କ ଜୀବିକା ଉତ୍ସ କାଜୁ ଜଙ୍ଗଲକୁ ଛଡ଼ାଇ ନେଇ ଲିଜ ଦେବା ପାଇଁ ଉଦ୍ୟମ କରିବାକୁ ତୀବ୍ର ସମାଲୋଚନା କରିଥିଲେ । ଏ ନେଇ ଭିଟାମାଟି ସୁରକ୍ଷା ଅଭିଯାନ ତରଫରୁ ପାଞ୍ଚ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବନ ଉନ୍ନୟନ ନିଗମ ଏସଡିଏମ ମନୋଜ କୁମାର ସାହୁଙ୍କୁ ପ୍ରଦାନ କରିଥିଲେ । ଖଲ୍ଲିକୋଟ ବ୍ଲକ କଂଗ୍ରେସ ସଭାପତି ମେଘନାଦ ଦଳାଇ ଆଦିବାସୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ବେଳେ ସିପିଆଇର ଗଞ୍ଜାମ ଜିଲା ପରିଷଦ ସଭ୍ୟ ଜୟରାମ ଦାଶ ମଧ୍ୟ ଏହି ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିବା ପ୍ରକାଶ । ଏହି କାଜୁ ଲିଜ ବିଜ୍ଞପ୍ତିକୁ ବାତିଲ ନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଆଦିବାସୀମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ଥାନା. ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୁଲିସ ମୁତୟନ ଥିଲେ ।

## ମାଆବାପାଙ୍କୁ ମାଡ ମାରି ପୁଅ ଗିରଫ

**ବୁଗୁଡ଼ା, ୨୩।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମରେ ମାଆବାପାଙ୍କୁ ମାଡ ମାରିବା ଅଭିଯୋଗରେ ପୁଅ ଗିରଫ ହୋଇଥିବା ଜଣାଯାଇଛି । ଗିରଫ ଜଣକ ହେଲେ ଗୌଡିଆବୋରଦା ଗ୍ରାମର ମକର ପାତ୍ରଙ୍କ ପୁଅ ସନ୍ତୋଷ କୁମାର ପାତ୍ର (୪୩) । ଏ ନେଇ କେସ୍ ନଂ ୬୫୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସନ୍ତୋଷ ସୁରତରେ କାମ କରୁଥିଲା ବେଳେ ଏବେ ଚାରି ମାସ ହେଲା ଗାଁରେ ରହି ମଦ ପିଇ କୌଣସି କାମ କରୁନଥିଲା । ମଦ ପିଇ ସ୍ତ୍ରୀକୁ ବାଡାବାଡି କରିବାରୁ ସେ ଘରଛାଡି ତା'ର ବାପଘରକୁ ଚାଲିଯାଇଥିଲେ । ତେବେ ଗତ ୧୯ ତାରିଖ ରାତି ପ୍ରାୟ ୯ଟା ବେଳେ ସନ୍ତୋଷ ଘରକୁ ଆସି ମାଆ ମାୟା ପାତ୍ରଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲା । ମାଆ ମନା କରିବାରୁ ସନ୍ତୋଷ ରାଗିଯାଇ ତାଙ୍କୁ ଏକ ଲୁହାରଡରେ ଆକ୍ରମଣ କରିଥିଲା । ସେ ଚିତ୍କାର କରିବାରୁ ସ୍ୱାମୀ ମକର ପାତ୍ର ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ପାଟିତୁଣ୍ଡ ଶୁଣି ପଡୋଶୀ ଘରଲୋକେ ଆସି ଆହତ ମାଆବାପାଙ୍କୁ ପୁଅର ଆକ୍ରମଣରୁ ରକ୍ଷା କରିଥିଲେ । ଏ ନେଇ ୨୦ ତାରିଖ ଦିନ ମାଆ ମାୟଙ୍କ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡି ଘଟଣାର ତଦନ୍ତ କରି ଆକ୍ରମଣରେ ବ୍ୟବହୃତ ଲୁହାରଡକୁ ଜବତ କରିଥିବା ବେଳେ ଅଭିଯୁକ୍ତ ପୁଅ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

# ଭତ୍ତା ଅପେକ୍ଷାରେ ୧୫ ହଜାରରୁ ଅଧିକ ହିତାଧିକାରୀ

**କୋରାପୁଟ, ୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଏବଂ ଗରିବ ଜିଲ୍ଲାରେ ସରକାରୀ ଭତ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି ହଜାର ହଜାର ହିତାଧିକାରୀ । ଭତ୍ତା ମିଳିଲେ ଘରେ ଚୁଲି ଜଳୁଛି । କିନ୍ତୁ ଦେଢ଼ ବର୍ଷ ହେଲା ଜିଲ୍ଲାରେ ଭତ୍ତା ବଣ୍ଟନ ନିମନ୍ତେ ନୂଆ ଟାର୍ଗେଟ୍ ମିଳିନି । ତେଣୁ ଭତ୍ତା ପାଇବା ଲାଗି ଯୋଗ୍ୟ ହୋଇଥିଲେ ବି ବାଦ୍ ପଡ଼ିଛନ୍ତି ହଜାର ହଜାର ଗରିବ ଓ ଅସହାୟ । ଆବେଦନ ସଂଖ୍ୟା ବୃଦ୍ଧି ପାଇ ୧୫ହଜାରରୁ ଅଧିକ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି । ଯଦି ତାଲିକାରୁ କେହି ବାଦ୍ ପଡୁଛନ୍ତି କିମ୍ବା କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଲେ ଆବେଦନ ହୋଇଥିବା ତାଲିକାରୁ ଜଣେ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି । ଏମିତିରେ ହାତ ଗଣତି ହିତାଧିକାରୀ ସରକାରୀ ଯୋଜନାରେ ସାମିଲ ହେଉଥିଲା ବେଳେ ପ୍ରତି ମାସରେ ଆବେଦନ ସଂଖ୍ୟା ବଢ଼ିବାରେ ଲାଗିଛି ।



୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ବିଧବା, ଅବିବାହିତ ମହିଳା ଓ ୪୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ଭତ୍ତା ଦେବା ବ୍ୟବସ୍ଥା କରିଛନ୍ତି ସରକାର । ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟ ସରକାର ମଧୁବାବୁ ପେନ୍‌ସନ୍ ଯୋଜନାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ଭତ୍ତା ୧ହଜାର ଟଙ୍କାରୁ ୩ ହଜାର ୫ଶହ ଟଙ୍କାକୁ ବୃଦ୍ଧି କରିଛନ୍ତି । କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ୍‌ରେ ୩୮୨ଜଣ ହିତାଧିକାରୀ ଆବେଦନ କରି ଭତ୍ତା ଅପେକ୍ଷାରେ ରହିଛନ୍ତି ।

ସେହିପରି ବେପାରିଗୁଡ଼ା ବ୍ଲକରେ ୨୩୨୪ ଜଣ, ବୋରିଗୁମ୍ମା ବ୍ଲକରେ ୩୨୧୦ଜଣ, ଦଶମନ୍ତପୁର ବ୍ଲକରେ ୮୨୫ଜଣ, ଜୟପୁର ବ୍ଲକରେ ୧୩୭୯ ଜଣ, ଜୟପୁର ପୌରପାଳିକାରେ ୧୦୩୨ଜଣ, କୋରାପୁଟ ବ୍ଲକରେ ୩୩୧ଜଣ, କୋରାପୁଟ ସହରରେ ୩୬୨ଜଣ, କୋଟପାଡ଼ ବ୍ଲକରେ ୩୯୫ଜଣ, କୋଟପାଡ଼ ଏନ୍‌ଏସିରେ ୨୦୦ଜଣ, କୁନ୍ଦୁରା ବ୍ଲକରେ ୯୦୦ଜଣ, ଲମତାପୁଟ ବ୍ଲକରେ ୪୦୯ଜଣ, ଲକ୍ଷ୍ମୀପୁର ବ୍ଲକରେ ୮୬୨ଜଣ, ନନ୍ଦପୁର ବ୍ଲକରେ ୭୫୩ଜଣ, ନାରାୟଣପଟଣା ବ୍ଲକରେ ୭୪ଜଣ, ପଟାଙ୍ଗି ବ୍ଲକରେ ୪୨୭ଜଣ, ସେମିଳିଗୁଡା ବ୍ଲକରେ ୮୨୦ଜଣ, ସୁନାବେଡ଼ା ସହରରେ ୫୪୬ଜଣ ଭତ୍ତା ପାଇଁ ଆବେଦନ କରିଛନ୍ତି ।

ଏମାନଙ୍କ ସହ ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୪,୯୦୦ଜଣ ଏବଂ ଏନ୍‌ଏସ୍‌ଏପିରେ ୩୨୭ଜଣ ଆବେଦନ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଏମିତି କିଛି ବୟସ୍କ ହିତାଧିକାରୀ ଅଛନ୍ତି ସେମାନଙ୍କ ଚକ୍ଷୁ ଓ ଟିପଚିହ୍ନ ସ୍କାନ୍ ହୋଇପାରୁ ନଥିବାରୁ ଭତ୍ତାରୁ ବଞ୍ଚିତ ହୋଇଛନ୍ତି । ଏନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏବେ ଖାଲି ଥିବା ତାଲିକା ଅନୁସାରେ ହିତାଧିକାରୀଙ୍କ ସଂଖ୍ୟା ପୂରଣ କରାଯାଉଛି । ନୂଆ ଟାର୍ଗେଟ ଆସିଲେ ଅନ୍ୟ ଆବେଦନକାରୀଙ୍କୁ ସାମିଲ କରାଯିବ ବୋଲି ସେ କହିଛନ୍ତି ।

ବିଭିନ୍ନ ଗଣପରିବହନର କର୍ମଚାରୀ- ସ୍କୁଲ୍, କଲେଜ ବସ୍ ଏବଂ ପରିବହନ କର୍ମଚାରୀ ଛାତ୍ରୀ ଏବଂ ମହିଳାଙ୍କ ସହିତ ସେଇ ବସ୍ ଭିତରେ ଦୁଷ୍କର୍ମ ଏବଂ ଅସଦ୍‌ବ୍ୟବହାର କରିବାର ଖବର ମଧ୍ୟ ମଝିରେ ମଝିରେ ପ୍ରକାଶ ପାଇଥାଏ। ଏଭଳି ଅନେକ ଖବର ଅନେକ ସମୟରେ ସମାଜକୁ ଆତଙ୍କିତ କରିଛି । ଏମାନଙ୍କ ଆଚରଣରେ ଶାଳୀନତା ନଥାଏ। କିଛି ମନ୍ଦ ଉଦ୍ଦେଶ୍ୟ ମଧ୍ୟ ଥାଏ। ତେଣୁ ଏଭଳି ଆଇନ୍ ଯଦି କଡ଼ାକଡ଼ି ଭାବରେ ପାଳନ କରାଯାଆନ୍ତା ତା'ହେଲେ ବାପା ମା' ଆଶ୍ୱସ୍ତ ହୋଇପାରନ୍ତେ ପିଲାଙ୍କୁ ଅଟୋ ଏବଂ ସ୍କୁଲ୍ ବସ୍‌ରେ ଶିକ୍ଷାନୁଷ୍ଠାନକୁ ଛାଡ଼ି। ଆଜିକାଲି ବାପା ମା' ପିଲାମାନଙ୍କୁ ପାଠପଢ଼ିବା ପାଇଁ ଶିକ୍ଷାନୁଷ୍ଠାନକୁ ଛାଡ଼ିବା ପରେ ଆଶ୍ୱସ୍ତ ହୋଇପାରୁନାହାନ୍ତି। ମନରେ ସବୁବେଳେ ଶଙ୍କା ରହୁଛି।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୪ ଅକ୍ଟୋବର, ୨୦୨୫ | ଶୁକ୍ରବାର

**ଓଡ଼ିଶା ଏକ୍ସପ୍ରେସ୍**


## ଭଦ୍ରଲୋକର ମୁଖାତଳେ!

ଭଦ୍ରଲୋକ ଦେଖାଯାଉଥିବା ପ୍ରତିଟି ମଣିଷ ଯେ ଭଦ୍ର- ଏକଥା କହିବା ଭୁଲ୍ ହେବ । ଭଦ୍ର ମଣିଷର ମୁଖାତଳେ ଅନେକ ଅମଣିଷ ଲୁଚି ରହିଥାନ୍ତି, ଯେଉଁମାନଙ୍କୁ ଆମେ ଚିହ୍ନିପାରୁନା କି ବେଳେବେଳେ ସିଧାସଳଖ ଅମଣିଷ କହିପାରୁନା। ସେଇମାନଙ୍କ ସଂଖ୍ୟା ବଢ଼ିଚାଲିଛି ଆଜିର ସମାଜରେ।

ଶିକ୍ଷକ-ଅଧ୍ୟାପକଙ୍କ ଉପରେ ବାପା ମା' ଭରସା କରିପାରୁନାହାନ୍ତି। ଦିନେ ଏମାନେ ବାପା ମା'ଙ୍କଠାରୁ ମଧ୍ୟ ଅଧିକ ପିଲାମାନଙ୍କ ପାଇଁ ହିତୈଷୀ ଥିଲେ। ପିଲାଙ୍କୁ ମଣିଷ କରିବାର ଦାୟିତ୍ୱ ଏମାନଙ୍କ ଉପରେ ନ୍ୟସ୍ତ କରାଯାଇପାରୁଥିଲା। ଏବେ ଶିକ୍ଷକଙ୍କୁ ଚିହ୍ନିବା ମୁସ୍କିଲ। କିଛି ସଂଖ୍ୟକ ନିତିନିଷ୍ଠ ଶିକ୍ଷକଙ୍କ ପାଇଁ ପୂରା ଶିକ୍ଷକ ସମାଜ ନିଜ ଅସ୍ତିତ୍ୱ ବଜାୟ ରଖିଛି। ନେତାମାନେ ତ ସବୁବେଳେ ହସହସ ମୁହଁର ଦରଦୀ ମୁଖା ପିନ୍ଧାଥାନ୍ତି। ନିର୍ବାଚନ ପାଖେଇ ଆସିଲେ ଆହୁରି ଦରଦୀ ଲାଗେ ତାଙ୍କ ମୁଖା। ମୁଖା ତଳର ମଣିଷକୁ ଜନତା ଚିହ୍ନିପାରନ୍ତିନି। ଚିହ୍ନିବାରେ ଭୁଲ୍ କରନ୍ତି, ତେଣୁ ପସ୍ତେଇବାକୁ ପଡ଼େ।

କେଉଁ ଲୋକଟି ଆଜି ଭଲ? ଦୁର୍ନୀତି ଉପରେ ନଜର ରଖିବା ଓ ଏହାକୁ ରୋକିବାକୁ ତିଆରି ହୋଇଛି ଲୋକପାଳ, ବିଶେଷ କରି ସରକାରୀ ବିଭାଗରେ ଚାଲିଥିବା ଦୁର୍ନୀତି ଉପରେ ଲୋକପାଳଙ୍କର ନଜର ରହିଥାଏ କୁଆଡ଼େ। ଦୁର୍ନୀତି ବିରୋଧୀ ସଂସ୍ଥା ଭାବରେ ଲୋକପାଳଙ୍କ ବେଶ୍ ସୁନାମ ରହିଛି । କିନ୍ତୁ ଦୁର୍ନୀତିକୁ ରୋକିବାକୁ ସୃଷ୍ଟି କରାଯାଇଥିବା ଏହି ସଂସ୍ଥାକୁ ଏବେ କୁଆଡ଼େ ଦରକାର ହେଉଛି ଦାମୀ ଚାରିଚକିଆ ଗାଡ଼ି, ତା' ପୁଣି ଏମିତି ସେମିତି ଗାଡ଼ି ନୁହେଁ, ବରଂ ଅତ୍ୟାଧୁନିକ ବିଏମ୍‌ଡବ୍ଲ୍ୟୁର ନୂଆ ମଡେଲ। ଏଇଭଳି ୭ଟି ଗାଡ଼ି ଲୋକପାଳଙ୍କୁ ଦରକାର। ଅଧ୍ୟକ୍ଷଙ୍କ ସମେତ ୬ ସଦସ୍ୟଙ୍କୁ ବିଏମ୍‌ଡବ୍ଲ୍ୟୁ ଗାଡ଼ି ଆବଶ୍ୟକ ବୋଲି ଖବର ପ୍ରକାଶ ପାଇଛି। କମ୍ ଦାମ୍‌ର ଗାଡ଼ି ଚଢ଼ି ଦୁର୍ନୀତିକୁ କ'ଣ ଦମନ କରାଯାଇପାରିବନି?

ଏତେ ସବୁ ହତାଶ ଏବଂ ନିରାଶ କଲାଭଳି ଖବର ପଢ଼ିବା ପରେ ଆଖିରେ ପଡ଼ିଛି ଏକ ଭଲ ଖବର- ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ କହିଛନ୍ତି ଯେ ଯଦି କେହି ପିଲାଙ୍କ ସହିତ ସାମାନ୍ୟ ଅଶ୍ଲୀଳ ଆଚରଣ କରନ୍ତି ତେବେ ଏହାକୁ ଦୁଷ୍କର୍ମ ଶ୍ରେଣୀରେ ରଖାଯିବା ଦରକାର। ୩୮ ବର୍ଷ ବୟସ୍କ ଅଭିଯୁକ୍ତଙ୍କ ଆବେଦନକୁ ଖାରଜ କରି କୋର୍ଟ ଏକଥା କହିଛନ୍ତି। ଏହା ପକ୍ସୋ ମାମଲା ଅଟେ। କୋର୍ଟ ଅଭିଯୁକ୍ତର ୧୦ ବର୍ଷ ଜେଲ୍ ଦଣ୍ଡାଦେଶକୁ ମଧ୍ୟ କାଏମ ରଖିଛନ୍ତି ।

ଅଭିଯୁକ୍ତ ପେଶାରେ ଜଣେ ଡ୍ରାଇଭର। ନାଗପୁର ବେଞ୍ଚ ବିଚାରପତି ଜଷ୍ଟିସ ନିବେଦିତା ମେହେଟା ମାମଲାର ରାୟ ଘୋଷଣା କରି କହିଛନ୍ତି, ପୀଡ଼ିତାଙ୍କ ସହିତ କୌଣସି ପ୍ରକାରର ଅଶ୍ଳୀଳ ଆଚରଣ, ତାଙ୍କୁ ଛୁଇଁବା ବା ତାଙ୍କ ସହ ବଳ ପ୍ରୟୋଗ କରିବାକୁ ଉଦ୍ୟମ କରିବା ମାମଲା ଦୁଷ୍କର୍ମ ଶ୍ରେଣୀର ହୋଇଥାଏ। ସୂଚନା ଅନୁସାରେ ଅଭିଯୁକ୍ତ ନାବାଳିକାଙ୍କୁ ପିଜୁଳି ଲୋଭ ଦେଖାଇ ପାଖକୁ ଡାକି ଅଶ୍ଳୀଳ ଭିଡ଼ିଓ ଦେଖାଇଥିଲେ। ଅଭିଯୁକ୍ତ ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ କରିବାକୁ ଉଦ୍ୟମ କରିଥିଲା।

ବିଚାରପତି କହିଛନ୍ତି ଯେ ଘଟଣା ସମୟରେ ପକ୍ସୋ ଆଇନ୍‌ରେ ଥିବା ପ୍ରାବଧାନ ଅନୁସାରେ ଅଭିଯୁକ୍ତ ବିରୋଧରେ ଦଣ୍ଡବିଧାନ କରାଯିବା ଦରକାର। ଅଗଷ୍ଟ ୨୦୧୯ରେ ଆଇନ୍ ସଂଶୋଧନ ପରେ ଅନ୍ୟୂନ୍ୟ ୨୦ ବର୍ଷ ଦଣ୍ଡ ବ୍ୟବସ୍ଥା କରାଯାଇଛି। ତଳ କୋର୍ଟ ଅଭିଯୁକ୍ତ ପ୍ରତି କରିଥିବା ୧୦ ବର୍ଷର କାରାଦଣ୍ଡାଦେଶ ଯଥେଷ୍ଟ ବୋଲି ହାଇକୋର୍ଟ ବେଞ୍ଚ କହିଛନ୍ତି।

ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ ନିଷ୍ପତ୍ତି ଆଜିର ଦିନରେ ଖୁବ୍ ଗୁରୁତ୍ୱ ବହନ କରେ। ଏଇ ସମାନ ବିଚାର ଯଦି ଉଚ୍ଚତମ ନ୍ୟାୟାଳୟ କରନ୍ତି ତା'ହେଲେ ଅନେକ ଭଦ୍ର ମୁଖାଧାରୀ ମଣିଷଙ୍କ ମୁଖା ଖୋଲିଯିବ ଏବଂ ସେମାନେ ଉପଯୁକ୍ତ ଦଣ୍ଡ ପାଇବା ସହ ଏଭଳି କାର୍ଯ୍ୟ କରିବାକୁ ଭୟ କରିବେ।

ବିଭିନ୍ନ ଗଣପରିବହନର କର୍ମଚାରୀ- ସ୍କୁଲ୍, କଲେଜ ବସ୍ ଏବଂ ପରିବହନ କର୍ମଚାରୀ ଛାତ୍ରୀ ଏବଂ ମହିଳାଙ୍କ ସହିତ ସେଇ ବସ୍ ଭିତରେ ଦୁଷ୍କର୍ମ ଏବଂ ଅସଦ୍‌ବ୍ୟବହାର କରିବାର ଖବର ମଧ୍ୟ ମଝିରେ ମଝିରେ ପ୍ରକାଶ ପାଇଥାଏ। ଏଭଳି ଅନେକ ଖବର ଅନେକ ସମୟରେ ସମାଜକୁ ଆତଙ୍କିତ କରିଛି । ଏମାନଙ୍କ ଆଚରଣରେ ଶାଳୀନତା ନଥାଏ। କିଛି ମନ୍ଦ ଉଦ୍ଦେଶ୍ୟ ମଧ୍ୟ ଥାଏ। ତେଣୁ ଏଭଳି ଆଇନ୍ ଯଦି କଡ଼ାକଡ଼ି ଭାବରେ ପାଳନ କରାଯାଆନ୍ତା ତା'ହେଲେ ବାପା ମା' ଆଶ୍ୱସ୍ତ ହୋଇପାରନ୍ତେ ପିଲାଙ୍କୁ ଅଟୋ ଏବଂ ସ୍କୁଲ୍ ବସ୍‌ରେ ଶିକ୍ଷାନୁଷ୍ଠାନକୁ ଛାଡ଼ି। ଆଜିକାଲି ବାପା ମା' ପିଲାମାନଙ୍କୁ ପାଠପଢ଼ିବା ପାଇଁ ଶିକ୍ଷାନୁଷ୍ଠାନକୁ ଛାଡ଼ିବା ପରେ ଆଶ୍ୱସ୍ତ ହୋଇପାରୁନାହାନ୍ତି। ମନରେ ସବୁବେଳେ ଶଙ୍କା ରହୁଛି।

କିଏ ମୁଖା ପିନ୍ଧିଛି ଏବଂ ତା'ର ମୁଖା ତଳର ଅସଲ ଚେହେରା କ'ଣ ଏକଥା ଜାଣିବା ସବୁବେଳେ ସମ୍ଭବ ହୁଏନି। ତେଣୁ ଏଭଳି ଆଇନ୍ କଡ଼ାକଡ଼ି ହେଲେ ମୁଖାପିନ୍ଧା ଲୋକ ଅନ୍ତତଃ ଟିକେ ଭୟ କରନ୍ତେ ।

# ଓଡ଼ିଶାର ବରପୁତ୍ର ପଣ୍ଡିତ ଗୋଦାବରୀଶ ମିଶ୍ର



**ଜିଜ୍ଞାସା**

**ନିରଞ୍ଜନ ଶତପଥୀ**

ସମଗ୍ର ଭାରତବର୍ଷରେ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ବହନ କରି ଆସିଛି । ଏହି ପବିତ୍ର ଓଡ଼ିଶା ହେଉଛି ଯୋଗଜନ୍ମା ବରପୁତ୍ରମାନଙ୍କର ଅନ୍ତୁଡ଼ିଶାଳ କହିଲେ ଭୁଲ୍ ହେବନାହିଁ। ମହାନ ଯୋଗଜନ୍ମା ପୁରୁଷମାନଙ୍କ ମଧ୍ୟରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ନୀଳକଣ୍ଠ ଦାଶ ପ୍ରମୁଖ ପ୍ରାତଃ ସ୍ମରଣୀୟ। ଠିକ୍ ସେହିପରି ଆଉ ଜଣେ ଓଡ଼ିଶାର ସୁଯୋଗ୍ୟ ସନ୍ତାନ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ତାଙ୍କର ମହାନ ତ୍ୟାଗ ଓ ଦେଶପ୍ରେମକୁ ଓଡ଼ିଶା କେବେହେଲେ ଭୁଲିପାରିବ ନାହିଁ । ସେ ଆମ ଓଡ଼ିଶାର ମାଟି, ପାଣି ଓ ପବନକୁ ପ୍ରାଣଭରି ଭଲ ପାଉଥିଲେ। ଦାରିଦ୍ର୍ୟର କଷାଘାତ ଭିତରେ ସେ ଜୀବନ ଅତିବାହିତ କରିଥିଲେ । କେବଳ ଯେ ଧନୀ ଲୋକମାନେ ଅର୍ଥ ବଳରେ ସମାଜରେ ପ୍ରତିଷ୍ଠିତ ହୋଇ ସୁଖ୍ୟାତି ଅର୍ଜନ କରିଛନ୍ତି, ତାହା ନୁହେଁ, ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ନିଜର ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ଗଭୀର ଆତ୍ମବିଶ୍ୱାସ, କଠିନ ଅଧ୍ୟବସାୟ ଓ ପ୍ରତିଭା ବଳରେ ସମାଜରେ ଶୀର୍ଷତମ ସ୍ଥାନରେ ପହଞ୍ଚିବାରେ ସମର୍ଥ ହୋଇପାରିଛନ୍ତି ।

ଠିକ୍ ସେହିପରି ଜୀବନର ବହୁ ଘାତ ପ୍ରତିଘାତ ଅତିକ୍ରମ କରି ସଫଳ ବ୍ୟକ୍ତିଟିଏ ହେବାରେ ସମର୍ଥ ହୋଇଛନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର। ସେ ଥିଲେ ଏକ ଧାରାରେ ଜଣେ କୃତବିଦ୍ୟ ଶିକ୍ଷକ, ସୁସାହିତ୍ୟିକ, ସମାଜ ସଂସ୍କାରକ, ଦେଶ ସେବକ ଓ ପ୍ରବଣ ରାଜନୀତିଜ୍ଞ। ଶିକ୍ଷା କ୍ଷେତ୍ରରେ ତାଙ୍କର ମଧ୍ୟ ବହୁ ଅବଦାନ ଥିଲା । ସତ୍ୟବାଦୀ ଠାରେ ଯେଉଁ ଆଦର୍ଶ ବିଦ୍ୟାଳୟ ଗଢ଼ି ଉଠିଥିଲା ତାହାର ସମ୍ପାଦକ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ଉକ୍ତ ବିଦ୍ୟାଳୟ କେବଳ ଓଡ଼ିଶା କାହିଁକି ସମଗ୍ର ଦେଶରେ ଏକ ଆଦର୍ଶ ବିଦ୍ୟାଳୟ ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ଦେଶ ସେବା ପାଇଁ ସୁନାଗରିକ ଗଢ଼ିବା ଥିଲା ଉକ୍ତ ବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ। ସେହି ଆଦର୍ଶ ବିଦ୍ୟାଳୟରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତ୍ୟାଗ ଥିଲା ଅତୁଳନୀୟ। ସେ ଶିକ୍ଷାଦାନ କରିବା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ମଧ୍ୟ ଅନ୍ୟମାନଙ୍କ ସହିତ ମିଶି ସମ୍ପାଦନ କରିଥାନ୍ତି । ଏ ସମ୍ପର୍କରେ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ନାମକ ଏକ ଜୀବନୀ ପୁସ୍ତକରେ ପଣ୍ଡିତ ଗୋଦାବରୀଶ ମିଶ୍ର ଲେଖିଛନ୍ତି 'ଇଂରାଜୀରେ ଅଛି- ରୋମ ସହର ଦିନକରେ ତିଆରି ହୋଇନଥିଲା, ସତ୍ୟବାଦୀ ସ୍କୁଲ ଦିନକୁ ଦିନ ହାତରେ ଗଢ଼ିବା ବେଳେ ସେ କଥାର ସତ୍ୟତା ଉପଲବ୍ଧି କରିବାକୁ ମୋତେ ବେଶ୍ ସୁଯୋଗ ମିଳିଲା। ସ୍କୁଲ୍ ବେଳେ ଶିକ୍ଷକମାନେ ଶିକ୍ଷକ, ଛାତ୍ରଛାତ୍ରୀ, କିନ୍ତୁ ବିଚାରରେ କୋଡ଼ି ହାଣିବା କିମ୍ବା ପାଣି ମଡ଼ାଇବା ବେଳେ ଶିକ୍ଷକ ଓ ଛାତ୍ର ଉଭୟେ କାନ୍ଧକୁ କାନ୍ଧ ପକାଇ ସହକର୍ମୀ ଭାବରେ କାମ କରୁଥିଲୁ। ସ୍କୁଲଘର ତିଆରି ଲାଗି ଆମେ ସମସ୍ତେ ମୁଣ୍ଡରେ ଇଟା ଚୂନ ବୋହିଛୁ। ଘରଝାଡୁ ଦେଇଛୁ । ଶିକ୍ଷିତ ଲୋକଙ୍କ ଦୃଷ୍ଟିରେ ଯେଉଁସବୁ କାମ ଘୃଣ୍ୟ ସେପରି ଅନେକ କାମ କରିଛୁ। ମଫସଲ ଗାଁମାନଙ୍କରୁ ନଡ଼ା, କାଠ, ବାଉଁଶ କୁଲିଙ୍କ ପରି ବୋହି ଆଣିଛୁ। ଚାନ୍ଦା ପାଇଁ ଧନୀ ଲୋକଙ୍କ ଦ୍ୱାରସ୍ଥ ହୋଇଛୁ। ମୋଟା ବଗଡ଼ା ଖାଇ ହିଁ ଆଣିଛୁ। ମାଟିରେ ଶୋଇଛୁ, ଖରାବର୍ଷା ସହିଛୁ। ଏସବୁ ଯେତେବେଳେ ଯାହା କରିଛୁ ଅକାତରରେ ହସି ହସି କରିଛୁ। ଦାରିଦ୍ର୍ୟ ଓ ସେବା ଆମେମାନେ ଜୀବନର ବ୍ରତ କରି ନେଇଥିଲୁ। ପଣ୍ଡିତ ଗୋଦାବରୀଶ ମିଶ୍ର ଉକ୍ତ ଆଦଶ୍ର ବିଦ୍ୟାଳୟର ଉନ୍ନତି ପାଇଁ ପ୍ରାଣଘାତ ଉଦ୍ୟମ କରିଥିଲେ। ତେଣୁ ଶିକ୍ଷା କ୍ଷେତ୍ରରେ ଥିବା ତାଙ୍କର ମହାନ ଅବଦାନକୁ ଓଡ଼ିଶା କେବେହେଲେ ଭୁଲି ପାରିବ ନାହିଁ। ସେ ମଧ୍ୟ ଥିଲେ ଜଣେ ସୃଜନଶୀଳ ଶକ୍ତିର ଅଧିକାରୀ ଓ ପ୍ରଖ୍ୟାତ ସାରସ୍ୱତ ସାଧକ। ଓଡ଼ିଆ ସାହିତ୍ୟ ଜଗତରେ ସେ ଖୁବ୍ ସୁପରିଚିତ ଥିଲେ।

ପଣ୍ଡିତ ଗୋଦାବରୀଶ ମିଶ୍ର ଜଣେ ସାଧାରଣ ଲୋକ ନଥିଲେ। ସେ ଥିଲେ ଜଣେ ମହାନ ଅସାଧାରଣ ବ୍ୟକ୍ତି ଥିଲେ। ତାଙ୍କ ହୃଦୟ ଥିଲା ପବିତ୍ର ଗୋଦାବରୀ ନଦୀର ସ୍ୱଚ୍ଛ ଜଳ ପରି ପବିତ୍ର। ସେ ଜୀବନର ବହୁ ଘାତ ପ୍ରତିଘାତ ଅତିକ୍ରମ କରି ସଫଳତ ବ୍ୟକ୍ତିଟିଏ ହେବାରେ ସମର୍ଥ ହୋଇପାରିଥିଲେ। ସେ ପୁରୀ ବାଣପୁର ଗ୍ରାମରେ ୧୮୮୬ ମସିହା ଅକ୍ଟୋବର ମାସ ୨୬ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଥିଲା ଅପ୍‌ସରା ଦେବୀ । ତାଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଏପରିକି ସମୟେ ସମୟେ ତାଙ୍କୁ ଅଭାବ ଅନାଟନ ହେତୁ ନିର୍ଜଳା ଉପାସରେ ଦୀନାତିପାତ କରିବାକୁ ପଡୁଥିଲା । ଏହି ଆର୍ଥିକ ସଂକଟ ମଧ୍ୟରେ ଶିକ୍ଷା ଲାଭ କରି ସମାଜରେ ପ୍ରତିଷ୍ଠିତ ହେବା ତାଙ୍କ ପକ୍ଷରେ ଥିଲା ଏକ କଷ୍ଟକର ବ୍ୟାପାର। ସେ ତାଙ୍କ ଛାତ୍ରାବସ୍ଥାରେ ମଧ୍ୟ ଅନେକ ସମୟରେ ଅନାହାରରେ ରହି ଦୁଃଖଦ ସମୟ ଅତିବାହିତ କରିଥିଲେ । ସେ ସମୟରେ ବର୍ତ୍ତମାନ ସମୟ ପରି ଗ୍ରାମଗୁଡ଼ିକରେ ବିଦ୍ୟାଳୟ ନଥିଲା। ମାଟ୍ରିକ୍ୟୁଲେସନ ପଢ଼ିବାକୁ ହେଲେ ଦୂର ସ୍ଥାନମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ସେ ସମୟରେ ଏତେ ଦୂରକୁ ଯାଇ ମାଟ୍ରିକ୍ୟୁଲେସନ ପାଠରେ ପାସ୍ କଲେ ଯାଇ ଭଲ ମଣିଷରେ ଗଣା ହେଉଥିଲେ ।

ଗ୍ରାମ୍ୟ ବିଦ୍ୟାଳୟରେ ପାଠପଢ଼ା ଶେଷ କରିବା ପରେ ସେ ପୁରୀ ଜିଲ୍ଲା ସ୍କୁଲରେ ପଞ୍ଚମ ଶ୍ରେଣୀରେ ନାମ ଲେଖାଇ ଅଧ୍ୟୟନ କରିବାର ସୁଯୋଗ ଲାଭ କରିଥିଲେ। ସେ ସମୟର ପଞ୍ଚମ ଶ୍ରେଣୀ ବର୍ତ୍ତମାନ ତାହା ସପ୍ତମ ଶ୍ରେଣୀ ହୋଇଛି। ପଢ଼ାଖର୍ଚ୍ଚ ପାଇଁ ତାଙ୍କ ପିତା ସ୍ୱଳ୍ପ ଜମିରୁ କିଛି ଜମି ବିକ୍ରି କରିବା ପାଇଁ ବାଧ ହୋଇଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ର ନିଜର ପଢ଼ା ଖର୍ଚ୍ଚ ଭରଣା କରିବା ପାଇଁ ପୂଜାରୀ ଭାବରେ କାର୍ଯ୍ୟ କରୁଥିଲେ। ସେ ଯେତେବେଳେ ଛାତ୍ରାବାସରେ ଅବସ୍ଥାନ କରି ବିଦ୍ୟାଧ୍ୟୟନ କରୁଥିଲେ, ଠିକ୍ ସେତିକିବେଳେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ସହିତ ମଧୁର ସମ୍ପର୍କ ସ୍ଥାପନ କରିଥିଲେ। ଏହାପରେ କଲେଜରେ ନାମ ଲେଖାଇ ଅଧ୍ୟୟନ କରିବା ସମୟରେ ପିତାମାତା ଇହଧାମରୁ ବିଦାୟ ନେଲେ। ଏମ୍.ଏ. ପଢୁଥିବା ସମୟରେ ଦିନେ ୪ ମାସର ବୃତ୍ତି ଏକକାଳୀନ ଶହେ ଟଙ୍କା ପାଇ ଖୁବ୍ ଖୁସି ହୋଇଯାଇଥିଲେ । ସେତେବେଳେ ସେ କଲିକତାଠାରେ ଅବସ୍ଥାନ କରୁଥାନ୍ତି । ସେହି ସମୟରେ ତାଙ୍କୁ ଗୋଟିଏ ସୁଯୋଗ ମିଳିଥିଲା। କଲିକତାରେ ଥିବା ମୂକ ବଧିର ବିଦ୍ୟାଳୟ ପାଇଁ ସହକାରୀ ପ୍ରଧାନ ଅଧ୍ୟାପକ ନିଯୁକ୍ତି। ସର୍ତ୍ତ ଥିଲା ବିଲାତରେ ଏଥିପାଇଁ ଶିକ୍ଷାଲାଭ କରିବାକୁ ପଡ଼ିବ। ଏଥିପାଇଁ ସମସ୍ତ ଖରଚ ବାବଦକୁ ଅନୁଷ୍ଠାନ ତରଫରୁ ବୃତ୍ତି ଯୋଗାଇ ଦିଆଯିବ। କିନ୍ତୁ ବିଲାତରୁ ଶିକ୍ଷା ପାଇସାରିବା ପରେ ଉକ୍ତ ବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ନଚେତ୍ ବୃତ୍ତି ବାବଦକୁ ଦିଆଯାଇଥିବା ଅର୍ଥ ଫେରସ୍ତ ଦେବାକୁ ପଡ଼ିବ । ଏହି ସୁଯୋଗକୁ ହାତଛଡ଼ା କରିବାକୁ ନେ ଚାହିଁ ନଥିଲେ। ବିଲାତ ଯିବା ପୂର୍ବରୁ ଗୋଟିଏ ପ୍ରସ୍ତୁତ ହୋଇଥିବା ଦଲିଲ ପତ୍ରରେ ସ୍ୱାକ୍ଷର କରିବାକୁ ପଡ଼ିବ । ତେଣୁ ଏଥିରେ ସ୍ୱାକ୍ଷର କରିବା ପୂର୍ବରୁ ସେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନିକଟକୁ ଏ ସମ୍ପର୍କରେ ଏକ ପତ୍ର ଲେଖି ଅନୁମତି ମାଗିଲେ। ପତ୍ରର ଉତ୍ତରରେ ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ- 'ଗୋଦାବରୀଶ, ତୁମେ କଲିକତା ମୂକ-ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ, ଏଣେ ଓଡ଼ିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କ'ଣ ଭୁଲିଗଲ? ପତ୍ରର ଏହି ଉତ୍ତରରେ ଗୋଦାବରୀଶଙ୍କ ବିଲାତ ଯିବାର ଇଚ୍ଛା ମଉଳି ଗଲା।

ଏହାପରେ ସେ କଲିକତା ଠାରେ ଓକିଲାତି ପାଠ ପଢ଼ିଲେ। ବୃତ୍ତି ବାବଦକୁ ମାସକୁ ୩୦ ଟଙ୍କା ଓ ଦୁଇ ବି.ଏ. ପରୀକ୍ଷାର୍ଥୀଙ୍କୁ ଟ୍ୟୁସନ କରି ମାସକୁ ୩୦ ଟଙ୍କା ରୋଜଗାର କଲେ । ୧୯୧୩ ମସିହା ଏପ୍ରିଲ ମାସରେ ଓକିଲାତି ପଢ଼ା ଶେଷ କରି ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗଦାନ କରିଥିଲେ । ଉକ୍ତ ବିଦ୍ୟାଳୟଟି ଥିଲା ଏକ ଆଦର୍ଶ ବିଦ୍ୟାଳୟ। ଆମ ଦେଶର ରାଜା ମହାରାଜା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରି ଶତମୁଖରେ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ଉନ୍ନତି ନିମନ୍ତେ ମୁକ୍ତ ହସ୍ତରେ ଅର୍ଥ ଦାନ କରୁଥିଲେ । ଏପରିକି ଜାତିର ଜନକ ମହାତ୍ମା ଗାନ୍ଧି ମଧ୍ୟ ଓଡ଼ିଶା ଗସ୍ତରେ ଆଗମନ କରିଥିବା ସମୟରେ ଏହି ବିଦ୍ୟାଳୟ ପରିଦର୍ଶନ କରି କର୍ମକର୍ତ୍ତାମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

ବନବିଦ୍ୟାଳୟରେ ଦୀର୍ଘଦିନ ଅତିବାହିତ କରିବା ଓ ବିଭିନ୍ନ ସଂସ୍ଥାରେ ପଦପଦବୀରେ ରହିବା ପରେ ତାଙ୍କ ହୃଦୟରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହେଲା, ସେ ଜାତୀୟ କଂଗ୍ରେସରେ ଯୋଗଦାନ କରି କଂଗ୍ରେସର ବାର୍ତ୍ତା ପ୍ରଚାର କରି ଓଡ଼ିଶାରେ ଜାତୀୟ ଭାବ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ସେ ଥିଲେ ଜଣେ ଓଜସ୍ୱୀ ବକ୍ତା। ସେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରୁଥିଲେ । ବିଭିନ୍ନ ସଭା ସମିତିଗୁଡ଼ିକରେ ସୁଦୀର୍ଘ ଭାଷଣ ପ୍ରଦାନ କରି ଇଂରେଜ ଶାସନ ବିରୋଧରେ ଜନମତ ସୃଷ୍ଟି କରିଥିଲେ । ଓଡ଼ିଶାର ସୀମା ଆନ୍ଦୋଳନ ଓ ବିଚ୍ଛିନ୍ନାଞ୍ଚଳର ସଂଗଠନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୩୬ ମସିହା ଏପ୍ରିଲ ମାସ ପହିଲା ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ପରେ ପରେ ସେ ପୁରୀରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହୋଇଥିଲେ ଓ ଅଣକଂଗ୍ରେସ ମନ୍ତ୍ରିମଣ୍ଡଳରେ ସେ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ଗାନ୍ଧିଜୀଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ସେ କଂଗ୍ରେସ ଠାରୁ ଦୂରେଇ ଯାଇ ଗଣତନ୍ତ୍ର ପରିଷଦ ନାମକ ଏକ ନୂତନ ସଂଗଠନ ଗଠନ କରିଥିଲେ । ସେ ଲେଖନୀଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିବା ଦିଗରେ ସହାୟକ ହୋଇଥିଲେ । ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ' ସ୍ଥାନ ଆତ୍ମ ଚରିତ ଲେଖି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ସେ ଥିଲେ ଜଣେ ସଫଳ ବ୍ୟକ୍ତିତ୍ୱ ସମ୍ପନ୍ନ ଉଚ୍ଚ ଆଦର୍ଶ ମାନବ। ସତ୍ୟ, ଧର୍ମ, ନ୍ୟାୟ ଓ ସ୍ୱାଧୀନତା ଚିନ୍ତା ଉପରେ ହିଁ ତାଙ୍କର କାର୍ଯ୍ୟଧାରା ପର୍ଯ୍ୟବସିତ ଥିଲା । ସେ ୧୯୫୬ ମସିହା ଜୁଲାଇ ୨୬ ତାରିଖ ଦିନ ଇହଲୀଳା ସମ୍ବରଣ କରିଥିଲେ ।


*କୁରୁଣି, ରାଜନଗର, କେନ୍ଦ୍ରାପଡ଼ା*

*ମୋ. ୮୯୧୭୨୧୩୦୭୩*


# ସଚେତନତା ଜାତି ରାଜନୀତିର ମୂଳଦୁଆ

■ **ଅଧ୍ୟାପକ ଗୋପବନ୍ଧୁ** ■

କୁହାଯାଉଛି ଓଡ଼ିଶାରେ ଜାତି ରାଜନୀତି ନାହିଁ । ଅନେକ ରାଜ୍ୟରେ ଜାତିଭିତ୍ତିକ ରାଜନୀତି ସ୍ପଷ୍ଟଭାବେ ବାରି ହେଉଥିବା ବେଳେ ଓଡିଶାରେ ତାହା ଏଯାଏଁ କାୟା ବିସ୍ତାର କରିପାରି ନାହିଁ । ଏହା ସ୍ୱାଗତଯୋଗ୍ୟ ବିଷୟ ନିଶ୍ଚୟ । ଜାତିକୁ ନେଇ ରାଜନୀତି କରିବା ଆଦୌ ଉଚିତ୍ ନୁହେଁ । ସୁସ୍ଥ ଗଣତନ୍ତ୍ର ପାଇଁ ଉଭୟ ଜାତି ଓ ଧର୍ମଭିତ୍ତିକ ରାଜନୀତିର ଆବଶ୍ୟକତା ନାହିଁ । ଏହି ଦୃଷ୍ଟିରୁ ଆମେ ଉଲ୍ଲସିତ ହେବା ଉଚିତ ଯେ ଓଡ଼ିଶାକୁ ଏଯାଏଁ ଜାତିଭିତ୍ତିକ ରାଜନୀତି ଛୁଇଁପାରି ନାହିଁ । ତେଣୁକରି ରାଜ୍ୟରେ କୌଣସି ଜାତିଭିତ୍ତିକ ରାଜନୈତିକ ଦଳ ବିସ୍ତାରିତ ହୋଇନାହିଁ । ଆଗକୁ ସମାନ ପ୍ରକ୍ରିୟା ବଳବୋତ୍ତର ରହିବ ବୋଲି କୁହାଯାଇ ପାରିବ ନାହିଁ । କାରଣ ସାମାଜିକ ସ୍ତରରେ ଜାତି ସଚେତନତା ବଢୁଛି । ବିଶେଷକରି ବିଭିନ୍ନ ଜାତି ରାଜନୀତି, ଚାକିରି ଓ ଶିକ୍ଷା କ୍ଷେତ୍ରରେ କେତେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି ତାହାର ତର୍ଯ୍ୟମା କରିବା ଆରମ୍ଭ କରିଛନ୍ତି । ଏହା ତାଙ୍କୁ ରାଜନୈତିକ ଭାବେ ସଚେତନ ହେବାକୁ ବାଧ୍ୟ କରୁଛି । ଫଳରେ ଜାତି ଦୃଷ୍ଟିରୁ ଥିବା ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ କ୍ରମେ ସଂଗଠିତ ହେଉଛନ୍ତି । ଏହା ନିଶ୍ଚିତଭାବେ ଜାତି ରାଜନୀତିକୁ ପ୍ରୋତ୍ସାହିତ କରିବ ।

ଯେତେବେଳେ ଏକ ବା ଏକାଧିକ ଜାତି ସଂଗଠିତ ହୋଇ ରାଜନୀତି କରିବାର ଦେଖାଯାଏ, ସେତେବେଳେ ତାହାକୁ ଜାତି ଆଧାରିତ ରାଜନୀତି ବୋଲି କୁହଯାଏ । ଏହି ପ୍ରକାର ରାଜନୀତି ଉତ୍ତରପ୍ରଦେଶ, ବିହାର ସମେତ ଅନେକ ରାଜ୍ୟରେ ପରିଲକ୍ଷିତ ହେଉଛି । ଏହି ସମସ୍ତ ରାଜ୍ୟରେ ବିଭିନ୍ନ ଜାତିଗୋଷ୍ଠୀ ସଂଗଠିତ ହୋଇ ରାଜନୀତିକୁ ଅକ୍ତିୟାର କରିବାକୁ ଚେଷ୍ଟା କରୁଛନ୍ତି । କେତେକ କ୍ଷେତ୍ରରେ ଏକକ ଜାତିର ଆଧିପତ୍ୟରେ ରାଜନୀତି ବି ଚାଲିଛି । ଏ ଦିଗରେ ସଫଳତା ମଧ୍ୟ ମିଳୁଛି । ଏହା ସମସ୍ତଙ୍କୁ ଜ୍ଞାତ ଯେ ଉତ୍ତରପ୍ରଦେଶରେ ଯାଦବମାନେ ସମାଜବାଦୀ ପାର୍ଟିର ମେରୁଦଣ୍ଡ । ଅନ୍ୟାନ୍ୟ ଓବିସିମାନେ ମଧ୍ୟ କିଛି ମାତ୍ରାରେ ଏହି ଦଳକୁ ସମର୍ଥନ କରନ୍ତି । ଏହି ଦଳ ସେଠାରେ ରାଜନୈତିକ ଶକ୍ତିଭାବେ ଉଭା ହୋଇଛି । ସେଠାରେ ଅନୁସୂଚୀତ ଜାତିମାନେ ମଧ୍ୟ ସଂଗଠିତ ହୋଇ ବହୁଜନ ସମାଜ ପାର୍ଟି ନାମରେ ରାଜନୈତିକ ଶକ୍ତି ଭାବେ ଆବିର୍ଭୁତ ହୋଇଛନ୍ତି । ଏବେ ଆଜାଦ ସମାଜ ପାର୍ଟି ନାମରେ ଅନ୍ୟ ଏକ ଦଳ ଦଳିତ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ନେଇ କାୟା ବିସ୍ତାର କରୁଛି । ବିହାରରେ ଓବିସିମାନେ ରାଜନୈତିକ ଭାବେ ଦୁଇଭାଗରେ ବିଭକ୍ତ । ଗୋଟିଏ ହେଉଛି କୁର୍ମି ନେତୃତ୍ୱାଧୀନ ଜନତା ଦଳ ଇଉନାଇଟେଡ୍ ଓ ଅନ୍ୟଟି ହେଉଛି ଯାଦବ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ । ସେଠାରେ ଏସସି ବର୍ଗକୁ ନେଇ ଲୋକଜନଶକ୍ତି ପାର୍ଟି ମଧ୍ୟ ରହିଛି । ସେହିପରି ତାମିଲନାଡୁରେ ଓବିସି ନେତୃତ୍ୱାଧୀନ ଡିଏମକେ ରାଜ୍ୟରେ ପ୍ରମୁଖ ରାଜନୈତିକ ପାର୍ଟି । ଝାଡ଼ଖଣ୍ଡ ରାଜ୍ୟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମୂଳ ଆଧାର ହେଉଛି ସାନ୍ତାଳ ଜନଜାତି । ଅନ୍ୟ ଜନଜାତିମାନେ ଅନେକାଂଶରେ ଏହି ଦଳକୁ ସମର୍ଥନ କରନ୍ତି । ତେବେ ଓଡିଶାରେ ଏପରି ରାଜନୀତି ନାହିଁ କହିଲେ ଚଳେ ।

ଉଭୟ ଭାରତବର୍ଷ ଓ ଓଡ଼ିଶାରେ ଦୁଇ ପ୍ରକାର ଜାତିସମୂହ ରହିଛ । ଗୋଟିଏ ହେଉଛି ଅଗ୍ରସର ଜାତିସମୂହ ଓ ଅନ୍ୟଟି ହେଉଛି ଅନଗ୍ରସର ଜାତିସମୂହ । ପ୍ରଥମଟିରେ ଅଳ୍ପ କେତୋଟି ଜାତି ଥିବାବେଳେ ଦ୍ୱିତୀୟଟିରେ ଅସଂଖ୍ୟ ଜାତି ରହିଛି । ବାସ୍ତବ ପକ୍ଷେ ଦେଖିବାକୁ ଗଲେ ଦେଶର ତଥା ରାଜ୍ୟର ଶାସନ କ୍ଷମତା ଏହି ଅଗ୍ରସର ଜାତି ସମୂହ ନିକଟରେ ରହି ଆସିଛି । ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଏମାନଙ୍କ ଦ୍ୱାରା ପରିଚାଳିତ । ଅବଶ୍ୟ ବେଳେବେଳେ ଏମାନେ ଅନଗ୍ରସର ବର୍ଗରୁ ଜଣେ ଦୁଇଜଣକୁ ଉଚ୍ଚ ପଦପଦବୀରେ ବସାନ୍ତି । ହେଲେ ପ୍ରକୃତ କ୍ଷମତା ଏମାନଙ୍କ ହାତରେ ଥାଏ । ଏମାନେ କେବେବି ଶାସନ କ୍ଷମତାକୁ ହାତଛଡ଼ା କରିବାକୁ ଦିଅନ୍ତି ନାହିଁ । ଫଳରେ ଦେଶରେ ତଥା ରାଜ୍ୟରେ ଅନଗ୍ରସର ଜାତିସମୂହ ସମାନ ଓ ସଂଖ୍ୟାନୁପାତିକ ରାଜନୈତିକ କ୍ଷମତା ହାସଲ କରିବାକୁ ସକ୍ଷମ ହୋଇ ନାହାଁନ୍ତ । ତେଣୁ ଅନଗ୍ରସର ଜାତି ସମୂହର ନେତାମାନେ ଏହାକୁ ନେଇ ପ୍ରତିବାଦ କରି ଆସିଛନ୍ତି । ଏମାନେ ସଂଖ୍ୟାନୁପାତିକ କ୍ଷମତା ହାସଲର ସପକ୍ଷରେ ଯୁକ୍ତିକରି ଆସିଛନ୍ତି । ସମାନ ଭାଗୀଦାରୀ କଥା କହି ଆସିଛନ୍ତି । ସମାନୁପାତିକ ଭାଗୀଦାରୀ କଥା ଉଠିଲେ ଏମାନେ ଜାତି ରାଜନୀତି କରୁଛନ୍ତି ବୋଲି ଅଭିଯୋଗ ଆସେ । ଏହା ଏକ ଅଦ୍ଭୁତ ଅଭିଯୋଗ ।

ଯେତେବେଳେ ପ୍ରଚଳିତ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅନଗ୍ରସର ବର୍ଗ ସକ୍ଷମ ହୁଅନ୍ତି ନାହିଁ, ସେତେବେଳେ ନିଜ ଜାତି ସଂଗଠନକୁ ରାଜନୈତିକ କ୍ଷମତା ହାସଲ କରିବା ପାଇଁ ବ୍ୟବହାର କରନ୍ତି । ଏହା ଉତ୍ତରପ୍ରଦେଶ, ବିହାର, ତାମିଲନାଡୁ, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟରେ ଦେଖିବାକୁ ମିଳୁଛି । ଏଦିଗରେ ଅନଗ୍ରସର ଜାତିଗୁଡିକ ଅନେକାଂଶରେ ସଫଳତା ମଧ୍ୟ ପାଇଛନ୍ତି । ଦେଶର ରାଜନୀତି କ୍ଷେତ୍ରରେ ଏହାକୁ ହିଁ ଜାତିବାଦୀ ରାଜନୀତି ବୋଲି କୁହାଯାଇଛି । ଯେତେବେଳେବି ଏହିପ୍ରକାର ରାଜନୀତିର ପ୍ରବକ୍ତାମାନଙ୍କୁ ପ୍ରଶ୍ନ କରାଯାଇଛି ସେମାନେ ଏହାକୁ ସ୍ୱୀକାର କରିନାହାଁନ୍ତି । ସେମାନେ ନିଜକୁ ସାମାଜିକ ନ୍ୟାୟର ସମର୍ଥକ ଓ ଏହାକୁ ସାମାଜିକ ନ୍ୟାୟ ଆନ୍ଦୋଳନ ବୋଲି କହିଛନ୍ତି । ସମାନତା ସ୍ଥାପନ ପାଇଁ ଏହାର ଆବଶ୍ୟକତା ରହିଛି ବୋଲି ତାଙ୍କ ମତ ।

ଅନ୍ୟପକ୍ଷରେ ଯେଉଁମାନେ ସଂଖ୍ୟାଧିକ ଅନଗ୍ରସର ଜାତିସମୂହକୁ ସଂଖ୍ୟାନୁପାତିକ ଅଧିକାରରୁ ବଞ୍ଚିତ କରନ୍ତି ତାଙ୍କୁ ଜାତିବାଦୀ କୁହଯାଏ ନାହିଁ । ବାସ୍ତବରେ ଏହାବି ଏକ ପ୍ରକାରର ଜାତିବାଦ । ଯାହା ସ୍ୱାଧୀନତା ପରଠାରୁ ଦେଶରେ ପରିଲକ୍ଷିତ ହୋଇଆସିଛି । ଅଜବ ବିରୋଧାଭାସ । ମୁଷ୍ଟିମେୟ ଜାତି ସମସ୍ତ କ୍ଷମତାକୁ ନିଜ ନିୟନ୍ତ୍ରଣରେ ରଖିଲେ ତାହା ଜାତିବାଦ ନୁହେଁ । କିନ୍ତୁ ସଂଖ୍ୟାବହୁଳ ଜାତିସମୂହ ନିଜର ସଂଖ୍ୟାନୁପାତିକ ଅଧିକାର ହାସଲ ପାଇଁ ପ୍ରୟାସ କଲେ ସେମାନେ ହୁଅନ୍ତି ଜାତିବାଦୀ । ତେଣୁକରି ଜାତିବାଦୀ ରାଜନୀତି ସେହି ରାଜ୍ୟରେ ଚାଲେ ଯେଉଁ ରାଜ୍ୟରେ ଅନଗ୍ରସର ଜାତିସମୂହ ନିଜ ସମାନ ଅଧିକାର ସମ୍ବନ୍ଧରେ ସଚେତନ । ଉଲ୍ଲେଖିତ ରାଜ୍ୟମାନଙ୍କରେ ଜାତି ରାଜନୀତି ଚାଲିଛି ଯେହେତୁ ସେଠାରେ ଅନଗ୍ରସର ଜାତିସମୂହ ସଚେତନ ଓ ସମାନ ଅଧିକାର ପାଇଁ ସଂଗ୍ରାମରତ ।

ଓଡ଼ିଶାରେ ଜାତି ରାଜନୀତି ନାହିଁ ଯେହେତୁ ଏଠାରେ ଅନଗ୍ରସର ଜାତିସମୂହ ନିଜର ସମାନ ଅଧିକାର ସମ୍ବନ୍ଧରେ ସଚେତନ ନୁହଁନ୍ତି । ଭାରତବର୍ଷର ଯେକୌଣସି ରାଜ୍ୟ ଅପେକ୍ଷା ଓଡ଼ିଶାରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ସଂଖ୍ୟା ୪୦% ଓ ଓବିସିଙ୍କ ସଂଖ୍ୟା ପ୍ରାୟ ୫୪%, ମିଶାଇଲେ ଏହା ୯୦%କୁ ଅତିକ୍ରମ କରିଯାଉଛି । ଏମାନଙ୍କ ସହିତ ସଂଖ୍ୟାଲଘୁମାନଙ୍କୁ ମିଶାଇଲେ ଏ ସଂଖ୍ୟା ଆହୁରି ବଢ଼ିଯିବ । ତଥାପି ଓଡିଶା ରାଜନୀତିରେ ଏମାନେ ସଂଖ୍ୟାନୁପାତିକ ଅଧିକାରଠାରୁ ବହୁ ଦୂରରେ ଅଛନ୍ତି । ଅନୁସୂଚୀତ ଜାତି ଓ ଜନଜାତିମାନେ ଯଦିଓ ସଂଖ୍ୟାନୁପାତିକ ପ୍ରତିନିଧିର ସୁବିଧା ପାଉଛନ୍ତି ତଥାପି ଏମାନେ ପ୍ରକୃତ କ୍ଷମତାର ଅଧିକାରୀ ନୁହଁନ୍ତି । ଏମାନେ କେବଳ ହାଁଜୀ ରାଜନୀତି କରିଥାନ୍ତି । ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସି ମାନେତ ଆହୁରି ତଳେ ଅଛନ୍ତି । ଏମାନେ ସମାନ ଅଧିକାର ସମ୍ବନ୍ଧରେ ଆଦୌ ସଚେତନ ନୁହଁନ୍ତି । ଏମାଙ୍କୁ ମାତ୍ର ୧୧-୨୫% ସଂରକ୍ଷଣ ଚାକିରି ଓ ସାଧାରଣ ଶିକ୍ଷାରେ ଦିଆଯାଉଛି ।

ତେଣୁ ଏହା ନିରାଟ ସତକଥା ଯେ ଓଡିଶାରେ ଜାତି ରାଜନୀତି ନାହିଁ । ଉତ୍ତରଭାରତର ଜାତି ରାଜନୀତିର ପ୍ରଭାବ ଓଡ଼ିଶାରେ ଏଯାଏଁ ପଡିନାହିଁ । ରାଜ୍ୟରେ ଯେଉଁଦିନ ଅନଗ୍ରସର ଜାତିସମୂହ ସଚେତନ ହେବେ ଓ ନିଜର ସଂଖ୍ୟାନୁପାତିକ ଅଧିକାର ପାଇଁ ଲଢିବା ଆରମ୍ଭ କରିବେ ସେହି ଦିନଠାରୁ ଓଡ଼ିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବ । ସାମ୍ପ୍ରତିକ ଅବସ୍ଥାରେ ଏହା ଆଉ ବିଳମ୍ବ ନୁହେଁ ପରି ମନେହୁଏ । କାରଣ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏବେ ସମସ୍ତ କ୍ଷେତ୍ରରେ ଏହି ବର୍ଗମାନଙ୍କ ସମାନୁପାତିକ ଅଧିକାର କଥା କହୁଛନ୍ତି । ବିଜେପି ଜଣେ ଆଦିବାସୀକୁ ମୁଖ୍ୟମନ୍ତ୍ରୀ କରିଛି । କଂଗ୍ରେସ ଜଣେ ଅନୁସୂଚୀତ ବର୍ଗର ନେତାଙ୍କୁ ରାଜ୍ୟ ଅଧ୍ୟକ୍ଷ ଦାୟିତ୍ୱ ଦେଇଛି । ବିଜେଡ଼ି ଓବିସି ସମେତ ସମସ୍ତ ସଂରକ୍ଷିତ ବର୍ଗର ଆନୁପାତିକ ସଂରକ୍ଷଣ ସପକ୍ଷରେ କହିବାର ଶୁଣାଯାଉଛି । ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଜାତି ଓ ଗୋଷ୍ଠୀ ଆଧାରରେ ଗୋଟି ଚାଳନା କରୁଛନ୍ତି । ଅନ୍ୟପକ୍ଷରେ ଉତ୍ତର ଭାରତର ଆଜାଦ୍ ସମାଜ ପାର୍ଟି (ଏଏସପି), ସମାଜବାଦୀ ପାର୍ଟି (ଏସପି), ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ବହୁଜନ ସମାଜ ପାର୍ଟି (ବିଏସପି) ପରି ରାଜନୈତିକ ଦଳମାନେ ଏହାରି ସୁଯୋଗରେ ନିଜର ସ୍ଥିତିକୁ ରାଜ୍ୟରେ ବଢ଼ାଇବାକୁ ଚାହୁଁଛନ୍ତି। ତେଣୁ ଖୁବଶୀଘ୍ର ଓଡିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବାର ସମ୍ଭାବନା ରହିଛି ।


*ମୋ. ୭୦୦୮୯୭୬୧୮୦*


# ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ଅତିମାତ୍ରାରେ ସଡକ ଦୁର୍ଘଟଣାର ଦୁଃଖଦ ଅନୁଭବ



**ଦୁନିଆର ହାଲ୍**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ଯେତେବେଳେ ସମ୍ବାଦପତ୍ର ମାନଙ୍କର ପୃଷ୍ଠା ଓଲଟାଇ ଦିଆଯାଏ ଦୃଷ୍ଟିକୁ ଆସେ ଯେ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ଜିଲ୍ଲାମାନଙ୍କରେ ସଡକ ଦୁର୍ଘଟଣା ସୀମା ଅତିକ୍ରମ କରୁଛି । ସେହିପରି ଇଲେକ୍ଟ୍ରୋନିକ ମିଡିଆରେ ଦୁର୍ଘଟଣାମାନଙ୍କର ଯେଉଁ ଦୃଶ୍ୟ ପ୍ରଦର୍ଶିତ ହୋଇଥାଏ ତାହା ହୃଦୟ ବିଦାରକ । ଓଡ଼ିଶାର ଏହି ଜିଲ୍ଲାମାନଙ୍କରେ ରାସ୍ତାଘାଟ ପ୍ରଶସ୍ତ ଓ ବ୍ୟାପ୍ତ। ଏହା ଜାତୀୟପଥ ମାନଚିତ୍ରରେ ଅନ୍ତର୍ଭୁକ୍ତ । ରାଜ୍ୟ ରାଜପଥକୁ ମଧ୍ୟ ଛୁଇଁଥାଏ । ରାସ୍ତାର ମାନଦଣ୍ଡ ବି ଉଚ୍ଚକୋଟୀର । ଅବଶ୍ୟ କେଉଁଠି କେତେ କିଲୋମିଟର ରାସ୍ତା ମରାମତି ନ ହୋଇ ପଡିରହିଛି । କଟକ, ଅନୁଗୁଳ ଓ ସମ୍ବଲପୁରର ରାସ୍ତାର ଅବସ୍ଥା ଖରାପ।

ତଥାପି ଏତେ ଦୁର୍ଘଟଣା କାହିଁକି ଘଟୁଛି । ପୂର୍ବେ ଉପକୂଳ ଓଡ଼ିଶାରେ ମଧ୍ୟ ଏପରି ବହୁ ଦୁର୍ଘଟଣା ଘଟୁଥିଲା । ଏବେ ତାହା ନିୟନ୍ତ୍ରିତ ହୋଇଛି । ବାଲେଶ୍ୱରରୁ ପୁରୀ ରାସ୍ତାରେ ଯେତିକି ସଡକ ଦୁର୍ଘଟଣା ହେଉଥିଲା ଆଉ ହେଉନାହିଁ । କଟକରୁ ପାଣିକୋଇଲି, ପାଣିକୋଇଲି ଓ ବାଲେଶ୍ୱର ମଧ୍ୟରେ ଅନେକ ଦୁର୍ଘଟଣା ହେଉଥିଲା । ଦକ୍ଷିଣଓଡ଼ିଶା ଓ ପଶ୍ଚିମଓଡ଼ିଶାରେ ଯେଉଁ ଦୁର୍ଘଟଣା ଘଟୁଛି, ଅନେକ ଧନଜୀବନ ନଷ୍ଟ ହେଉଛି । ଏସବୁ ଶୁଣିଲେ ଓ ସମ୍ବାଦ ଦେଖିଲେ ସମସ୍ତଙ୍କର ହୃଦୟରେ ଆଘାତ ଲାଗୁଛି ।

ମୁଁ ୟୁରୋପର କେତେକ ଦେଶକୁ ଯାଇଛି । ସବୁ ରାସ୍ତା ପାଇଁ ଗାଡି (ଭିନ୍ନ ଭିନ୍ନ ଗାଡି ପାର ଭିନ୍ନ ଗତି ଉଦ୍ଦିଷ୍ଟ) କେତେ ଗତିରେ ଯିବ ତାହା ନିର୍ଦ୍ଧାରିତ ହୋଇଛି । ରାସ୍ତାରେ ଗାଡିର ନିୟନ୍ତ୍ରଣ ହେଉଛି । ଏହା ବାହାରକୁ ଯିଏ ଯିବ ମନକୁ ମନ ତାହା ପଞ୍ଜିକୃତ ହୋଇଯିବ ଓ ସଂପୃକ୍ତ ଗାଡିର ମାଲିକ ଓ ଡ୍ରାଇଭର ଦଣ୍ଡିତ ହେବେ । ସେଥିରୁ ଖସି ଯିବାର ଉପାୟ ନାହିଁ । ଥରେ ଦି'ଥର ଏପରି ଦଣ୍ଡିତ ହେଲେ ଗାଡିର ରେଜିଷ୍ଟ୍ରେସନ ବାତିଲ ହୋଇଯାଏ । ଏବେ ଓଡ଼ିଶା ସରକାର ଏପରି ପଦକ୍ଷେପ ନେବାକୁ ଆରମ୍ଭ କରିଛନ୍ତି । କିନ୍ତୁ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଗାଡି ଚଳାଚଳକୁ ପୁରାପୁରି ନିୟନ୍ତ୍ରଣ ନକଲେ କୌଣସି କଥା ଫଳପ୍ରଦ ହେବନାହିଁ । ଅତି ଜୋରରେ ଗାଡି ଚଳାଇଲେ କିମ୍ବା ଗାଡି ଗାଡି ମଧ୍ୟରେ ରେସ କରି ଅନେକ ଦୁର୍ଘଟଣା ଘଟିଥାଏ । ଆଉ କେତେବେଳେ ବସ କାର ଉପରେ ପଡି ଯାଉଛି । ଚୋରା ବେପାର, ନିଶାଦ୍ରବ ସେବନକରି ଗାଡି ଚଳାଇବା ସମୟରେ ଧରାପଡିଯିବା ଭୟରେ ଡ୍ରାଇଭରମାନେ ଏତେ ଜୋରରେ ଗାଡି ଚଳାନ୍ତି ଯେ ସେମାନେ ନିଜକୁ ନିୟନ୍ତ୍ରଣର କରିପାରନ୍ତି ନାହିଁ ଯାହାଫଳରେ ଦୁର୍ଘଟଣା ହୋଇଥାଏ । ଆମ ପୋଲିସ ବିଭାଗ ଓ ଆରଟିଓ ବିଭାଗ ବଡ଼ ଅଭିଜ୍ଞ ଓ କ୍ଷୀପ୍ର । ସେମାନେ ୧୦୦ ମାଇଲରେ ଚଳନ୍ତା ଭେଇକିଲରେ ରହି ଗାଡିର ଚଳାଚଳକୁ ନିୟନ୍ତ୍ରଣ କରିପାରିବେ ନାହିଁ? ଟିକେ ଅଧିକା ଦାୟିତ୍ୱ ବଢିପାରେ । ମଦ୍ୟପ ଗାଡିଚାଳକମାନଙ୍କୁ ନା ତୁମେ ଗାଡି ଚଳେଇ ପାରିବେନାହିଁ କହି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇ ପାରିବ । ସରକାରୀ ଓ ବେସରକାରୀ ବସମାନେ ରାତିରେ ଯାତାୟତ କରୁଛନ୍ତି। ଡ୍ରାଇଭରମାନେ ମଦପାନ କରୁଛନ୍ତି। ଦୁର୍ଘଟଣା ଘଟାଇ ଯାତ୍ରୀମାନଙ୍କୁ ମାରୁଛନ୍ତି । ସେମାନେ ନିଜକୁ ଦୁର୍ଘଟଣା ସ୍ଥାନରୁ ଦୂରକୁ ନେଇଯାଉଛନ୍ତି । ପଛରେ ମକଦ୍ଦମା କରି ନିର୍ଦ୍ଦୋଷ ବୋଲି ଘୋଷିତ ହୋଇ ମୁକ୍ତି ପାଉଛନ୍ତି । ଆମର କଟକ ଓ ଭୁବନେଶ୍ୱରରେ ଯାତାୟାତ କରୁଥିବା ମୋ ବସ ଓ ର୍ବମାନର ଆମ ବସ କେତେ ଦୁର୍ଘଟଣା ଘଟାଇଛନ୍ତି, ତାହା ଆମ୍ଭେମାନେ ସମସ୍ତେ ଜାଣନ୍ତି । ସେମିତି ଅନୁଭବ ଆସିଲା ଯେ ସରକାର ନୂତନ ବସମାନ ଚଳାଇଲେ ଆଉ ଅନଭିଜ୍ଞ ଓ ଅଣପ୍ରଶିକ୍ଷଣପ୍ରାପ୍ତ ଡ୍ରାଇଭରମାନଙ୍କୁ ଚଲାଇବାକୁ ଦେବେନାହିଁ । ସେମାନେ ସବୁପ୍ରକାରର ଦୁର୍ଘଟଣା ଘଟାଉଛନ୍ତି। ୬ ମାସ ଡେରି ହୋଇଯାଇ ଥାଆନ୍ତା ପଛେ ସମସ୍ତେ ଉପଯୁକ୍ତ ପ୍ରଶିକ୍ଷଣ ପାଇଥାଆନ୍ତେ, ତାପରେ ବସ ଚାଲିଥାଆନ୍ତା । ମୁଁ ବାଧହୋଇ ଦକ୍ଷିଣଓଡ଼ିଶା ଓ ପଶ୍ଚିମଓଡ଼ିଶାରେ ନାମ ନେଲି ଏଇଥିପାଇଁ ଯେ ଏହି ୬ମାସ ହେବ ସେଇଠି ଦୁର୍ଘଟଣା ଘଟିଥିବା ଶୁଣି ଶୁଣି ମୁଁ ବିବ୍ରତ ଅନୁଭବ କରୁଛି । ଦାୟିତ୍ୱରେ ଥିବା ସେଠିକାର କର୍ତ୍ତୃପକ୍ଷ କିଛି ଉପାୟ ଚିନ୍ତା କରନ୍ତୁ । ବହୁଦୂରରୁ ଯାଉଥିବା ଯାତ୍ରୀବାହୀ ବସରେ ଦୁର୍ଘଟଣା କାଳେ ହେବ ସେଥିରେ ଡ୍ରାଇଭରମାନେ ଚାପଗ୍ରସ୍ତ ହେବେ। ସେଥିପାଇଁ ପ୍ରତ୍ୟେକ ବସରେ ଜଣକରୁ ଅଧିକ ଡ୍ରାଇଭର ନିୟୋଜିତ ହେଉଥିଲେ । ଏହା ଏବେ ହେଉଛି କି ନାହିଁ?ଏଇ ଅବସରରେ ଭଗବାନଙ୍କୁ ପ୍ରାର୍ଥନା କରିବା ଆମକୁ ଓ ସେମାନଙ୍କୁ ସହାୟ ହୁଅନ୍ତୁ ।


ଜେଲରୋଡ଼, ଖୋର୍ଦ୍ଧା,

ମୋ. ୯୪୩୭୩୦୨୪୧୭

# ଘର ଭିତରର ପ୍ରଦୂଷଣ

**୨୦୧୭ ମସିହାରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଆମ ଦେଶରେ ଘରୋଇ ପ୍ରଦୂଷଣର ମୁଖ୍ୟ କାରଣ ରୋଷେଇ ଏବଂ ଶୀତଦିନେ ଉଷୁମ ପାଇଁ ଜ୍ୱଳନ କରାଯାଉଥିବା ଜାଳେଣୀ ଯଥା- ଗୋବର, କୋଇଲା ଓ କାଠ ଇତ୍ୟାଦି । ଏହି ପ୍ରଦୂଷଣ ଶ୍ୱାସଜନିତ ରୋଗ, ମୋତିଆବିନ୍ଦୁ ଏବଂ ହୃଦ୍‌ଘାତ ଆଦି ରୋଗର କାରଣ ହୋଇଥାଏ । ଘର ଭିତର ହେଉ ବା ଘର ବାହାରେ ହେଉ, ପ୍ରଦୂଷଣରୁ ନିଜକୁ ରକ୍ଷା କରିବା ଖୁବ୍ ଜରୁରୀ । ଘରେ ବାହାରେ ହେଉଥିବା ପ୍ରଦୂଷଣକୁ ନେଇ ଆମେ ସବୁବେଳେ ସଚେତନ ରହୁ । ମାତ୍ର ଘର ଭିତରର ପ୍ରଦୂଷଣ ନେଇ ଆମେ ଚିନ୍ତା କରୁନି, କିନ୍ତୁ ପ୍ରକୃତରେ ବାହାରର ପ୍ରଦୂଷଣ ଅପେକ୍ଷା ଘର ଭିତରର ପ୍ରଦୂଷଣ ଅଧିକ ଘାତକ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା ଘର ଭିତରର ପ୍ରଦୂଷଣ କିପରି ଚିହ୍ନିବେ, ଏଥିଯୋଗୁଁ ହେଉଥିବା ସମସ୍ୟ ଏବଂ ଏଥିରୁ ରକ୍ଷା ପାଇବାର ସମସ୍ୟା ଇତ୍ୟାଦି ।**



୩୨ ବର୍ଷ ବୟସ୍କା ରାଧିକାଙ୍କର ନିୟମିତ ଶ୍ୱାସ ସମସ୍ୟା ଥିଲା । ଅଚାନକ ଛିଙ୍କ ମଧ ହେଉଥିଲା । ଅନେକ ଚିକିତ୍ସା ପରେ ମଧ ଉପଶମ ହେଉନଥିଲା । ରାଧିକାଙ୍କର ଏହି ସମସ୍ୟା ସବୁବେଳେ ସନ୍ଧ୍ୟା ପରେ ହିଁ ଆରମ୍ଭ ହେଉଥିଲା । ତେବେ ଥରେ ସେ କଥା ଛଳରେ ଡାକ୍ତରଙ୍କୁ କହିଥିଲେ ଯେ, ତାଙ୍କ ସ୍ୱାମୀ ସନ୍ଧ୍ୟାରେ ଫାର୍ମହାଉସ୍‌ରୁ ଫେରିବା ପରେ ହିଁ ତାଙ୍କର ଛିଙ୍କ ଆରମ୍ଭ ହୋଇଯାଏ ଏବଂ ଅଣନିଃଶ୍ୱାସୀ ଲାଗେ । ଡାକ୍ତର ଏହାକୁ ଖୁବ୍ ଗୁରୁତର ସହ ବିଚାର କଲେ, ପରୀକ୍ଷାରୁ ଜଣାପଡ଼ିଲା ଯେ ରାଧିକାଙ୍କର ଚିକେନ୍ ଆଲର୍ଜି ଥିଲା । ତାଙ୍କ ସ୍ୱାମୀଙ୍କର କୁକୁଡ଼ା ଫାର୍ମ ଥିଲା, ସନ୍ଧ୍ୟାରେ ସେ ଘରକୁ ଆସିବା ସମୟରେ କୁକୁଡ଼ାଙ୍କ ଦେହରୁ ଉଡୁଥିବା ଧୂଳି, ପରର ଗୁଣ୍ଡ ଏବଂ ଅନ୍ୟାନ୍ୟ ସାମଗ୍ରୀ ତାଙ୍କ ପୋଷାକରେ ଲାଗି ରହୁଥିଲା ଏବଂ ଏହିଠାରୁ ରାଧିକାଙ୍କର ସମସ୍ୟା ଆରମ୍ଭ ହେଉଥିଲା । ଡାକ୍ତରଙ୍କ ପରାମର୍ଶକ୍ରମେ ରାଧିକାଙ୍କର ସ୍ୱାମୀ ଫାର୍ମହାଉସ୍‌ରୁ ଫେରିବା ପରେ ପୋଷାକ ସଫା କରି ଗାଧୋଇବା ପରଠାରୁ ଦୀର୍ଘଦିନରୁ ଥିବା ସମସ୍ୟା ଶେଷ ହୋଇଯାଇଥିଲା ରାଧିକାଙ୍କର ।

୨୦ ବର୍ଷ ବୟସ୍କା ମୋନାଙ୍କର ଲଗାତାର ଶୁଖିଲା କାଶ ହେଉଥିଲା । ଡାକ୍ତରମାନେ ସବୁପ୍ରକାର ପରୀକ୍ଷା ନିରୀକ୍ଷା ପରେ ଦୀର୍ଘସ୍ଥାୟୀ କାଶ ଯକ୍ଷ୍ମାର ଲକ୍ଷଣ ହୋଇପାରେ ବୋଲି ସନ୍ଦେହ କଲେ, ଯାଞ୍ଚରୁ କିନ୍ତୁ କିଛି ସୂଚନା ମିଳିଲା ନାହିଁ । ଥରେ ମୋନା ଡାକ୍ତରଙ୍କୁ କହିଲେ, ଯେତେବେଳେ ସେ କୌଣସି ପାର୍ଟି ପାଇଁ ପ୍ରସ୍ତୁତ ହୁଅନ୍ତି ସେତେବେଳେ ତାଙ୍କର କାଶ ଆରମ୍ଭ ହୋଇଯାଏ ଏବଂ ଏହା ତାଙ୍କୁ ପାର୍ଟିରେ ଲଜ୍ୟାକର ପରିସ୍ଥିତିରେ ମଧ ପକାଏ । ଏ ଶୁଣିବା ପରେ ଡାକ୍ତର ସେ ବ୍ୟବହାର କରୁଥିବା ପ୍ରସାଧନଗୁଡ଼ିକୁ ଯାଞ୍ଚ କଲେ । ଜଣାପଡ଼ିଲା ମୋନାଙ୍କର ଆଲର୍ଜି ତାଙ୍କ ପରଫ୍ୟୁମ୍ କାରଣରୁ । ଡାକ୍ତର ପରଫ୍ୟୁମ୍‌ର ବ୍ୟବହାର ବନ୍ଦ କରିବା ପାଇଁ ପରାମର୍ଶ ଦେଲେ । ଏହାର ପରିଣାମ ମଧ ସକାରାତ୍ମକ ହେଲା ।

ଏହି ଦୁଇଟି ମାମଲାରୁ ଜଣାପଡ଼ିଛି ଇନ୍‌ଡୋର ପଲ୍ୟୁସନ ବା ଘର ଭିତରର ପଲ୍ୟୁସନ ଆମର ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ ହୋଇଯାଇଛି । ଏମିତି ଅନେକ ଜିନିଷ ଅଛି ଯାହା ଘରର ଭିତରର ବାୟୁକୁ ଲଗାତାର ଖରାପ କରିଦିଏ । କିନ୍ତୁ ସବୁଠୁ ବଡ଼କଥା ହେଉଛି ଆମକୁ ଏହାର ସୂଚନା ମିଳେନି । ଆମେମାନେ ଏବେବି ଆଉଟ୍‌ଡୋର୍ ପଲ୍ୟୁସନ ଅର୍ଥାତ୍ ଘର ବାହାରେ ଯାନବାହନର ଧୂଆଁ, ନିର୍ମାଣାଧିନ ଅଟ୍ଟାଳିକାଗୁଡ଼ିକର ଧୂଳି ଆଦିକୁ ବିପଜ୍ଜନକ ବୋଲି ବିଶ୍ୱାସ କରୁଛୁ । କିନ୍ତୁ ଅନେକ ସମୟରେ ଇନ୍‌ଡୋର ପଲ୍ୟୁସନ ଆଉଟ୍‌ଡୋର୍ ପଲ୍ୟୁସନ ଅପେକ୍ଷା ଅଧିକ ଘାତକ ହୋଇଯାଏ । ଏହା ନାନାପ୍ରକାର ରୋଗ ଏବଂ ଆଲର୍ଜିର ମୁଖ୍ୟକାରଣ ହୋଇଯାଏ । ଇନ୍‌ଡୋର ପଲ୍ୟୁସନରୁ ରକ୍ଷା ପାଇବା ସବୁଠାରୁ ଅଧିକ ଜରୁରୀ । କାରଣ ଜୀବନର ୭୦-୯୦ ପ୍ରତିଶତ ସମୟ ମନୁଷ୍ୟ ଚାରିକାନ୍ଥ ଭିତରେ ହିଁ ରହିଥାଏ । ଏହା ଘର ହେଉ, ଅଫିସ୍ ହେଉ, ରେଷ୍ଟୁରାଣ୍ଟ ହେଉ ବା ମଲ୍ ହେଉ ।





### ଇନ୍‌ଡୋର ପଲ୍ୟୁସନ୍ କ'ଣ?

ଏହାର ଅର୍ଥ ହେଉଛି ଘର, କାର୍ଯ୍ୟାଳୟ, ସ୍କୁଲ୍ କିମ୍ବା କୌଣସି ଚାରିକାନ୍ଥ ଭିତରେ ଥିବା ବାୟୁ ଦୂଷିତ ହେବା । ଘରେ ବାୟୁ ଦୁଇପ୍ରକାରେ ପ୍ରଦୂଷିତ ହୋଇଥାଏ । ପ୍ରଥମତଃ ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ ଦ୍ୱାରା । ଏଥିରେ ସମସ୍ତପ୍ରକାର ସୁବାସ ସାମିଲ ଏହା ଖୁବ୍ ସହଜରେ ଏବଂ ଶୀଘ୍ର ବାଷ୍ପ ହୋଇ ବାୟୁରେ ମିଶିଯାଏ ଏବଂ ବାୟୁକୁ ପ୍ରଦୂଷିତ କରେ । ଯେମିତିକି ଏୟାର ଫ୍ରେଶ୍‌ନର, ପରଫ୍ୟୁମ୍, ମଶାମାରିବା ସ୍ପ୍ରେ, ସମସ୍ତ ପ୍ରକାର କ୍ଲିନିଙ୍ଗ ଏଜେଣ୍ଟ, ପ୍ରସାଧନ ସାମଗ୍ରୀ, ରଙ୍ଗ ଏବଂ ଅନ୍ୟ ସମସ୍ତ ପ୍ରକାର ଗ୍ୟାସୀୟ ପଦାର୍ଥ ଯାହାର ମହକ ରହିଛି । ଦ୍ୱିତୀୟରେ ରହିଛି ସେମି ଭୋଲାଟାଇଲ୍ ଅର୍ଗାନିକ କମ୍ପାଉଣ୍ଡ । ଏ ମଧରେ ଆସବାବପତ୍ରର ରଙ୍ଗ, ପଲିସ୍, କୀଟନାଶକ, ମଶା ଦୂରାଉଥିବା କ୍ରିମ୍ ଏବଂ ଗୃହ ନିର୍ମାଣ ସାମଗ୍ରୀ ଆଦି । ଏଥିରୁ ବାହାରୁଥିବା ରାସାୟନିକ ଉପାଦାନ ଧୀରେ ଧୀରେ ହେଲେ ମଧ ଦୀର୍ଘସମୟ ପର୍ଯ୍ୟନ୍ତ ଘର ଭିତରର ବାୟୁମଣ୍ଡଳକୁ ପ୍ରଦୂଷିତ କରନ୍ତି । ଏହାବ୍ୟତୀତ ପଶୁମାନଙ୍କ ରୁମ, ପକ୍ଷୀମାନଙ୍କ ପରର ଅଂଶ, ପୋଷା ପକ୍ଷୀଙ୍କର ପର ଇତ୍ୟାଦି ମଧ ଘର ଭିତରର ବାୟୁ ପ୍ରଦୂଷଣ ବଢ଼ାଇଥାଏ । ଏଥି ସହିତ ଭୂତାଣୁ, ବ୍ୟାକ୍ଟେରିଆ, ଫୁଲର ପରାଗରେଣୁ, ସବୁପ୍ରକାର ପ୍ରାକୃତିକ ବାଷ୍ପ, ଧୂଳି ଏବଂ ଧୂଳିରେ ବଢୁଥିବା କୀଟ, ରାସାୟନିକ ଦ୍ରବ୍ୟ, ଧୂଆଁ ଇତ୍ୟାଦି ବାୟୁ ପ୍ରଦୂଷଣ ବଢ଼ାଇଥାଏ ।

### ଆମେ ବି ଦାୟୀ

ଆମମାନଙ୍କ ଜୀବନଶୈଳୀ ମଧ ଘରର ଭିତରର ବାୟୁ ପ୍ରଦୂଷଣ ବଢ଼ାଇବାରେ ଦାୟୀ ହୋଇଥାଏ । ଗାଧୁଆଘର ଚଟାଣରୁ ଆରମ୍ଭ କରି ବାସନ ସଫା କରିବା ପର୍ଯ୍ୟନ୍ତ ସମସ୍ତ କ୍ଲିନିଙ୍ଗ ଏଜେଣ୍ଟରୁ ନିର୍ଗତ ହେଉଥିବା ବିଷାକ୍ତ ଗ୍ୟାସ୍ ଇନ୍‌ଡୋର ପଲ୍ୟୁସନ ପାଇଁ ଦାୟୀ । ପ୍ରତିଦିନ ବ୍ୟବହାର ହେଉଥିବା ପରଫ୍ୟୁମ୍, ପ୍ରସାଧନ ସାମଗ୍ରୀ, ମଶା ମାରିବା ଉପାଦାନ, ଏୟାର ଫ୍ରେସ୍‌ନର, ପୂଜାରେ ବ୍ୟବହୃତ କର୍ପୂର ଏବଂ ଅଗରବତି ଇତ୍ୟାଦି ଘର ଭିତରର ପ୍ରଦୂଷଣ ବୃଦ୍ଧି କରିଥାଏ । କାନ୍ଥ ଏବଂ ଆସବାବପତ୍ରରେ ଦିଆଯାଇଥିବା ଚମକ୍‌ଦାର ରଙ୍ଗ, ପଲିସ୍ ଇତ୍ୟାଦି ଜିନିଷରୁ କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ନିର୍ଗତ ହୋଇଥାଏ । ଏହା ଏକ ଗନ୍ଧହୀନ ଗ୍ୟାସ୍ । ତେଣୁ ଏହାର ଉପସ୍ଥିତି ଜଣାନପଡ଼ିଲେ ମଧ ଏହା ଘର ଭିତରର ପ୍ରଦୂଷଣ ବଢ଼ାଏ । ସେହିପରି ଘରେ ଲଗାଯାଇଥିବା ପର୍ଦ୍ଦା, କାର୍ପେଟ୍, ବିଛଣା, ରେଜେଇ ଆଦିରେ ଲୁଚି ରହିଥିବା ଧୂଳି-କିଟାଣୁ ଘର ଭିତରର ପ୍ରଦୂଷଣର ମୁଖ୍ୟ କାରଣ । ଏହାବ୍ୟତୀତ ପାଣି ଗରମ କରୁଥିବା ହିଟର, ଘର ଏବଂ ଅଫିସ୍‌ରେ ବ୍ୟବହୃତ ହେଉଥିବା ଷ୍ଟେସ୍‌ନାରୀ, ପ୍ରିଣ୍ଟର ଏବଂ ଅଠା ଆଦିରୁ ବାହାରୁଥିବା ଗ୍ୟାସ୍... ଏହାର ତାଲିକା ଖୁବ୍ ଲମ୍ବା, ଏଗୁଡ଼ିକ ମଧ ଘର ଭିତରର ପ୍ରଦୂଷଣ ପାଇଁ ଦାୟୀ ।





### ସମସ୍ୟାର ଲମ୍ବା ତାଲିକା

ପ୍ରଦୂଷଣ ଶରୀରରେ ସମସ୍ତ ପ୍ରକାର ସମସ୍ୟା ସୃଷ୍ଟି କରେ । ବାୟୁରେ ଥିବା ଗ୍ୟାସ୍ ଏବଂ ସୁବାସ ମୁଣ୍ଡବ୍ୟଥା, ଛିଙ୍କ, ଗଳା ଖଚ୍‌ଖଚ୍ ହେବା ପରି ସମସ୍ୟା ସୃଷ୍ଟି କରେ । ଏହି ଆଲର୍ଜି କୁଣ୍ଡାଇ ହେବା ରୂପରେ ହୋଇପାରେ କିମ୍ବା ଲଗାତାର ଆଖିରୁ ପାଣି ବୋହିପାରେ । କେତେକ ସମୟରେ ଶୁଖିଲା କାଶ ହୁଏତ କେତେବେଳେ ତ୍ୱଚା ଉପରେ ଲାଲ୍ ଦାଗ ହୁଏ ।

ବାୟୁରେ ଥିବା ରାସାୟନିକ ଦ୍ରବ୍ୟ, ଧୂଳିମାଟି, ବିଷାକ୍ତ ଗ୍ୟାସ୍, ଭୂତାଣୁ ଏବଂ ବ୍ୟାକ୍ଟେରିଆ ଆମ ଶରୀରର ସମସ୍ତ ପ୍ରଣାଳୀକୁ କ୍ଷତିଗ୍ରସ୍ତ କରନ୍ତି । ସର୍ବପ୍ରଥମେ ଏଗୁଡ଼ିକ ଆମର ଶ୍ୱାସ ପ୍ରଣାଳୀ, ବିଶେଷ କରି ଫୁସ୍‌ଫୁସ୍ ଉପରେ ଆକ୍ରମଣ କରନ୍ତି ଏବଂ ନାନାପ୍ରକାର ସଂକ୍ରମଣର କାରଣ ହୋଇଥାନ୍ତି । ଏତିକି ନୁହେଁ ଏଗୁଡ଼ିକ ଆମର ରୋଗ ପ୍ରତିରୋଧକ ପ୍ରଣାଳୀକୁ ଦୁର୍ବଳ କରିଦିଅନ୍ତି ଏବଂ ଆଜ୍‌ମାର ସମସ୍ୟା ସୃଷ୍ଟି କରନ୍ତି ।

ଘରେ ବ୍ୟବହାର ହେଉଥିବା ସମସ୍ତ ପ୍ରକାର ରାସାୟନିକ ଉପାଦାନ କ୍ୟାନ୍‌ସର କାରଣ ହୋଇଥାଏ । ଡ୍ରାଏକ୍ଲିନିଙ୍ଗ ପାଇଁ ବ୍ୟବହାର କରାଯାଉଥିବା ରାସାୟନିକ ଦ୍ରବ୍ୟ ଏହାର ଉଦାହରଣ । ଆମେ ଘରକୁ ସୁନ୍ଦର କରିବା ପାଇଁ ଯେଉଁ ରଙ୍ଗ ପ୍ରୟୋଗ କରୁ ସେଥିରେ ସୀସାର ପରିମାଣ ବିପଜ୍ଜନକ ସ୍ତରରେ ଥାଏ । ଏହା ଆମର ସ୍ନାୟୁ ପ୍ରଣାଳୀକୁ ଦୁର୍ବଳ କରିଦିଏ । ରକ୍ତରେ ଅଧିକ ମାତ୍ରାରେ ସୀସା ପହଞ୍ଚିଯାଏ, ଯାହାକି ବୃକକ୍ ନଷ୍ଟ ହେବାର ଆଶଙ୍କା ବଢ଼ାଇଥାଏ । ଗୃହ ଭିତରର ପ୍ରଦୂଷଣ ମନୁଷ୍ୟର ପ୍ରଜନନ କ୍ଷମତା ମଧ ହ୍ରାସ କରିଥାଏ । ସିଗାରେଟ୍, ରୋଷେଇ ତେଲ, ଗ୍ୟାସ୍, ଷ୍ଟୋଭ୍‌ରୁ ବାହାରୁଥିବା ଧୂଆଁ ଆଦି ନିମୋନିଆ, ବ୍ରୋଙ୍କାଇଟିସ୍ ଏବଂ ହୃଦ୍‌ରୋଗ ସମସ୍ୟା ସୃଷ୍ଟି କରେ । ଏଥିସହ ଆମର ଫୁସ୍‌ଫୁସ୍ କ୍ୟାନସର ହେବାର ଆଶଙ୍କା କେଇଗୁଣ ବଢ଼ିଯାଏ । ଅଫିସ୍‌ରେ ଷ୍ଟେସନାରୀ, ଲେଜର ପ୍ରିଣ୍ଟର ଆଦିରୁ ବାହାରୁଥିବା ସୂକ୍ଷ୍ମ କଣିକା ଏବଂ ଗ୍ୟାସ୍ ମଧ ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ ।





### ରକ୍ଷା ପାଇବାର ଉପାୟ

- ଘର ଭିତରେ କୌଣସି ପ୍ରକାର ଧୂଆଁ ବ୍ୟାପିବାକୁ ଦିଅନ୍ତୁ ନାହିଁ ।
- ସିଗାରେଟ୍-ବିଡି ସର୍ବଦା ଘର ବାହାରେ ଖୋଲାରେ ପିଅନ୍ତୁ ।
- ରୋଷେଇ ଘରେ ଏବଂ ଗାଧୁଆ ଘରେ ଭଲ ଏକଜଷ୍ଟ ଫ୍ୟାନ୍ ବ୍ୟବହାର କରନ୍ତୁ । ଝରକା ଖୋଲା ରଖନ୍ତୁ ଯେମିତିକି ବାଷ୍ପ ଧୂଆଁ ଆଦି ବାହାରିଯିବ ।
- ଘର ଭିତରେ ବାୟୁ ଚଳାଚଳ କରିବା ପାଇଁ ଯେତେ ଅଧିକ ସମ୍ଭବ ଝରକା ଏବଂ କବାଟ ଖୋଲା ରଖନ୍ତୁ ।
- ଘରେ ଅଦରକାରୀ ଭାବେ ପଡ଼ିଥିବା ଜିନିଷ ଉପରେ ଧୂଳି ଜମିଯାଏ, ତେଣୁ ଚେଷ୍ଟା କରନ୍ତୁ କେବଳ ଜରୁରୀ ଜିନିଷ ହିଁ ଆପଣଙ୍କ ଘରେ ଥିବ ।
- ସଜାଇବା ପାଇଁ ଏପରି ଜିନିଷକୁ ଏଡାନ୍ତୁ ଯେଉଁଥିରେ ଅଧିକ ଧୂଳି ଜମୁନଥିବ ଏବଂ ସହଜରେ ସଫା କରିହେଉଥିବ ।
- ପାଳିତ ପଶୁପକ୍ଷୀଙ୍କ ଗାଧୁଆପାଧୁଆ ଏବଂ ସେମାନଙ୍କୁ ସଫା ରଖିବା ଉପରେ ବିଶେଷ ଧାନ ଦିଅନ୍ତୁ । ସେମାନଙ୍କ କେଶ ନିୟମିତ ଭାବରେ କଟାନ୍ତୁ । ପୋଷା ଜୀବମାନଙ୍କୁ ନିଜ ଖଟ- ସୋଫାରେ ନ ବସାଇବା ଭଲ । ସେମାନଙ୍କ ପାଇଁ ଅଲଗା ସ୍ଥାନ କରନ୍ତୁ ଏବଂ ସେହି ସ୍ଥାନରେ ସେମାନଙ୍କୁ ବସାଇବାର ଅଭ୍ୟାସ କରନ୍ତୁ ।
- ଜୋତା-ଚପଲ ଷ୍ଟାଣ୍ଡ ଘର ବାହାରେ ରଖନ୍ତୁ । ଘର ସଦସ୍ୟଙ୍କ ସହିତ ଘରକୁ ଆସୁଥିବା ଅତିଥିମାନଙ୍କୁ ମଧ ଜୋତା-ଚପଲ ବାହାରେ କାଢ଼ିବାକୁ କୁହନ୍ତୁ ।
- ଏସିରଫିଲ୍‌ଟରମଝିରେମଝିରେ ସଫା କରନ୍ତୁ ।
- କେମିକାଲ ବଦଳରେ ହର୍ବାଲ ମହମବତି ଏବଂ ମଶା ମାରିବା ପାଇଁ ହର୍ବାଲ ଉପାୟ ଅବଲମ୍ବନ କରନ୍ତୁ ।
- ଚଟାଣ, ଆସବାବପତ୍ର ଏବଂ ବାଥ୍‌ରୁମ୍ ସଫା କରିବା ପାଇଁ ହର୍ବାଲ ବସ୍ତୁ ଉପଯୋଗ କରନ୍ତୁ ।
- ଯଦି ସ୍ପ୍ରେ ବ୍ୟବହାର କରିବା ଜରୁରୀ ତେବେ କୋଠରି ବନ୍ଦ ନକରି ଏହା ବ୍ୟବହାର କରନ୍ତୁ । ଯେପରିକି ପ୍ରଦୂଷିତ ବାୟୁ ବାହାରକୁ ଚାଲିଯିବ ।
- ନିଜର ଜୋତା-ଚପଲକୁ ସପ୍ତାହରେ ଥରେ ଖରାରେ ଦିଅନ୍ତୁ । ଏହା ଜୋତାରେ ଥିବା ସଂକ୍ରମଣକାରକ ଗୁଡ଼ିକୁ ନଷ୍ଟ କରିଦେବ ।
- ଯଦି ଭିଡ଼ ଅଞ୍ଚଳ କିମ୍ବା ମୁଖ୍ୟରାସ୍ତାର ଖୁବ୍ ନିକଟରେ ରହୁଛନ୍ତି ତେବେ ସକାଳ ଏବଂ ରାତିରେ ଝରକା ଓ କବାଟ ଖୋଲିବାର ଅଭ୍ୟାସ କରନ୍ତୁ । ଯାହାଫଳରେ ଘରକୁ କମ୍ ପ୍ରଦୂଷିତ ବାୟୁ ଆସିବ ।
- ଘରେ ବାୟୁ ଚଳାଚଳର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ।
- ଘରଭିତରେପ୍ରଦୂଷଣରଅନ୍ୟ ଏକ ବଡ଼ କାରଣ ରୋଷେଇ ଘରର ଆର୍ଦ୍ରତା । ତେଣୁ ବାସନ ସଫା କରିବା ପରେ ଏହାକୁ ଭଲ ଭାବରେ ପାଣି ନିଗିଡ଼ିବାକୁ ଦିଅନ୍ତୁ ଏବଂ ଘରକୁ ଶୁଖିଲା ରଖନ୍ତୁ ।
- ପିଲାମାନଙ୍କର ଆର୍ଟ ଆଣ୍ଡ କ୍ରାଫ୍ଟ ସାମଗ୍ରୀ ମଧ ପ୍ରଦୂଷଣ ବଢ଼ାଇଥାଏ । ଏହା ମଧରେ ସବୁ ପ୍ରକାର ରଙ୍ଗ, ଅଠା, କ୍ଲେ ଏବଂ ମାର୍କର ଆଦି ସାମିଲ ।





### ଧୂଳି-କୀଟଙ୍କ ଠାରୁ ଦୂରେଇ ରୁହନ୍ତୁ

ଘର ଭିତରର ବାୟୁ ପ୍ରଦୂଷଣର ଆଉ ଏକ କାରଣ ହେଉଛି ଧୂଳିରେ ବୃଦ୍ଧି ପାଉଥିବା କୀଟ ଯାହାକୁ ଡଷ୍ଟ ମାଇଟ୍ସ କୁହାଯାଏ । ଏଗୁଡ଼ିକ ନାନାପ୍ରକାର ସମସ୍ୟା ସୃଷ୍ଟି କରନ୍ତି, ଯେମିତି କାଶ, କୁଣ୍ଡାଇ ହେବା, ଗଳା ଖସ୍‌ଖସ୍ ହେବା, ଆଖି ଏବଂ ନାକରୁ ପାଣି ବୋହିବା, ଆଜ୍‌ମା ହେବା ଇତ୍ୟାଦି । ଏହି କୀଟଗୁଡ଼ିକ ଖାଲି ଆଖିକୁ ଦେଖାଯାଆନ୍ତି ନାହିଁ କିମ୍ବା କାମୁଡ଼ନ୍ତି ନାହିଁ । କିନ୍ତୁ ଯେଉଁଠି ଧୂଳି, ଅନ୍ଧାର, ଖାଦ୍ୟ ସାମଗ୍ରୀ ବା ଆର୍ଦ୍ରତା ଥାଏ ସେଠି ସେମାନେ ଖୁବ୍‌ଶୀଘ୍ର ନିଜର ବଂଶ ବିସ୍ତାର କରନ୍ତି । ଏମାନଙ୍କଠାରୁ ରକ୍ଷା ପାଇବାର ସବୁଠାରୁ ଭଲ ଉପାୟ ହେଉଛି ଘରେ କାର୍ପେଟ ନ ବିଛାଇବା । କାରଣ ଏଥିରେ ଥିବା ଧୂଳିରେ ଏସବୁ କୀଟ ଅଧିକ ବଂଶ ବିସ୍ତାର କରନ୍ତି । ଯଦି କାର୍ପେଟ ବିଛାଉଛନ୍ତି ତେବେ ସପ୍ତାହରେ ଥରେ ଏହାକୁ ଖୋଲା ସ୍ଥାନକୁ ନେଇ ଭଲ ଭାବରେ ସଫା କରନ୍ତୁ । ଏହାବ୍ୟତୀତ ପର୍ଦ୍ଦା ଏବଂ ସୋଫାର ଘୋଡ଼ଣିରେ ଖୁବ୍ ଧୂଳି ଜମେ । ମନେରଖନ୍ତୁ ଘର ସଫା କରିବା ସମୟରେ ଘରର ଝରକା ଏବଂ କବାଟ ଖୋଲା ରଖିବେ ଯେପରିକି ଧୂଳି ବାହାରକୁ ବାହାରିଯିବ । ଯଦି ଏମିତି ନକରିବେ ତା'ହେଲେ ଧୂଳି ଗୋଟିଏ ସ୍ଥାନରୁ ଯାଇ ଅନ୍ୟ ସ୍ଥାନରେ ଲାଗି ରହିଯିବ । କପଡ଼ାରେ ତିଆରି ଜିନିଷ ଏସବୁ କୀଟଙ୍କର ସବୁଠାରୁ ପ୍ରିୟ ସ୍ଥାନ । ତେଣୁ ଏମାନେ ଚାଦର, ତକିଆ ଏବଂ କମ୍ବଳକୁ ନିଜର ପ୍ରିୟ ସ୍ଥାନ କରନ୍ତି । ତେଣୁ ଏସବୁ ଜିନିଷ ଦୈନିକ ଝାଡ଼ିକରି ରଖନ୍ତୁ । ସପ୍ତାହ ଫରେ ଏହାକୁ ଯେମିତି ହେଲେ ବଦଳାନ୍ତୁ ଓ ସମୟ ସମୟରେ ଖରାରେ ଦିଅନ୍ତୁ ।

### ଏୟାର୍ ପ୍ୟୁରିଫାୟାର୍ ବ୍ୟବହାର

ଆଜିକାଲି ନାନା ପ୍ରକାର ଏୟାର୍ ପ୍ୟୁରିଫାୟାର୍ ବଜାରରେ ଉପଲବ୍ଧ ହେଉଛି । କୁହାଯାଉଛି ଇନ୍‌ଡୋର୍ ପଲ୍ୟୁସନ୍ କମ୍ କରିବାରେ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ତେବେ ଏଗୁଡ଼ିକ କେତେ ପ୍ରଭାବଶାଳୀ ତାହା ନିଶ୍ଚିତ ଭାବରେ କିଛି କୁହାଯାଇ ନାହିଁ ।

### ଆଉ କିଛି ଉପାୟ

ବି-ୱାକ୍ସ କ୍ୟାଣ୍ଡେଲ୍ : ଇନ୍‌ଡୋର୍ ପଲ୍ୟୁସନ୍ ଦୂର କରିବାରେ ବି-ୱାକ୍ସ କ୍ୟାଣ୍ଡେଲ୍ ହେଉଛି ଏଖ ପ୍ରାକୃତିକ ଉପାୟ ।ଖୁବ୍ କମ୍ ଲୋକ ଏକଥା ଜାଣନ୍ତିଜି ଯେ ବି-ୱାକ୍ସରେ ତିଆରି ମହମବତୀ ବାୟୁରେ ଥିବା ପରାଗ ରେଣୁ, ଧୂଳି ଏବଂ ଅନ୍ୟ ସବୁ ପକାର କଣିକା ଶୋଷି ନିଅନ୍ତି । ଏହା ସମ୍ପୂର୍ଣ୍ଣ ଭାବରେ ପରିବେଶ ଅନୁକୂଳ ଏବଂ ବାୟୁ ସଫା କରିବା ସହ ସେଗୁଡ଼ିକ ଘରର ବାୟୁକୁ ମଧ ସତେଜ ରଖନ୍ତି । ଏଥିସହ ଆଜିକାଲି ଲୁଣରେ ପ୍ରସ୍ତୁତ ଲ୍ୟାମ୍ପ ମଧ ଉପଲବ୍ଧ ହେଉଛି ଯାହା ବାୟୁରୁ ପ୍ରଦୂଷଣ ଶୋଷଣ କରିଥାଏ । ଆଜ୍‌ମା ରୋଗୀମାନଙ୍କ ପାଇଁ ଏହା ବିଶେଷ ଭାବରେ ଉପକାରୀ ହୋଇଥାଏ ।

### ଘରେ ତିଆରି କରନ୍ତୁ କ୍ଲିନିଙ୍ଗ୍ ଏଜେଣ୍ଟ

ଅଧା କପ୍ ଭିନେଗାର୍‌ରେ ଏକ ଛୋଟ ଚାମଚ ବେକିଂ ସୋଡାକୁ ଦୁଇ ଲିଟର ପାଣିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଏହି ଦ୍ରମଣରେ ଘରର ଝରକା, କାଚ ଆଦି ପୋଛନ୍ତୁ । ଏହା ଇନ୍‌ଡୋର୍ ପଲ୍ୟୁସନ୍ କମ୍ କରିବା ଦିଗରେ କିଛି ସାହାଯ୍ୟ କରିବ ।କାଠ ଆସବାବ ପତ୍ର ଏବଂ କାଚ ସଫା କରିବା ପାଇଁ ସଫା କଟନ୍ କପଡ଼ା ବ୍ୟବହାର କରନ୍ତୁ କାରଣ ଏହା ସହଜରେ ଅଧିକ ଧୂଳି ଧରି ପାରିବ ।ବାଥ୍‌ରୁମ୍‌ର ଫଙ୍ଗସ୍ ନଷ୍ଟ କରିବା ପାଇଁ ହାଇଡ୍ରୋଜେନ୍ ପେରୋକ୍ସାଇଡ୍‌ରେ ଦୁଇଗୁଣ ପାଣି ମିଶାଇ ସ୍ପ୍ରେ କରନ୍ତୁ ଏବଂ ଘଣ୍ଟାଏ ପରେ ଧୋଇ ଦିଅନ୍ତୁ । ଚଟାଣରେ ବିଛାଯାଇଥିବା କାର୍ପେଟ୍ ସଫା କରିବା ପାଇଁ ଏକ କପ୍ ବେକିଂ ସୋଡାରେ ୧୦-୧୨ ବୁନ୍ଦା ମନପସନ୍ଦର ତେଲ ମିଶାଇ କାର୍ପେଟ ଉପରେ ଛିଞ୍ଚି ଦିଅନ୍ତୁ । ଏହାର ଦୁଇ ଘଣ୍ଟା ପରେ ଏହାକୁ ଭକ୍ୟୁମ୍ କ୍ଲିନର୍‌ରେ ସଫା କରିଦିଅନ୍ତୁ । ଚପିଂ ବ୍ଲକ୍‌ରେ ଲେମ୍ବୁ ଚୋପା ରଗଡି ଦିଅନ୍ତୁ, ଏଥିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯିବେ ।

### ଇନ୍‌ଡୋର୍ ପ୍ଲାଣ୍ଟ ପାଇଁ ଇନ୍‌ଡୋର୍ ସଲ୍ୟୁସନ୍

କେତେକ ପ୍ରକାର ଗଛ ପ୍ରାକୃତିକ ଭାବରେ ବାୟୁକୁ ଶୁଦ୍ଧ କରନ୍ତି । ଏମିତି କିଛି ଇନ୍‌ଡୋର୍ ପ୍ଲାଣ୍ଟ ଅଛି ସେଗୁଡ଼ିକ ଘରର ବିଷାକ୍ତ ଉପାଦାନକୁ କମ୍ କରିବାରେ ସହାୟକ ହୋଇଥାଏ । ସେ ମଧରେ ଅଛି ଘିକୁଆଁରୀ । ଏହା ଲଗାଇବା ଏବଂ ଯତନ ନେବା ସହଜ । ତେବେ ନାନା ପ୍ରକାର ସୁଗୁଣରେ ପରିପୂର୍ଣ୍ଣ ଏହା । ଏହା କାର୍ପେଟ୍ ଏବଂ ପାର୍ଟିକିଲ୍ ବୋର୍ଡରୁ ଆସୁଥିବା ସମସ୍ତ ବେଞ୍ଜିନ୍ ଏବଂ ଏବଂ ଫର୍ମାଲ୍ଡିହାଇଡ୍‌କୁ ଶୋଷଣ କରିଥାଏ । ତେବେ ଏହି ଗଛ ସୂର୍ଯ୍ୟ କିରଣକୁ ଭଲ ପାଏ ଏବଂ ଖୁବ୍ କମ୍ ଜଳ ଆବଶ୍ୟକ କରେ । ତେଣୁ ଏହାକୁ ଘରେ କିନ୍ତୁ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖନ୍ତୁ । ଏହାକୁ ଲଗାଇବା ପାଇଁ ବଡ଼ ପାତ୍ର ମଧ ଆବଶ୍ୟକ ନାହିଁ । ଛୋଟ ପାତ୍ରରେ ଆପଣଙ୍କ ଝରକା ପାଖରେ ଏହା ରହି ଯାଇ ପାରିବ । ସେମିତି ବାୟୁ ଶୋଧନ କରୁଥିବା ଅନ୍ୟ ଏକ ଗଛ ହେଉଛି ସର୍ପଗନ୍ଧା । ଏହା ଫର୍ମାଲ୍‌ଡିହାଇଡ୍, ଟ୍ରାଇକ୍ଲୋରୋଏଥିଲିନ୍, ଜାଇଲିନ୍, ଟୋଲ୍ୟୁନ୍,ଏବଂ ବେଞ୍ଜିନ୍‌କୁ ଘରର ବାୟୁ ମଣ୍ଡଳରୁ ସଫା କରିଥାଏ । ଅନ୍ୟ ଗଛମାନଙ୍କ ବିପରୀତରେ ଏହା ରାତିରେ ମଧ କାର୍ବନ୍ ଡାଇଅକ୍ସାଇଡ୍ ଶୋଷଣ କରେ ଏବଂ ଅମ୍ଳଜାନ ପରିତ୍ୟାଗ କରେ । ଏହାକୁ ଘରେ ରଖିଲେ ଆପଣ ଘରେ ତାଜା ଅମ୍ଳଜାନ ପାଇ ପାରିବେ । ଘରୁ ପ୍ରଦୂଷଣ ଦୂରଉଥିବା ଅନ୍ୟ ଏକ ଗଛ ହେଉଛି ମନି ପ୍ଲାଣ୍ଟ । ଏହା ଘର ମଧରେ ଥିବା ରାସାୟନିକ ବିଷାକ୍ତତା ଶୋଷଣ କରି ସତେଜ ବାୟୁ ଦେଇଥାଏ । ଘର ମାନଙ୍କରେ ଡ୍ରଇଁରୁମ୍‌ର ଶୋଭା ବର୍ଦ୍ଧନ କରୁଥିବା ବାମ୍ବୋ ପାମ୍ ବା ବାଉଁଶ ତାଳ ଘରକୁ ସଫା ଏବଂ ସବୁଜ କରିଥାଏ ।







## ବରିଷ୍ଠ ନାଗରିକମାନଙ୍କର ବୈଠକ

**କେନ୍ଦ୍ରାପଡା:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମ ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କର ଏକ ବୈଠକ ଓସ୍ତପୁର ଗ୍ରାମର ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୨୦ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ଏହି ବୈଠକରେ ଅଧକ୍ଷତା କରିଥିଲେ ଦେପୁର ଗ୍ରାମର ବରିଷ୍ଠ ନାଗରିକ ଅବସରପ୍ରାପ୍ତ ଉପନିରକ୍ଷକ ମଧୁସୁଦନ ରାଉତ । ସଂଯୋଜକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସ୍ୱାଇଁ ସଭାର ଉଦ୍ଦେଶ୍ୟ ଓ ସମ୍ପର୍କରେ ଆଲୋକପାତ କରିଥିଲେ । ସର୍ବସମ୍ମତି କ୍ରମେ ଏକ ୧୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । କାର୍ଯ୍ୟକାରୀ ସମିତି ସଦସ୍ୟ ମଧ୍ୟରେ ମଦୁସୁଦନ ରାଉତ ସଭାପତି, ଉପେନ୍ଦ୍ର ନାଥ ପ୍ରଧାନ ଉପସଭାପତି, ହରେକୃଷ୍ଣ ପତି ସଂପାଦକ, ହୃଷିକେଶ ନାୟକ ସହ ସଂପାଦକ, ଅନନ୍ତ ଚରଣ ସ୍ୱାଇଁ କୋଷାଧକ୍ଷ, ରାମଚନ୍ଦ୍ର ରାଉତ ସାଂସ୍କୃତିକ ସଂପାଦକ ରୂପେ ମନୋନୀତ ହୋଇଥିଲେ । ଉପଦେଷ୍ଟା ଭାବେ ଧନେଶ୍ୱର ତ୍ରିପାଠୀ, ବୈଷ୍ଣବ ଚରଣ ରାଉତ, ମୁରଲୀଧର ପାତ୍ର ଓ ସେହିପରି ରତ୍ନାକର ରାଉତ, ବନମାଳି ସାମଲ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଓ ଶ୍ରୀଧର ନାୟକ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ସର୍ବଶେଷରେ ସଭାପତିଙ୍କ ଓ ଅନ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ଦିଆଯାଇ ଆସନ୍ତା ବୈଠକ ଆଗାମୀ ନଭେମ୍ବର ମାସ ତୃତୀୟ ରବିବାର ଦିନ ଅନୁଷ୍ଠିତ ହେବାକୁ ସ୍ଥିର ହେଲା ।

## ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ରାଜନଗର:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବାଲିସାହି ପାଟଣା ପଞ୍ଚାୟତରେ ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ପଞ୍ଚାୟତର ମଧୁପୁର ଗ୍ରାମର ମାଧବେଶ୍ୱର ଶିବ ମନ୍ଦିର ପରିସରର, ବାଲିସାହିପାଟଣା ମା ଥାନପତି ନିକଟ, ଚମ୍ପାଦିଆ ଗ୍ରାମ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସର ଓ ପୋଖରିଆ ବିଶେଶ୍ୱର ଶିବ ମନ୍ଦିର ପରିସରରେ ହାଇମାକ୍ସ ଲାଇଟ ସ୍ଥାପନ ସହ ବିଶେଶ୍ୱର ମନ୍ଦିର ନିକଟରେ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦାମୋଦର ବିଶ୍ୱାଳ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ବିଶ୍ୱ ରଞ୍ଜନ ଜେନା, ବିଭୂତି ଭୂଷଣ ଜେନା, ପଞ୍ଚାୟତ ମୁରବି କାମିନି ରଞ୍ଜନ ଜେନା ବୈକୁଣ୍ଠନାଥ ପରିଡା କାଲୁ ବଳ ସଚିଦାନନ୍ଦ ବଳ, ନାରାୟଣ ଭୂୟାଁ, ବସନ୍ତ କୁମାର ନାୟକ, ବିକାଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ଲଷ୍ଟରସ୍ତରୀୟ ସୁରଭି ଉଦଯାପିତ

**ଆଳି:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଆଳି ବ୍ଲକ ଅନ୍ତର୍ଗତ ବାଳକାଟୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ସୁରଭି ସ୍ଥାନୀୟ ବଡଆଙ୍କୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପରିଡାଙ୍କ ଅଧ୍ୟକ୍ଷତାରେ ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ ଅକ୍ଷନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିବା ପରେ ବରିଷ୍ଠ, କନିଷ୍ଠ ଓ ସର୍ବ କନିଷ୍ଠ ବର୍ଗରେ ବିତର୍କ, ବକ୍ତୃତା, ପ୍ରବନ୍ଧ, କୁଇଜ, ହସ୍ତାକ୍ଷର, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଭାଗରେ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟରୁ ୧୯୨ ଛାତ୍ରଛାତ୍ରୀ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ସୁଶାନ୍ତ ନାୟକଙ୍କ ତତ୍ୱାବଧାନ ଓ କ୍ଲଷ୍ଟର ଅନ୍ତର୍ଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପ୍ରତିଯୋଗିତା ପରିଚାଳନା ଓ ମୂଲ୍ୟାୟନ କରାଯାଇଥିଲା । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମଲିକଙ୍କ ଅଧକ୍ଷତାରେ ଉଦଯାପନୀ ଉତ୍ସବରେ ବାଳକାଟୀ ସରପଞ୍ଚ ସୁକାନ୍ତି ପରିଡା, ମହୁ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ରାଉତ, ବିଦାୟୀ ସିଆରସିସି ଶେଖ ମତିଉଲ୍ଲା, ଅଚ୍ୟୁତାନନ୍ଦ ନାଥ, ରୀନା ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବରିଷ୍ଠ ଶିକ୍ଷକ ରତିକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଅବଦୁଲ ସମିମ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମ କମିଟି ଓ ବଜରଙ୍ଗବାଲି ଯୁବକ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବୃଦ୍ଧଙ୍କ ମୃତଶରୀର ପୋଖରୀରୁ ଉଦ୍ଧାର

**ପାଟକୁରା:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବିଚଣା ଗ୍ରାମର ପମ୍ପ ହାଉସ ନିକଟରେ ଥିବା ଏକ ପୋଖରୀରୁ ଜୈନେକ ବୃଦ୍ଧଙ୍କ ମରଶରୀର ଉଦ୍ଧାର କରାଯାଇଛି । ପୋଲିସ ଶବ ଜବତ କରି ଏକ ଅପମୃତ ମାମଲା ରୁଜୁ କରି ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ପଠାଇଦେଇଛି । ଖବର ନେବାରୁ ଜଣାଯାଇଛି ଯେ ଏହି ପୋଖରୀରେ ଭାସୁଥିବା ମୃତଶରୀରଟି ହେଉଛି ସ୍ଥାନୀୟ ହରିଦାଶପୁର ଗ୍ରାମର ହରି ଦାଶ (୬୦) ଙ୍କର । ଗତ ଦୁଇଦିନ ପୂର୍ବରୁ ହରି ଦାଶ ନିଖୋଜ ଥିଲେ । ପରିବାର ଲୋକ ବିଭିନ୍ନ ଆଡେ ଖୋଜା ଖୋଜି କରି ନିରାଶ ହୋଇ ପାଟକୁରା ପୋଲିସକୁ ଜଣାଇଥିଲେ । ବୁଧବାର ପୋଖରୀ ମଧରେ ଶବ ଭାସୁଥିବାର ଗ୍ରାମବାସୀମାନେ ଦେଖି ପୋଲିସକୁ ଖବର ଦେବା ସହିତ ଅଗ୍ନିଶ୍ରମ ବାହିନୀଙ୍କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଗରଦପୁର ଅଗ୍ନିଶ୍ରମ ବାହାନି ପହଞ୍ଚି ପୋଖରୀ ମଧରୁ ଶବକୁ କାଢିଥିଲେ । ଓ ପୋଲିସ ଶବକୁ ଜବତ କରିଥିଲା । ମୃତ୍ୟୁର ସଠିକ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିଲାପରେ ସବୁ ସ୍ପଷ୍ଟ ହୋଇଯିବ ବୋଲି ପୋଲିସ ଜଣାଇଛି ।

## ବୋଇତବନ୍ଦାଣ ସମିତିର ଜିଲ୍ଲାସ୍ତରୀୟ ପ୍ରତିଯୋଗୀ ସମାବେଶ

**କେନ୍ଦ୍ରାପଡା:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଜିଲ୍ଲା ବୋଇତ ବନ୍ଦାଣ ସମିତି କେନ୍ଦ୍ରାପଡାର ୫୭ତମ ବୋଇତ ବନ୍ଦାଣ ଉତ୍ସବର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବିଭାଗରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ, ନୃତ୍ୟ (ଭଜନ), ଝୋଟି (ମୁରୁଜ) ଓ ମେହେନ୍ଦୀ ପ୍ରଭୃତି ବିଭାଗରେ ଅଂଶଗ୍ରହଣ କରିଥିଲେ । ଏଥିରେ ବିଚାରକ ଭାବରେ ଡ. ହିମାଂଶୁ ପରିଡା, ପ୍ରାଧ୍ୟାପକ ଡ. ଚୈତନ୍ୟ ଚରଣ ପରିଡା, ଡ. ଶ୍ରୀନିବାସ ମହାନ୍ତି, ଗବେଷକ ନିରଞ୍ଜନ ମେକାପ, ଶରତ ଚନ୍ଦ୍ର ଧଳ, ଅବନ୍ତୀ ବେହେରା, ଜୟଶ୍ରୀ ଦାସ, ମିନତୀପ୍ରଭା ସ୍ୱାଇଁ, ଅଜୟ ପଣ୍ଡା, ନିରଞ୍ଜନ ସାହୁ ଓ ରଣଧୀର ଜେନା ପ୍ରମୁଖ ଯୋଗଦେଇଥିଲେ । ବିଗତ ବର୍ଷମାନଙ୍କ ଭଳି କଲେଜର ଅଧକ୍ଷ ମଥୁରୀ ଚରଣ ନାୟକଙ୍କ ସମେତ ଅଧାପକ ଓ ଅଧାପିକାମାନେ ଏଥିରେ ସହଯୋଗ କରିଥିବାରୁ ସମିତି ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ସମିତିର ସଭାପତି ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ଉମାଶଙ୍କର ଜେନା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ଉପସଭାପତି ରବିନାରାୟଣ ମହାନ୍ତି, ସରୋଜକାନ୍ତ ସାହୁ, ରାଜେନ୍ଦ୍ର ମହାପାତ୍ର, ଗୋଲେଖ ପଡିଆରୀ, କମଳାକାନ୍ତ ବେହେରା, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ନିରଞ୍ଜନ ବେହେରା, ରଜନୀକାନ୍ତ ଦାସ, ପ୍ରଫୁଲ୍ଲ କୁମାର ଜେନା, ଅଶୋକ ସାହୁ ପ୍ରମୁଖ ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମିତିର ସ୍ଥାୟୀ ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଆସନ୍ତା ନଭେମ୍ବରମାସ ୫ତାରିଖରେ ବୋଇତ ବନ୍ଦାଣ ଉତ୍ସବ ସ୍ଥାନୀୟ ଟାଉନହଲ ପରିସରରେ ସକାଳ ୧୦ଟାରେ ଅନୁଷ୍ଠିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ଏଥିସହିତ ସକାଳ ୮ଟାରେ ଜଜାଙ୍ଗସ୍ଥିତ ଆଦର୍ଶ ଜେନା ପୋଖରୀରେ ବୋଇତ ବନ୍ଦାଣ ଅନୁଷ୍ଠିତ ହେବ । ଏହି ଉତ୍ସବରେ ବହୁ ସଂଖ୍ୟାରେ ଯୋଗଦେବାକୁ ମୁଖ୍ୟଉପଦେଷ୍ଟା ନିବେଦନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ

**ଭବାନୀପାଟଣା:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ତମାଖୁ ସେବନ ଅଧିକାଂଶ ଅଣୁ ସଂକ୍ରାମକ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ । ତମାଖୁ ବର୍ଜନ ଆଜିର ଯୁବପିଢି ପାଇଁ ଆହ୍ୱାନ୍ । ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ତମାଖୁ ମୁକ୍ତ ସମାଜ ଓ ଜିଲ୍ଲା ଗଠନ ସମ୍ପର୍କରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ବିଶେଷ କରି ଛାତ୍ରଛାତ୍ରୀ, ଯୁବପିଢି କିପରି ସଚେତନ ହୋଇ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବେ ସେ ସମ୍ପର୍କରେ ବିଶେଷକରି ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଅବକାରୀ, ପୋଲିସ ବିଭାଗ ଓ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ତମାଖୁ ଓ ଏହାର କୁପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ । ତମାଖୁ ମୁକ୍ତ ବିଦ୍ୟାଳୟ, ଗ୍ରାମ ଗଠନ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ପଥପ୍ରାନ୍ତ ନାଟକ, ୱାଲ ପେଣ୍ଟିଙ୍ଗ, ସଚେତନତା ଶୋଭାଯାତ୍ରା, ଡାକବାଜି ଜନ୍ତ ଦ୍ୱାରା ପ୍ରଚାର, ସ୍କୁଲ କଲେଜରେ ସଭାସମିତି ଇତ୍ୟାଦି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି । ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ବିଶ୍ୱରେ ଚିନ୍ତାର କାରଣ ହୋଇଅଛି । ତମାଖୁ ସେବନ ଦ୍ୱାରା ସାରା ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଥାନ୍ତି । ତମାଖୁ ସେବନ ଦ୍ୱାରା ଭାରତ ବର୍ଷରେ ପ୍ରତିବର୍ଷ କର୍କଟ, ହୃଦରୋଗ, ଶ୍ୱାସ ଜନିତ ରୋଗ, ମଧୁମେହ, ମସ୍ତିଷ୍କାଘାତ ଆଦି ରୋଗରେ ପଡି ୨୮ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁମୁଖରେ ପଡିଥାନ୍ତି । ତମାଖୁ ଧୂଆଁରେ ୭ ହଜାରରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥିରୁ ୬୯ଟି କର୍କଟ ରୋଗର କାରଣ ଅଟେ । ଧୂମହିନ୍ ତମାଖୁରେ ୩ ହଜାର ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥି ମଧ୍ୟରୁ ୨୮ଟି କର୍କଟ ରୋଗର କାରଣ ଅଟେ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ତମାଖୁ ମୁକ୍ତ ଅଭିଯାନ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ତମାଖୁ ମୁକ୍ତ ଯୁବା ଅଭିଯାନ ୩.୦ ଓଡିଶା ଆସନ୍ତା ଡିସେମ୍ବର ୯, ୨୦୨୫ ପର୍ଯ୍ୟନ୍ତ ଚାଲିବ । ଡିପିଏମ୍ ଦିଲୀପ ଦୁବେ କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ଏଥିରେ ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, ସହକାରୀ ଜିଲ୍ଲା ଶିକ୍ଷା ଅଧିକରୀ ହେମସାଗର ମହାନନ୍ଦ, ଏଡିପିଏଚ୍ଓ (ଲେପରୋସି) ଡା.ଟୁଡୁ, ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧର୍ମେନ୍ଦ୍ର ତାଣ୍ଡି, ସହକାରୀ ପରିଚାଳକ (ଏନସିଡି) ସଂଯୁକ୍ତା ବାଗ, ଏଫ୍ଏସ୍ଓ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ ।



ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରସର ଜାତୀୟ ପରିଷଦକୁ ନିର୍ବାଚିତ ହେବାପରେ ପ୍ରଫେସର ପ୍ରଭାତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସୋଆ ଅଧକ୍ଷ ପ୍ରଫେସର ମନୋଜ ନାୟକ

### ଆଇନଜୀବି ପୀତବାସ ପଣ୍ଡା ହତ୍ୟା ଘଟଣା

# ବିଜେଡିର ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖିଲା ବିଜେପି

**ବ୍ରହ୍ମପୁର:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**




ଗୁରୁବାର ସ୍ଥାନୀୟ ହିଲପାଟଣା ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନଜୀବି ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ବିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖାଯାଇଛି । ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ଭଳି ଏକ ସ୍ପର୍ଶକାତର ଘଟଣାରେ ହାଇ ପ୍ରୋଫାଇଲ ବିଜେଡି ନେତା ଅଭିଯୁକ୍ତଙ୍କୁ ଗିରଫ ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ପୀତବାସଙ୍କ ରାଜନୈତିକ ଜୀବନରେ ମିଶି ରହିଥିବା ବିକ୍ରମ ପଣ୍ଡାଙ୍କ ହାତ ଛାଡ଼ିବା ପରଠାରୁ ପ୍ରତ୍ୟେକ ଦିନ ତାଙ୍କର ବେନିୟମ କାର୍ଯ୍ୟକାଳ ଲୋକଲୋଚନକୁ ଆଣିଥିଲେ । ବନ୍ଧୁ ହେଲା ବଇରିଓ ସେ ହାତ ଛାଡ଼ି ଦେବା ପରେ ଆକ୍ରୋଶ ହୋଇ ହତ୍ୟା ବ୍ୟୁହ ରଚନା କରିଥିବା କାହାକୁ ଅଛପା ନାହିଁ । ହତ୍ୟା ପରେ ଅଭିଯୁକ୍ତମାନେ ସନ୍ଦେହ ଘେରକୁ ଆସିଥିଲେ । ପୋଲିସ ବହୁ ଲୋକଙ୍କୁ ଡାକି ପଚରା ଉଚରା କରିଥିଲା । ବଛା ବଛା ଅଫିସରଙ୍କୁ ନେଇ ଟିମ୍ ଗଠନ କରିଥିଲା । ପୂର୍ବରୁ ଯେଉଁ ଦଳ କହୁଥିଲା ଆଇନ ତା'ବାଟରେ ଯିବ ଆଜି ଆଇନର ପ୍ରତିବନ୍ଧକ ସାଜି ତଦନ୍ତକୁ ବାଟବଣା କରିବାକୁ ପ୍ରୟାସ କରି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇବା ଉଦ୍ୟମ ଲୋକଙ୍କୁ ଚକିତ କରିଛି । ଏହି ଘଟଣାରେ ମନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଦୁର୍ଭାଗ୍ୟଜନକ ମନ୍ତ୍ରୀଙ୍କ ଚରିତ୍ର ସ୍ଖଳନ ଉଦ୍ୟମ ନୀନ୍ଦନୀୟ । ମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିକୁ ମଳିନ କରିବାକୁ ଯେଉଁମାନେ ହୀନ ପ୍ରଚେଷ୍ଟା କରୁଛନ୍ତି ତାହାକୁ ଜିଲ୍ଲାବାସୀ କଦାପି ବରଦାସ୍ତ କରିବେ ନାହିଁ । ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଭଳି ଜଣେ ଧର୍ମାତ୍ମା ଓ ଆଦର୍ଶବାଦୀ ମଣିଷଙ୍କୁ ନିନ୍ଦା କରି କୁଚକ୍ରୀ ଗୋଷ୍ଠୀ କେବେ ସଫଳ ହୋଇପାରିବନି । ଗଞ୍ଜାମ ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ତାଙ୍କର ଚେଷ୍ଟା ଓ ନିଷ୍ଠା ସାରା ଜିଲ୍ଲାବାସୀ ଜାଣନ୍ତି ପୀତବାସଙ୍କ ମନ୍ତ୍ରୀଙ୍କ ସହିତ ତାଙ୍କର ଦୀର୍ଘ ଦିନର ବ୍ୟକ୍ତିଗତ ସମ୍ପର୍କ ଥିଲା । ସେ ବିଜେପିରେ ଯୋଗ ଦେବା ପରେ ଦଳର ସବୁ କାର୍ଯ୍ୟରେ ସହଯୋଗ କରି ନିଷ୍ଠାର ସହ ପାଳନ କରି ଆସୁଥିଲେ । ଘଟଣାର ପୂର୍ବଦିନ ଗଞ୍ଜାମ ଜିଲ୍ଲାର ବିକାଶ ମାନଚିତ୍ର ଦଲିଲ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଭବୀ ସମ୍ପର୍ଣ୍ଣ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ନେଇ ବୈଠକ ହୋଇଥିଲା । ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ପୀତବାସ ପଣ୍ଡାଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା । ପରଦିନ ଆଭାସୀ ବୈଠକ ସ୍ଥିର ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟର କଥା, ପୀତବାସଙ୍କୁ ଗୁଳି ଖବର ପାଇବା ତତକ୍ଷଣାତ ମନ୍ତ୍ରୀ ବଡ଼ ଡାକ୍ତରଖାନାରେ ପହଞ୍ଚି ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଅକର୍ଷଣ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପୋଲିସ ମହାନିର୍ଦ୍ଦେଶକ, ଏସିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହତ୍ୟା ଘଟଣାରେ ମ୍ରିୟମାଣ ହୋଇଥିବା ମନ୍ତ୍ରୀ ରାତି ତମାମ ଡାକ୍ତରଖାନାରେ ଉପସ୍ଥିତ ଥିଲେ । କେବଳ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ନାହାନ୍ତି ବରଂ ତାଙ୍କ ଅସମୟରେ ବନ୍ଧୁ ହୋଇ ଠିଆ ହୋଇଛନ୍ତି । ସତ ଚାପି ଦେଇ ବାରମ୍ବାର କେତେ ମିଛ ଆସ୍ଫାଳନ କଲେ ବି ମନ୍ତ୍ରୀଙ୍କ ଭାବମୂର୍ତ୍ତିରେ କୌଣସି ଆଞ୍ଚ ଆସିବ ନାହିଁ । ତଦନ୍ତରେ ବାଧା ଉପୁଜିବ ନାହିଁ । ଯେଉଁମାନେ ନିର୍ମମ ହତ୍ୟା କରି ଘୃଣ୍ୟ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଜନସାଧାରଣ କ୍ଷମା ଦେବେ ନାହିଁ । ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କୁ ଗୁଳି କରି ହତ୍ୟା କଲେ ସଭ୍ୟ ସମାଜ କେବେ ଗ୍ରହଣ କରିବ ନାହିଁ । ଦୋଷୀଙ୍କୁ ଘଣ୍ଟ ଘୋଡାଇବା, ଅନ୍ୟମାନଙ୍କୁ ଦୋଷାରୋପ କରି ଜନସାଧାରଣଙ୍କୁ ଭ୍ରମିତ କରିବା ଓ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରି ବାଟବଣା କରିବାକୁ ଚେଷ୍ଟା କରିବା ଏବଂ ରାଜନୈତିକ ବଜାରରେ ପଣ୍ୟ ଦ୍ରବ୍ୟ ଭଳି ବିକ୍ରି ହୋଇ କିଛି କୁଜି ନେତା ତାହା ମିଛ କହି ଲୋକଙ୍କୁ ଭ୍ରମିତ କରୁଥିବା ଅଭିଯୋଗରେ ଭାରତୀୟ ନ୍ୟାୟ ସଂହିତା ଦଫା ୨୪୯/୨୪୮/୨୪୦/୨୩୮/୨୨୧ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଜେଡି ନେତା ଚନ୍ଦ୍ରଶେଖର ସାହୁ ଓ ଭୃଗୁ ବକ୍ସିପାତ୍ରଙ୍କୁ ଗିରଫ କରିବାକୁ ବିଜେପି ଦାବି କରୁଛି ।

## ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ସମ୍ବନ୍ଧୀୟ ବୈଠକ

**ଯାଜପୁର:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ 'ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା' ଅଧିନରେ ବିଦ୍ୟାଳୟସ୍ତରରେ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଯୋଜନା ଅଧିନରେ ଜିଲ୍ଲାର ପ୍ରତି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରେଇବା ସହ ଦୃଷ୍ଟି ବ୍ୟାଧି ପିଲାମାନଙ୍କୁ ମାଗଣା ଚଷମା ପ୍ରଦାନ ଏବଂ ଚିକିତ୍ସା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି ।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ କର ଜିଲ୍ଲାର ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ଦୃଷ୍ଟି ବ୍ୟାଧିତ ଯୋଗୁଁ କେତେ ପିଲା ଅସୁବିଧା ଭୋଗୁଛନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ଉପସ୍ଥିତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ପରାମର୍ଶ ଦେଲେ । ଏହା ସହ ଜିଲ୍ଲାରେ ପୂର୍ଣ୍ଣମାତ୍ରାରେ ସଫଳ କରିବାକୁ ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଯଯାତୀ କେଶରୀ ଭେଷଜ ମହାବିଦ୍ୟାଳୟ ଓ ଅଧାପନା ଚିକିତ୍ସାଳୟର ଡିନ୍ ତଥା ଅଧକ୍ଷ ଡ଼ା. ସୀତାରାମ ମହାପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା



**ଗୁଣୁପୁର:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଡିଜିଟାଲ ପ୍ଲାଟଫର୍ମର ବହୁଳ ବ୍ୟବହାର ଉପରେ ସଚେତନତା ଆବଶ୍ୟକ । ବିଶେଷ କରି ଯୁବ ପିଢ଼ି ସାଇବର ସୁରକ୍ଷା ଉପରେ ଲୋକଙ୍କୁ ଅଧିକ ସଚେତନ କରିବା ଦିଗରେ ଆଗଭର ହେବାକୁ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣି ଆହ୍ୱାନ ଦେଇଛନ୍ତି । ଗୁରୁବାର ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ଏମବିଏ ବିଭାଗ ଅଡିଟରିୟମରେ ରାୟଗଡା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନ ଅଭିଯାନ କାର୍ଯ୍ୟକ୍ରମକୁ ଉଦଘାଟନ କରି ଜିଲ୍ଲାପାଳ ଶ୍ରୀ କୁଳକର୍ଣ୍ଣ ଉପରୋକ୍ତ ମନ୍ତବ୍ୟ ଦେଇ ସାଇବର ଅପରାଧ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଧରଣର ସାଇବର ସୁରକ୍ଷା ଚିନ୍ତାଧାରାକୁ ଜିଲ୍ଲାପାଳ ପ୍ରଶଂସା କରି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର ଯୋଗଦେଇ ସାଧାରଣ ଜନତାଙ୍କ ମଧ୍ୟରେ ସାଇବର ସୁରକ୍ଷା ନେଇ ସଚେତନ କରି ବିଭିନ୍ନ ପ୍ରକାର ଟିପି ଠକାମି, ୱେବସାଇଟ ଠକାମି, ଫ୍ୟାକ୍ ମେସେଜ, ସୋସିଆଲ ମିଡ଼ିଆ ହ୍ୟାକିଂ ଭଳି ଠକାମିରୁ ନିବୃତ୍ତ ରହିବା ନିମନ୍ତେ ଅନୁରୋଧ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଯୋଗ ଦେଇ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସାଇବର ଠକେଇରୁ ବଞ୍ଚିତ କରିପାରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଶ୍ୱ ବିଦ୍ୟାଳୟର ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଏହିଭଳି ସଚେତନ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ଧନ୍ୟବାଦ୍ ଜଣାଇଥିଲେ । କୁଳପତି ଡଏଭିଏନଏଲ ଶର୍ମାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ ଧର ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ ଡକେ ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ପ୍ରଫେସର ଏସଏନ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଇଁ ପ୍ରସ୍ତୁତି



**ଦେବଗଡ:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ୨୭ ଅକ୍ଟୋବର ୨୦୨୫ ଠାରୁ ୨ ନଭେମ୍ବର ୨୦୨୫ ଦେବଗଡ଼ ସଦର ମହକୁମା, ବ୍ଲକ୍ ଓଗ୍ରାମ ପଞ୍ଚାୟତ ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେବ । ଏହି ଅବସରରେ ସାଧାରଣ ସଭା, ସମୂହ ଶପଥ ପାଠ, ସଚେତନତା ଶୋଭା ଯାତ୍ରା, ଆଲୋଚନା ଚକ୍ର, ବିଭିନ୍ନ ଗ୍ରାମ ପଞ୍ଚାୟତ ବ୍ଲକମାନଙ୍କରେ ଗ୍ରାମ ସଭା ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ସ୍ଲୋଗାନ, ଦୁର୍ନୀତି ନିବାରଣ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା, ଜଣା ଅଜଣା ପ୍ରତିଯୋଗିତା କରିବା ପାଇଁ ସ୍ଥିର କରାଯାଇଛି । ବୈଠକରେ ଏସିଏଫ୍ ଅରୁଣ କୁମାର ବେହେରା, ଇନ୍ସପେକ୍ଟର ଦୁର୍ନୀତି ନିବାରଣ ସାବିତ୍ରୀ ଖାକା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ପ୍ରକଳ୍ପ ପ୍ରଶାସିକ ଟିଏଆଇଟିଡିଏ ସନ୍ଧ୍ୟା ମାଝି, ନିଯୋଜନ ଅଧିକାରୀ କେ ରୋଜା ଡୋରା, ଗୋଷ୍ଠି ଉନ୍ନୟନ ଅଧିକାରୀ ରିଆମାଳ ଆଦିତ୍ୟ କୁମାର ପଣ୍ଡା, ଗୋଷ୍ଠି ଉନ୍ନୟନ ଅଧିକାରୀ ତିଳେଇବଣି ପ୍ରିୟଦର୍ଶିନୀ ମିର୍ଦ୍ଧା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୬ଟି ଦେଶୀ କୁକୁଡା ଚୋରି

**ଜଳେଶ୍ୱର:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ଥାନା ଉପାନ୍ତ ନଛିମପୁର ଗାଁ, ଆନନ୍ଦ ବଜାର ସ୍ଥିତ କୁକୁଡା ଦୋକାନରୁ ବୁଧବାର ରାତିରେ ୧୫ଟି ଦେଶୀ କୁକୁଡା ଏବଂ ମୂଲ୍ୟବାନ ଗଞ୍ଜା (ଶଣ୍ଢା) ଚୋରି ହୋଇଯାଇଛି । ସୂଚନା ଅନୁସାରେ ଗ୍ରାମର ସନ୍ତୋଷ ରାଜ ଦୀର୍ଘ ୮ବର୍ଷ ଧରି ବ୍ରୟଲାର ଓ ଦେଶୀ କୁକୁଡା ଦୋକାନ କରି ପରିବାର ଚଳାଇ ଆସୁଛନ୍ତି । ଭାଇ ଫଣ୍ଟା ଥିବାରୁ ହାଟରୁ ୨୩ କିଲୋ ଦେଶୀ କୁକୁଡା କିଣି ଦୋକାନ ଗୃହରେ ରଖି ଘରେ ଶୋଇଥିଲେ । ସକାଳୁ କବାଟ ଖୋଲିବାରୁ ଦଉଡ଼ି କାଟି ପ୍ରାୟ ୧୨ ହଜାର ଟଙ୍କାର କୁକୁଡ଼ା ଗୁଡିକୁ ଦୁର୍ବୃତ୍ତ ନେଇଥିବା ଜାଣିବାକୁ ପାଇଥିଲେ । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ସୀମାନ୍ତ ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଓ ପ୍ରହାରା ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

## ବ୍ଲକ୍ ଶିକ୍ଷକ ଓ ଶିକ୍ଷିକାଙ୍କ ଦ୍ୱାରା ବୃକ୍ଷରୋପଣ

**କେନ୍ଦ୍ରାପଡା:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ୍ ପ୍ରାଥମିକ ଶିକ୍ଷକ ତଥା ଅବସରପ୍ରାପ୍ତ ଶିକ୍ଷକ ସଂଘ ଆନୁକୂଲ୍ୟରେ ଗରାପୁରସ୍ଥିତ ଶିକ୍ଷକ ଭବନ ବଗିଚାରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି । ଅଶୋକ, କଦମ୍ବ, ଅଗସ୍ତି, ଅର୍ଜୁନ, ହରିଡା, ବଉଳ, ଶିଶୁ ଆଦି ବହୁ ଚାରାବୃକ୍ଷ ସଂଘର ସଭାପତି ମାନଭଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମହାକାଳପଡା ବ୍ଲକ୍ର ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଅଜୟ କୁମାର ପରିଡା, ଶିକ୍ଷାବିତ୍ ତଥା ପରିବେଶବିତ୍ କାଶୀନାଥ ରାଉତରାୟ ଓ କେନ୍ଦ୍ରାପଡା ବ୍ଲକ୍ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବଳଭଦ୍ର ଜେନା ଶୁଭାରମ୍ଭ କରିଥିଲେ । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା ପ୍ରଶାନ୍ତ କୁମାର ମହାକୁଡ, ଅନୀଲ କୁମାର ମିଶ୍ର, ମହେନ୍ଦ୍ର କୁମାର ସେଠୀ, କମଳାକାନ୍ତ ସ୍ୱାଇଁ, ସନ୍ଧ୍ୟାରାଣୀ ମହାପାତ୍ର, ଶଙ୍କର୍ଷଣ ମେକାପ, ଦେବବ୍ରତ ମିଶ୍ର, ମନୋଜ କୁମାର ଜେନା, ବାବୁରି ଚରଣ ବେହେରାଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ବିଶ୍ୱାଳ, ଭାସ୍କର ଦାଶ, ପ୍ରମୋଦ କୁମାର ସିଂହ, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରହ୍ଲାଦ ପୃଷ୍ଟି, ଡେରାବିଶ ବ୍ଲକ୍ର ବିଜୟ କୁମାର ଖୁଣ୍ଟିଆ, ରାଜକନିକା ବ୍ଲକ୍ର ସୁବାଷ ଚନ୍ଦ୍ର ସାହୁ ଆଦି ଅଂଶ ଗ୍ରହଣ କରିଥିଲେ ।

**AFFIDAVIT**

BEDABYASH MANSINGH, S/O: TJ 006513L, Rank: SUB, Name: JAGADISH PRASAD MANASING, Presently residing of Vill/ PO: Kesarpur, PS: KANAS, Dist: PURI. I want to change my name from BEDABYASH MANASING, DOB: 22.07.2004 to BEDABYASH MANSINGH, DOB: 23.07.2004 wrongly written in my father's service records Vide affidavit No. 2487 Dt. 05.08.2025.

**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.8173, date- 23-10- 2025. I Ajaya Kumar Samal,S/O- Niranjan Samal,Vill-Badhi, P. O. - Dera, P.S.- Rajnagar, Dist-Kendrapara, State- Odisha, PIN- 754225,declare that, I have changed my minor daughter's name from Sarsita Samal to Sarasmita Samal.Henceforth, "she shall be known as Sarasmita Samal for all purposes.

S/d-
Ajaya Kumar Samal.



## ତିନି ଭଉଣୀ ବିଦାୟ ନେଲେ

**ସାକ୍ଷୀଗୋପାଳ:୨୩।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ତିନି ଭଉଣୀ ରୂପେ ଖ୍ୟାତ ମା ଦକ୍ଷିଣକାଳୀ, ମା'ଉଗ୍ରତାର, ମା'କାମରୂପା, ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି । ଚନ୍ଦନପୁର ଭାର୍ଗବୀ ନଦୀରେ ମା'ମାନଙ୍କୁ ବିସର୍ଜନ କରାଯାଇଥିଲା । ବୀରପ୍ରତାପପୁରେ, ମା, କାମ ରୂପା କାଳୀ, ବଡ଼ ଭଉଣୀ, ସମ୍ୟାଜପୁରରେ, ମା'ଉଗ୍ରତାର, କାଳୀ, ମଝି ଭଉଣୀ ଓ ବୀରଗୋବିନ୍ଦପୁରରେ, ମା'ଦକ୍ଷିଣକାଳୀ, ସାନ ଭଉଣୀ, ଜଣଙ୍କ ପରେ ଜଣେ ବିସର୍ଜନ ହୋଇଥିଲେ, ହଜାର ହଜାର ଲୋକ ଭସାଣି ଉତ୍ସବରେ ସାମିଲ ହୋଇଥିଲେ ।

ପ୍ରଗତ ସଂଗଣନ ବିକାସ କେନ୍ଦ୍ର
CENTRE FOR DEVELOPMENT OF ADVANCED COMPUTING
(ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଦ୍ୟୋଗିକୀ ପ୍ରମୁଖ ଆଇ ଏବଂ ଡି ସଂଗଠନ, ଭାରତ ସରକାର)
(A premier R&D organisation of the Ministry of Electronics & Information Technoloy, Govt. of India),ବେଲ୍ଲୟବଲମ, ତିରୁବନ୍ତପୁରମ, କେରଳ, ପିନ-୬୯୫୦୩୩, ଫୋନ-୦୪୭୧-୨୭୨୩୩୩୩, Vellayambalam, Thiruvanthapuram, Kerala, PIN-695033, Ph-0471-2723333

ବିଜ୍ଞାପନ ସଂଖ୍ୟା ସିଡିଏସିଟି/ଆରସିଟି/୦୫/୨୦୨୫, ତାରିଖ-୨୪.୧୦.୨୦୨୫
Advt No.CDACT/RCT/05/2025 dated-24.10.2025
ସି.ଡେକ. ତିରୁବନ୍ତପୁରମ ରେ କଣ୍ଟ୍ରାକ୍ଟ ଭିତ୍ତିରେ ବିଭିନ୍ନ ଅନୁବନ୍ଧ ପଦ ନିମନ୍ତେ ରାୟପୁର ସ୍ଥାନ ପାଇଁ ୱାକଇନ/ଅନଲାଇନ ଇଣ୍ଟରଭ୍ୟୁ

WALK IN / ONLINE INTERVIEW FOR RAIPUR LOCATION FOR VARIOUS CONTRACT POSITIONS ON CONSOLIDATED PAY FOR C-DAC, THIRUVANTHAPURAM

ଅଧିକ ଜାଣିବାପାଇଁ ଦୟାକରୀ ୱେବସାଇଟ ଦେଖନ୍ତୁ - www.cdac.in
For more details, please visit our website - www.cdac.in
CBC 06165/12/0005/2526

## ଓ୍ୱେବ୍ ଚ୍ୟାନେଲ ମାଲିକ ବିରୁଦ୍ଧରେ ଖୋର୍ଦ୍ଧା କଂଗ୍ରେସର ଫେରାଦ




**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଫୋକସ ପ୍ଲସ ଓ୍ୱେବ ଚ୍ୟାନେଲର ସମ୍ପାଦକ ସୁଧାଂଶୁ ରାଉତଙ୍କ ବିରୁଦ୍ଧରେ ଏକ ଅଭିଯୋଗ ପତ୍ର ପଞ୍ଜିକୃତ କରିବା ନିମନ୍ତେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି କିଛିଦିନ ହେବ ଫୋକସ ପ୍ଲସର ସମ୍ପାଦକ ସୁଧାଂଶୁ ରଉତ ବିନା ତଥ୍ୟରେ କଂଗ୍ରେସ ଦଳ ତଥା କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଦାସ ଓ ବିଧାୟକ ସାଗର ଦାସଙ୍କ ବିରୁଦ୍ଧରେ ଅତ୍ୟନ୍ତ ଅଶାଳୀନ, ଅରୁଚିକର ଓ ମନ୍ତବ୍ୟ ଦେବା ସହ ମନ୍ତବ୍ୟ ଦେବା ବେଳେ ଅସାମ୍ବିଧାନିକ ଭାଷାର ବ୍ୟବହାର କରି ଦେଶର ସର୍ବ ପୁରାତନ ଦଳ ଓ ଏହାର ସଭାପତି ଓ ଲକ୍ଷ ଲକ୍ଷ କାର୍ଯ୍ୟକର୍ତାଙ୍କ ସମ୍ମାନ ଓ ମର୍ଯ୍ୟାଦା ହାନୀ କରୁଛନ୍ତି। ଏଭଳି ଗଣମାଧ୍ୟମ ସମାଜ ପାଇଁ ମଧ୍ୟ ଶୁଭଙ୍କର ନୁହେଁ। ତତ ସହିତ ଓଡ଼ିଶାର ଏକ ପ୍ରମୁଖ ଯାତ୍ରାପାଟିର ମାଲିକ ନଣ୍ଟୁ ଧଳ ବଳ ପୂର୍ବକ କଂଗ୍ରେସ ଭବନରେ ପଶିବାରେ ବିଫଳ ହେବା ପରେ ଓ ବାଙ୍କୀ ଅଞ୍ଚଳର ଜନୈକ ଯୁବକ ଅଜୟ ପଣ୍ଡା କଂଗ୍ରେସ ଦଳରୁ ନିଲମ୍ବିତ ହେବା ପରେ ପ୍ରତ୍ୟେକ ଦିନ ସାମାଜିକ ଗଣମାଧ୍ୟମରେ ଦଳର ସଭାପତିଙ୍କୁ ବ୍ୟକ୍ତିଗତ ଆକ୍ଷେପ କରି ଟିପ୍ପଣୀ ଦେବା ସହ ବିନା ତଥ୍ୟ ପ୍ରମାଣରେ ତାଙ୍କ ଚରିତ୍ର ସଂହାର କରୁଥିବାରୁ ସମସ୍ତ ଘଟଣାକୁ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଦାବୀ ରଖାଯାଇଥିଲା। ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ଆସି ଉକ୍ତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିରେ ପୃଥ୍ୱିବଲଭ୍ ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ସ୍ୱାଗତିକା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ଶିଶିର ପରିଡ଼ା, ଅମିତ୍ ମହାନ୍ତି, ରଞ୍ଜିତ ମହାପାତ୍ର, ତପନ ଚକ୍ରବର୍ତ୍ତୀ, ଅଶୋକ ମଙ୍ଗରାଜ, ସଦାଶିବ ମହାପାତ୍ର, ତାପସ ମିଶ୍ର, ସାଇଲେଣ୍ଟୁ ଦାସ, ବଟକୃଷ୍ଣ ରାଉତରାୟ, ସୌମ୍ୟ ବରାଳ, ସୌମ୍ୟ ପଟ୍ଟନାୟକ, ଇନୋ ଖାଁ, ପ୍ରଦୋଷ ହରିଚନ୍ଦନ, ସିବୁ ନାୟକ, ଏସ କେ ସାଜିଦ, ରମେଶ ପଟ୍ଟନାୟକ, ସଞ୍ଜୟ ସୁବୁଦ୍ଧି, କାଳେନ୍ଦି ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## କ୍ରିପ୍ଟୋ କରେନ୍ସି ଠକେଇରେ ୩୨ ଅଟକ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଶିଖରପୁର ଅଂଚଳରେ ଥିବା ଏକ ହୋଟେଲରେ ପୋଲିସ ଚଢ଼ାଉ କରି ପଶ୍ଚିମବଂଗର ୩୨ଜଣଙ୍କୁ ଅଟକ ରଖିଛି । ଏ ନେଇ ପ୍ରେସ ମିଟରେ ସୂଚନା ଦେବା ସହ ଘଟଣା ଉପରୁ ଡିସିପି ରିଶିକେଶ ଖିଲାରୀ ପରଦା ଉଠାଇଛନ୍ତି । ପୋଲିସ ସୂଚନା ମୁତାବକ, କ୍ରିପ୍ଟୋ କରେନ୍ସିର ଠକାମୀର ଶିକାର ହୋଇଥିବା କିଛି ନିବେଶକାରୀ ୪ ଜଣ ଠକଙ୍କୁ ଧରିଆଣି ସ୍ଥାନୀୟ ଏକ ହୋଟେଲରେ ରଖିଥିଲେ । ଠକମାନେ ପୁରୀରେ ଲୁଚିଥିଲେ । ଠକି ଯାଇଥିବା କିଛି ନିବେଶକାରୀ ସେମାନଙ୍କୁ ପୁରୀରୁ ଧରି ଆଣି ସ୍ଥାନୀୟ ଶିଖରପୁର ସ୍ଥିତ ଏକ ହୋଟେଲରେ ରଖିଥିଲେ । ଶୁକ୍ରବାର ସକାଳେ ଚାଉଳିଆଗଂଜ ଥାନା ପୋଲିସ ଏହି ହୋଟେଲ ଉପରେ ଚଢ଼ାଉ କରି ୪ ଠକଙ୍କ ସମେତ ୩୨ଜଣଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ପ୍ରାୟତଃ ସେମାନେ ପଶ୍ଚିମବଂଗର ବାସିନ୍ଦା ହୋଇଥିବାବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ପୋଲିସ ସେମାନଙ୍କ ନିକଟରୁ ୩୫ଟି ମୋବାଇଲ ଓ ୪ଟି ଦାମୀ ଗାଡ଼ି ଜବତ କରିଛି । କ୍ରିପ୍ଟୋ କରେନ୍ସି ଲିଙ୍କର ସନ୍ଧାନ ମିଳିଥିବାରୁ ପୋଲିସ ଛାନଭିନ ଜାରି ରଖିଛି । ଅପହରଣ ଓ କ୍ରିପ୍ଟୋ ଲିଙ୍କ ପ୍ରମାଣିତ ହେଲେ ୨ଟି ପୃଥକ ପୃଥକ ମାମଲା ରୁଜୁ କରାଯିବ ବୋଲି ଡିସିପି କହିଛନ୍ତି । ଏହି ଘଟଣାର ଅଧିକ ତଦନ୍ତ ପାଇଁ କମିଶନରେଟ ପୋଲିସ କୋଲକତା ପୋଲିସ ସହିତ ଯୋଗାଯୋଗ କରିଥିବା ଜଣାପଡ଼ିଛି ।

## ଡ. ସ୍ୱୟଂପ୍ରଭା ବରାଳଙ୍କୁ ମିସେସ ୟୁନିଭର୍ସ ଗ୍ଲୋବାଲ ଟାଇଟଲ୍

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ନିକଟରେ ଫିଲିପାଇନ୍ସର ମାନିଲା ଠାରେ ଆୟୋଜିତ ହୋଇଥିବା ସମ୍ମାନଜନକ ମିସେସ ୟୁନିଭର୍ସ ଅଫିସିଆଲ୍ ପ୍ରତିଯୋଗିତାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨, ଫୁଲନଖରାର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱୟଂପ୍ରଭା ବରାଳ ମିସେସ୍ ୟୁନିଭର୍ସ ଗ୍ଲୋବାଲ୍ ୨୦୨୫ ଟାଇଟଲ୍ ହାସଲ କରିଛନ୍ତି।

ମାନସିକ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର କ୍ଷେତ୍ରରେ ନିଜର ସଶକ୍ତ ମତ ଉପସ୍ଥାପନ କରି ଡକ୍ଟର ବରାଳ ମିସେସ ୟୁନିଭର୍ସ ଗ୍ଲୋବାଲ ଟାଇଟଲ୍ ସହିତ 'ବେଷ୍ଟ ଇନ୍ ଫୋରମ୍' ଟାଇଟଲ୍ ମଧ୍ୟ ହାସଲ କରିଛନ୍ତି।

ମାନବିକ ଅଧିକାର କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟକୁ ନେଇ ସେ ବର୍ତମାନ ବିଶ୍ୱସ୍ତରରେ ମାନବିକ ଅଧିକାର ଦୂତ ଭାବେ ପ୍ରସିଦ୍ଧି ଲାଭ କରିପାରିଛନ୍ତି।

ବିଶ୍ୱ ଦରବାରରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଡକ୍ଟର ବରାଳ ନିଜର ବାଗ୍ମିତା, ବୁଦ୍ଧିମତା ଓ ସମ୍ବେଦନଶୀଳ ମନୋଭାବ ସହିତ ଦେଶର ସମୃଦ୍ଧ, ସାଂସ୍କୃତିକ ଐତିହ୍ୟକୁ ଅତ୍ୟନ୍ତ ନମ୍ର ଏବଂ ଦୃଢ଼ ବିଶ୍ୱାସର ସହ ଉପସ୍ଥାପନ କରିଥିଲେ। 'ମାନସିକ ସ୍ୱାସ୍ଥ୍ୟ ଏକ ମୌଳିକ ମାନବାଧିକାର' ଶୀର୍ଷକ ପ୍ରସଙ୍ଗକୁ ନେଇ ମାନବିକ ଅଧିକାର ଫୋରମରେ ତାଙ୍କ ବକ୍ତବ୍ୟକୁ ଉପସ୍ଥିତ ଦର୍ଶକ ମଣ୍ଡଳୀ ଉତ୍ସାହପୂର୍ଣ୍ଣ ସ୍ୱାଗତ କରିବା ସହ ଏହା କାର୍ଯ୍ୟକ୍ରମରେ ଉଚ୍ଚକୋଟୀର ଉପସ୍ଥାପନା ବୋଲି ପ୍ରଶଂସା କରିଥିଲେ।

'ଏହି ଟାଇଟଲ୍ ସେହି ପ୍ରତ୍ୟେକ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କୁ କୁହାଯାଏ ବାସ୍ ବହୁତ ହୋଇଗଲା ଅଥବା ଏହା ଯଥେଷ୍ଟ ନୁହଁ। ମାନସିକ ସ୍ୱାସ୍ଥ୍ୟ ଏକ ଅଧିକାର। କଷ୍ଟରେ ଥିବା ପ୍ରତ୍ୟେକ ସ୍ୱରକୁ ସମ୍ମାନ, ଉପଯୁକ୍ତ ସ୍ଥାନ ଏବଂ ଆଶା ମିଳିବା ଉଚିତ' ବୋଲି ପ୍ରତିଯୋଗିତାରେ ବିଜେତା ହେବା ପରେ ଡକ୍ଟର ବରାଳ କହିଛନ୍ତି।

ଗୁରୁବାର ଦିନ ଡକ୍ଟର ବରାଳ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ପ୍ରଫେସର ନାୟକ ତାଙ୍କ ସଫଳତା ନେଇ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ତାଙ୍କର ଉତ୍ତରୋତର ସଫଳତା କାମନା କରିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ -୨ ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଉପସ୍ଥିତ ଥିଲେ।



ଜଣେ ମାନସିକ ରୋଗ ବିଶେଷଜ୍ଞ ଲେଖିକା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଇନ୍‌ଫ୍ଲୁଏନ୍ସର ଡକ୍ଟର ବରାଳ ଭୁବନେଶ୍ୱରରେ ସ୍ୱୟଂ ମାଇଣ୍ଡ କ୍ଲିନିକ ଆଣ୍ଡ ୱେଲନେସ ସେଂଟରର ପ୍ରତିଷ୍ଠାତା ମଧ୍ୟ ଅଟନ୍ତି। ମାନସିକ ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ ଓ ଲିଙ୍ଗଭିତ୍ତିକ ସମାନତାକୁ ନେଇ ଡକ୍ଟର ବରାଳ ଅନେକ କାର୍ଯ୍ୟ କରୁଛନ୍ତି। ସେ '୩୦ ଡେଜ ଟୁ ଏ ହେଲ୍‌ଦି ମାଇଣ୍ଡ' ଶୀର୍ଷକ ଏକ ପୁସ୍ତକ ଲେଖିଛନ୍ତି।

ରୋଗୀଙ୍କ ଚିକିତ୍ସା ଠାରୁ ଆରମ୍ଭ କରି ବିଶ୍ୱ ଦରବାରରେ ଭାରତକୁ ପ୍ରତିନିଧିତ୍ୱ କରିବା କ୍ଷେତ୍ରରେ ଡକ୍ଟର ବରାଳଙ୍କ ଯାତ୍ରା ବେଶ ମହତ୍ୱପୂର୍ଣ୍ଣ। ପୂର୍ବରୁ ସେ ରାଂଚି ସ୍ଥିତ ସେଂଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇକିଆଟ୍ରିରେ ସିନିୟର ରେସିଡେଂଟ ଏବଂ ଆସିଷ୍ଟାଂଟ ପ୍ରଫେସର ଭାବେ କାର୍ଯ୍ୟ କରିସାରିଥିବା ବେଳେ ସେଠାରେ ମହିଳାମାନଙ୍କ ଯନ୍ତ୍ରଣା ଏବଂ ଶାରିରୀକ ଅସୁସ୍ଥତା ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସେମାନଙ୍କୁ ଚିକିତ୍ସା କରିବାର ଅନୁଭୂତି ତାଙ୍କୁ ସାରା ଜୀବନ ମାନବାଧିକାର ଦିଗରେ କାର୍ଯ୍ୟ କରିବା ନିମନ୍ତେ ଅନୁପ୍ରାଣିତ କରିଛି ବୋଲି ସେ କହିଛନ୍ତି। ଗ୍ଲୋବାଲ୍ ହ୍ୟୁମ୍ୟାନ୍ ରାଇଟ୍‌ସ ଆମ୍ବାସାଡର ଭାବେ ତାଙ୍କର ନୂତନ ଦାୟିତ୍ୱକୁ ନେଇ ଡକ୍ଟର ବରାଳ ମାନବିକ ସ୍ୱାସ୍ଥ୍ୟ ଚିକିତ୍ସା, ମାନବିକ ଅଧିକାର ଏବଂ ବିଶ୍ୱ ଶାନ୍ତିକୁ ନେଇ ଆନ୍ତର୍ଜାତିକ ସହଭାଗିତାରେ ବିଭିନ୍ନ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି।

## ଓଲଟିଲା ବାଲି ବୋଝେଇ ହାଇୱା

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରସାମ୍ୟ ହରାଇ ନୟନଜୋରୀକୁ ଓଲଟିଲା ବାଲି ବୋଝେଇ ହାଇୱା। ବନ୍ତ-ବାରିକପୁର ରାସ୍ତାର କେନ୍ଦୁଆପଦା ଫାଣ୍ଡି ଅଧିନ ଗୋବିନ୍ଦପୁର ଆମ୍ବଗଡ଼ିଆ ଛକ ନିକଟରେ ଦୁର୍ଘଟଣା ଘଟିଥିବା ବେଳେ ଚାଳକ ଏବଂ ସହଯୋଗୀ ଅଳ୍ପକେ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ତେବେ ଓଡି୧୪ସି୫୫୮୭ ନଂ ବିଶିଷ୍ଟ ହାଇୱାଟି ହାଟଡିହି ତହସିଲ ଅଂଚଳରୁ ଓଭର ଲୋଡିଂ ବାଲି ବୋଝେଇ କରି ବାରିକପୁର ଆଡ଼କୁ ଯାଉଥିବା ବେଳେ ହାଇୱାଟିର ଏକ ଚକା ଫାଟି ଯିବା ଦ୍ୱାରା ହାଇୱାଟି ଭାରସାମ୍ୟ ହରାଇ ନୟନଜୋରୀକୁ ଓଲଟି ପଡିଥିଲା । ତେବେ ଚାଳକ ଏବଂ ତାଙ୍କ ସହଯୋଗୀ ଏକ ବଡଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇ ଘଟଣା ସ୍ଥଳରୁ ଫେରାର ହେଇଯାଇଥିବା ଜଣାପଡ଼ିଛି । ଖବର ପାଇ କେନ୍ଦୁଆପଦା ଫାଣ୍ଡି ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ୧୧କେଭି ସଂସ୍ପର୍ଶରେ ଆସି ଯୁବକ ଗୁରୁତର

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ଅଞ୍ଚଳରେ ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ଓ୍ୱାର୍ଡନଂ ୩ ଚମ୍ପତିସାହି ବାସି ଡ଼ମ୍ବରୁ ଗଡ଼ନାୟକଙ୍କ ପୁଅ ବିପ୍ର ଗଡ଼ନାୟକ (୪୦) ଜଣେ ରାଜମିସ୍ତ୍ରୀ ଏବଂ ଆଜି ସକାଳେ ମିସ୍ତ୍ରୀ କାମ କରୁଥିବା ବେଳେ ରଡ଼ ବନ୍ଧୁଥିଲେ। ମାତ୍ର ଘର ନିକଟକୁ ଲାଗି ଯାଇଥିବା ୧୧କେଭି ବିଦ୍ୟୁତତାର ସଂସ୍ପର୍ଶରେ ରଡ଼ ଲାଗିଯିବାରୁ ବିପ୍ରଙ୍କୁ ଖୁବଜୋରରେ କରେଣ୍ଟ ମାରିଥିଲା। ଫଳରେ ହାତଗୋଡ଼ ପୋଡିଯିବା ସହ ଶରୀରରେ ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ତୁରନ୍ତ ହିନ୍ଦୋଳ ଡାକ୍ତରଖାନା ନେଇଥିଲେ ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ବିପ୍ରଙ୍କୁ କଟକ ବଡ଼ଡାକ୍ତରଖାନା ପଠାଇଦେଇଥିଲେ। ତେବେ ବିପ୍ର ବର୍ତ୍ତମାନ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ହିନ୍ଦୋଳରେ ବିଦ୍ୟୁତ ବିଭାଗର ଚରମ ଅବହେଳା ପାଇଁ ବାରମ୍ବାର ବିଦ୍ୟୁତ କାଟ ହେବା ସହ ଯାଇଥିବା ୧୧କେଭି ତାର ଜନବସତିକୁ ଲାଗି ଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନି ସହ ମଣିଷ ସହିତ ପଶୁପକ୍ଷୀ ଆହତ ହେଉଛନ୍ତି। ମାତ୍ର ହିନ୍ଦୋଳ ବିଦ୍ୟୁତ ବିଭାଗର ବେପରୁଆ ନୀତି ଯାଉନାହିଁ କିମ୍ବା କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ତେବେ ବିଦ୍ୟୁତ ବିଭାଗର ଅବହେଳା ପାଇଁ ନିରୀହ ଗରିବ ତଥା ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ବିପ୍ର ଗଡ଼ନାୟକଙ୍କ ଜୀବନ ଆଜି ବାଜିରେ ଲାଗିଥିବା ଯୋଗୁଁ ତାଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ସହିତ ପରିବାର ପ୍ରତିପୋଷଣ ପାଇଁ ଥଇଥାନ ବ୍ୟବସ୍ଥା ବିଦ୍ୟୁତ ବିଭାଗ ତଥା ପ୍ରଶାସନ ପଦକ୍ଷେପ ନେବାକୁ ହିନ୍ଦୋଳ ଜନସାଧାରଣ ରାଜ୍ୟ ସରକାରଙ୍କ ନିକଟରେ ଦାବିକରିଛନ୍ତି। ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବାସହ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ପ୍ରାୟ ଅନେକ ଜନବାସତି ମଧ୍ୟ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯିବାକୁ ଜନସାଧାରଣ ଦାବି କରିଛନ୍ତି।

## ଚାଲୁଥିବା ଟ୍ରେନ୍‌ରେ ସେଲ୍‌ଫି ଓ ରିଲ୍ କରିବା ଦଣ୍ଡନୀୟ ଅପରାଧ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଜନସାଧାରଣଙ୍କୁ (ବିଶେଷକରି ଯୁବପିଢ଼ି ଏବଂ ସାମାଜିକ ଗଣମାଧ୍ୟମ ରୁଚିଶୀଳମାନଙ୍କୁ) ରେଳପଥ ଉପରେ, ଟ୍ରାକ୍ ନିକଟରେ କିମ୍ବା ଚାଲୁଥିବା ଟ୍ରେନ୍‌ର ଫୁଟବୋର୍ଡ କିମ୍ବା ଛାତ ଉପରେ ଭିଡିଓ ସୁଟିଂ କରିବା କିମ୍ବା 'ରିଲ୍' ତିଆରି କରିବାର ମାରାତ୍ମକ ଏବଂ ବେଆଇନ ଅଭ୍ୟାସ ବିରୁଦ୍ଧରେ ସତର୍କ କରାଇ ଏକ କଡ଼ା ସଚେତନତା ଅଭିଯାନ ଆରମ୍ଭ କରିଛି। ପୂର୍ବତଟ ରେଳପଥ ସ୍ପଷ୍ଟ କରିଛି ଯେ ଏପରି ବେପରୁଆ କାର୍ଯ୍ୟ କେବଳ ଜୀବନ ପାଇଁ ବିପଦପୂର୍ଣ୍ଣ ନୁହେଁ ବରଂ ରେଳବାଇ ଆଇନ, ୧୯୮୯ ଅନୁଯାୟୀ କଡ଼ା ଦଣ୍ଡନୀୟ ଅପରାଧ। ଏହି ପଦକ୍ଷେପ ଏକ ଚିନ୍ତାଜନକ ପ୍ରବୃତ୍ତି ପ୍ରତି ପ୍ରତିକ୍ରିୟା ସ୍ୱରୂପ ଗ୍ରହଣ କରାଯାଇଛି, ଯେଉଁଠାରେ ସାମାଜିକ ଗଣମାଧ୍ୟମର ଖ୍ୟାତି ପାଇବା ପାଇଁ କେହିକେହି ବ୍ୟକ୍ତି ସ୍ୱୟଂ ତାଙ୍କର ଏବଂ ରେଳ ପରିଚାଳନାର ସୁରକ୍ଷାକୁ ବିପଦରେ ପକାନ୍ତି, ଯାହା ଅନେକ ସମୟରେ ଦୁଃଖଦ ଓ ମାରାତ୍ମକ ଦୁର୍ଘଟଣାକୁ ଜନ୍ମ ଦେଇଥାଏ। ପୂର୍ବତଟ ରେଳପଥ ଅନୁରୋଧ କରିଛି ଯେ ରେଳପଥ, ଷ୍ଟେସନ ପରିସର ଏବଂ ଚଳନ୍ତା ଟ୍ରେନ୍‌ଗୁଡ଼ିକ ମନୋରଞ୍ଜନ



ଭିଡିଓ ପାଇଁ ପୃଷ୍ଠଭୂମି ନୁହେଁ, ବରଂ ଏଗୁଡ଼ିକ ଉଚ୍ଚ ବିପଦପୂର୍ଣ୍ଣ କାର୍ଯ୍ୟକ୍ଷମ କ୍ଷେତ୍ର। ଏହି ସ୍ଥାନଗୁଡ଼ିକରେ ଅନଧିକାର ପ୍ରବେଶ କିମ୍ବା ଷ୍ଟଣ୍ଟ ପ୍ରଦର୍ଶନ କରିବା ଜୀବନ ପ୍ରତି ଏକ ଗୁରୁତର ବିପଦ ଏବଂ ଅପରାଧିକ ଅବହେଳାର କାର୍ଯ୍ୟ।

ରେଳ ସୁରକ୍ଷା ବଳ ଏବଂ ସରକାରୀ ରେଳ ପୋଲିସକୁ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ଶୀଘ୍ର ଏବଂ କଠୋର ହେବ। ଚଳନ୍ତା ଟ୍ରେନ୍ ନିକଟରେ ଫଟୋ କିମ୍ବା ଭିଡିଓ ଧାରଣ କରିବା, କିମ୍ବା ରେଳପଥ ଉପରେ ଅନଧିକୃତ ପ୍ରବେଶ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଏହିପରି ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ରେଳ ଆଇନ, ୧୯୮୯ର ଧାରା ୧୪୭ ଏବଂ ୧୫୩ ଅନୁଯାୟୀ ମାମଲା ରୁଜୁ ହେବ, ଯେଉଁଥିରେ ଜେଲ ଦଣ୍ଡ ସହିତ ଆର୍ଥିକ ଦଣ୍ଡ ମଧ୍ୟ ଲାଗୁ ହେବ। ପୂର୍ବତଟ ରେଳପଥ ସମସ୍ତ ନାଗରିକଙ୍କୁ, ବିଶେଷକରି ଛାତ୍ର ଏବଂ କିଶୋରମାନଙ୍କୁ ସୁରକ୍ଷା ନିର୍ଦ୍ଦେଶାବଳୀ ବୁଝିବା ଏବଂ ପାଳନ କରିବାକୁ ଅନୁରୋଧ କରୁଛି, ଏହା ଉପରେ ଗୁରୁତ୍ୱ ଦେଇ ଯେ ଜୀବନ ଏକ ପୋଷ୍ଟ ଅପେକ୍ଷା ଅଧିକ ମୂଲ୍ୟବାନ। ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ଯେ ଫଟୋଗ୍ରାଫି ସମେତ କୌଣସି କାରଣ ପାଇଁ ରେଳ ଟ୍ରାକ୍ ଉପରକୁ କେବେବି ଯିବାକୁ ନାହିଁ, କାରଣ ଟ୍ରେନ୍‌ଗୁଡ଼ିକ ଦ୍ରୁତ ଗତିରେ ଗତି କରେ ଏବଂ ଦେଖାଯାଉଥିବା ଦୂରତା ଅପେକ୍ଷା ଶୀଘ୍ର ଅତିକ୍ରମ କରେ। ଲୋକମାନେ ଚାଲୁଥିବା ଟ୍ରେନ୍‌ରୁ ଝୁଙ୍କି ପଡ଼ିବା, ଫୁଟବୋର୍ଡରେ ଯାତ୍ରା କରିବା, କିମ୍ବା ଭିଡିଓ ଫିଲ୍ମ କରିବା ପାଇଁ ଛାତ କିମ୍ବା ଇଞ୍ଜିନରେ ଚଢ଼ିବା ଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ ପ୍ରଦର୍ଶନ କରିବାରୁ ଦୂରେଇ ରହିବା ଉଚିତ, କାରଣ ଏପରି କାର୍ଯ୍ୟ ଉଚ୍ଚ-ଭୋଲଟେଜ୍ ଓଭରହେଡ୍ ଇଲେକ୍ଟ୍ରିକ୍ ଲାଇନ ସହିତ ଘାତକ ସଂସ୍ପର୍ଶରେ ଆସିପାରେ। ସମସ୍ତେ ପ୍ଲାଟଫର୍ମ ଧାରରୁ ନିରାପଦ ଦୂରତା ବଜାୟ ରଖି ସୁରକ୍ଷା କ୍ଷେତ୍ରଗୁଡ଼ିକୁ ସମ୍ମାନ ଦେବା ଉଚିତ, ବିଶେଷକରି ଯେତେବେଳେ ଏକ ଟ୍ରେନ୍ ଆସୁଛି କିମ୍ବା ଅତିକ୍ରମ କରୁଛି। ଚାଲୁଥିବା ଟ୍ରେନ୍‌ରୁ ଚଢ଼ିବା କିମ୍ବା ଓହ୍ଲାଇବା ମଧ୍ୟ ଏକ ଦଣ୍ଡନୀୟ ଅପରାଧ। ବିପଦପୂର୍ଣ୍ଣ ରେଳ ଷ୍ଟଣ୍ଟ ମାଧ୍ୟମରେ ସାମାଜିକ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବାର ବାସ୍ତବ ବିପଦ ଏବଂ କଠୋର ଆଇନଗତ ପରିଣାମ ବିଷୟରେ ଯୁବପିଢ଼ିଙ୍କୁ ପରାମର୍ଶ ଦେବାକୁ ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ଅନୁରୋଧ କରାଯାଇଛି। ପିଲାମାନଙ୍କୁ ଏହି ବିଷୟରେ ସଚେତନ କରିବା ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କୁ ମଧ୍ୟ ରେଳବାଇ ଅନୁରୋଧ କରିଛି ଯେ ଅନଲାଇନ୍ ଖ୍ୟାତି ପାଇଁ ରେଳ ଷ୍ଟଣ୍ଟ କରି ଜୀବନ ନଷ୍ଟ କରିବା ଉଚିତ ନୁହେଁ। ଆହୁରି ଦୁର୍ଭାଗ୍ୟଜନକ ଘଟଣା ରୋକିବା ପାଇଁ ପୂର୍ବତଟ ରେଳପଥ ସାର୍ବଜନୀନ ଘୋଷଣା, ଡିଜିଟାଲ୍ ମିଡିଆ ବାର୍ତ୍ତା ଏବଂ ଶାରୀରିକ ପାଟ୍ରୋଲିଂ ମାଧ୍ୟମରେ ଏହାର ସଚେତନତା ଅଭିଯାନକୁ ତୀବ୍ର କରୁଛି। ରେଳବାଇ ସମସ୍ତଙ୍କୁ ସାମାଜିକ ଗଣମାଧ୍ୟମ ଷ୍ଟଣ୍ଟ ଅପେକ୍ଷା ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରୁଛି।

## ମହାନଦୀକୁ ଡେଇଁ ଯୁବତୀ ନିଖୋଜ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଦୀରେ ପୁଣି ଅଘଟଣ। ଯୋବ୍ରା ବ୍ୟାରେଜରୁ ଜଣେ ଯୁବତୀ ମହାନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ଯୁବତୀ ଜଣକ ସ୍ଥାନୀୟ ଜଗତପୁର ଅଣ୍ଡେଇ ସାହିର ଶିବାନୀ ମଲ୍ଲିକ (୨୧) ବୋଲି ପୋଲିସ ସୂଚନା ଦେଇଛି। ବ୍ୟାରେଜ ଉପରୁ ମହିଳାଙ୍କ ସ୍କୁଟିକୁ ପୋଲିସ ଜବତ କରିଛି । ଶିବାନୀ ପୂର୍ବରୁ ମାନସିକ ଦୁଶ୍ଚିନ୍ତାରେ ଥିବା ପରିବାର ସୂତ୍ରରୁ ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇଁ ଚାଉଳିଆଗଂଜ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୋଟର ବୋଟ ଯୋଗେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷ ଖବର ସୁଦ୍ଧା ନଦୀକୁ ଡେଇଁ ନିଖୋଜ ହୋଇଥିବା ଯୁବତୀଙ୍କ ପତ୍ତା ମିଳିପାରି ନାହିଁ।

## ଚିତ୍ତବିନୋଦନ କେନ୍ଦ୍ର ଉଦଘାଟିତ




**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ପୁନଃନିର୍ମିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଚିତ୍ତବିନୋଦନ କେନ୍ଦ୍ର ଗୁରୁବାର ଉତ୍ସର୍ଗୀକୃତ ହେଲା। ଏହି କେନ୍ଦ୍ରଟିକୁ କୋରାଇ ବିଧାୟକ ଆକାଶ ଦାସନାୟକ ଉଦଘାଟନ କରିଥିଲେ। ଉତ୍ସର୍ଗ ଅବସରରେ ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଲେଜ ଅଧକ୍ଷ ଡ଼ଃ ସରତ କୁମାର ମଲ୍ଲିକ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ କଳିଙ୍ଗନଗର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଉପସ୍ଥିତ ଥିଲେ। ଏହି ୪,୫୦୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ କେନ୍ଦ୍ର ଛାତ୍ରମାନଙ୍କ ଶାରୀରିକ ଓ ସାମାଜିକ ବିକାଶରେ ଉପକାରୀ ହେବ। ୨୦୧୨ରେ ନିର୍ମିତ ଏହି ସଂସ୍ଥା ଦୀର୍ଘଦିନ ଅବ୍ୟବହୃତ ଥିଲା, ଯାହାକୁ ଏବେ ଆଧୁନିକ ସୁବିଧା ସହ ପୁନଃ ପ୍ରସ୍ତୁତ କରାଯାଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଛାତ ଉପରେ ବର୍ଷାଜଳ ଅମଳ ପ୍ରଣାଳୀ ଓ ଜଳରୋଧୀ ବ୍ୟବସ୍ଥା ସହିତ ସ୍ଥାୟୀ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଛୋଟ ଭାବରେ କହିଲେ ଏହି ପଦକ୍ଷେପ ଛାତ୍ରମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଓ ସାମଗ୍ରିକ ବିକାଶ ଦିଗରେ ଟିଏସଏଫ୍‌ର ଅବଦାନକୁ ଆଲୋକିତ।

## କାଳୀଙ୍କ ଭସାଣ ପାଇଁ ୫୦ ପ୍ଲାଟୁନ ଫୋର୍ସ ମୃତୟନ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଅନୁଷ୍ଠିତ ହେବ କଟକର ପ୍ରସିଦ୍ଧ କାଳୀ ପ୍ରତିମା ଭସାଣ। ଭସାଣକୁ ଶାନ୍ତି ଶୃଙ୍ଖଳା ସହ ସଂପନ୍ନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଦରଘା ବଜାର ଅଂଚଳ ପୋଲିସ ଛାଉଣିରେ ପରିଣତ ହୋଇଛି । କୌଣସି ଅଘଟଣ ନଘଟିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ମେଗା ପ୍ଲାନ ପ୍ରସ୍ତୁତ କରାଯାଇଛି । ତେବେ ଦଶହରା ଭସାଣି ସମୟରେ ଯେଭଳି ଭାବେ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଥିଲା, ସେଭଳି ଘଟଣାର କିପରି ପୁନରାବୃତ୍ତି ନହୁଏ, ସେଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପୂଜା ଓ ଶାନ୍ତି କମିଟିର ନିଷ୍ପତ୍ତି ଅନୁଯାୟୀ ଭସାଣି ଦିନ ବିଭିନ୍ନ ଛକମାନଙ୍କରେ ସକାଳଠାରୁ ରାତି ୯ଟା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରୁ ୨ଟି ଓ ଗଳି ରାସ୍ତାରୁ ଗୋଟିଏ ପ୍ରତିମା ଛାଡ଼ାଯିବ । ସହରରେ ୫୦ ପ୍ଲାଟୁନ ଫୋର୍ସ ମୃତୟନ ହେବ ବୋଲି ପୋଲିସ କମିଶନର ଏସ ଦେବଦତ୍ତ ସିଂହ କହିଛନ୍ତି । ସେହିପରି ସମ୍ବେଦନଶୀଳ ସ୍ଥାନ ମାନଙ୍କରେ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ଡ୍ରୋନ ଓ ସିସିଟିଭି ମାଧ୍ୟମରେ ପୋଲିସ ସହର ଉପରେ ନଜର ରଖିବ। ସେହିପରି ଭସାଣି ସମୟରେ ସହରରେ କେନ୍ଦ୍ରୀୟ ଫୋର୍ସ ସଜାଗ ରହିବେ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।



କାଳୀ ପ୍ରତିମା ନିକଟରେ ତାଲିମପ୍ରାପ୍ତ କମାଣ୍ଡୋଙ୍କ ସହିତ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ । ସହରରେ ୬୦ଟି ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି। ସିଆରପିଏଫମାନଙ୍କୁ ସମ୍ବେଦନଶୀଳ ଅଂଚଳରେ ନିୟୋଜିତ କରାଯିବ । ଗଣ୍ଡଗୋଳ ଓ ବିଶୃଙ୍ଖଳା ଆଦିକୁ ରୋକିବା ପାଇଁ ସ୍ୱତନ୍ତ୍ର ପୋଲିସ ବଳ ସହିତ ୬ ୟୁନିଟ ରାପିଡ଼ ଆକ୍ସନ ଫୋର୍ସ ମୃତୟନ ହେବେ । ଏହାଛଡ଼ା ୧୫ କୁଇକ ଆକ୍ସନ ଟିମ ମଧ୍ୟ ସଜାଗ ରହିବେ । ଭସାଣରେ କୌଣସି ବିଶୃଙ୍ଖଳା ଦେଖାଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ୬ଟି ଡ୍ରୋନ ଆକାଶରୁ ନଜର ରଖିବ । ଏହାଛଡ଼ା ଓଏମପି ଛକରୁ ଦେବୀଗଡ଼ା ପର୍ଯ୍ୟନ୍ତ ସଂପୂର୍ଣ୍ଣ ସ୍ଥାନ ସିସିଟିଭି ନଜରରେ ରହିବ । ଏହି ସ୍ଥାନ ମଧ୍ୟରେ ୪୨୮ଟି ସିସିଟିଭି କ୍ୟାମେରା ଲଗାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସବୁ କ୍ୟାମେରା ଦ୍ୱାରା ଉତ୍ତୋଳନ ହୋଇଥିବା ଭିଡ଼ିଓ ଉପରେ ନଜର ରଖିବା ପାଇଁ ଡିସିପିଙ୍କ କାର୍ଯ୍ୟାଳୟ ସମେତ ୬ଟି ପ୍ରମୁଖ ସ୍ଥାନରେ ସ୍ୱତନ୍ତ୍ର ନିୟନ୍ତ୍ରଣ କେନ୍ଦ୍ର ଖୋଲାଯାଇଛି । ସେହିପରି ଭସାଣ ଉତ୍ସବରେ ମଦୁଆମାନଙ୍କୁ ଧରିବା ପାଇଁ ଆଣ୍ଟିଲିକର ଟିମ ମଧ୍ୟ ନିୟୋଜିତ ହେବେ । ଏହାଛଡ଼ା ସମସ୍ତ ପ୍ରକାର ଦୁର୍ଘଟଣାକୁ ଏଡ଼େଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ, ସହରରେ ଏଥର ୭୫ଟି କାଳୀ ପ୍ରତିମା ପୂଜା ପାଉଥିଲେ ।

## ସୌମ୍ୟରଂଜନ ମୃତ୍ୟୁ ମାମଲା
## ଡିଏଫଓଙ୍କ ଆଗୁଆ ଜାମିନ ଖାରଜ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବହୁ ଚର୍ଚ୍ଚିତ ଏଏଫସି ସୌମ୍ୟରଂଜନଙ୍କ ମୃତ୍ୟୁ ମାମଲାରେ ପୁଣି ତତକାଳୀନ ଡିଏଫଓ ସଂଗ୍ରାମ ବେହେରାଙ୍କ ଅଡୁଆ ବଢ଼ିଛି । ତତକାଳୀନ ଡିଏଫଓଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହା ସହିତ ରୋଷେଇଆ ମନ୍ମଥ କୁମ୍ଭଙ୍କର ମଧ୍ୟ ଆଗୁଆ ଜାମିନ ଆବେଦନ ଖାରଜ ହୋଇଛି । ଉଭୟଙ୍କୁ ତଳ କୋର୍ଟରେ ଜାମିନ ଆବେଦନ ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି । ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୧୨ ତାରିଖରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ସୌମ୍ୟରଂଜନ ଉଦ୍ଧାର ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ସୌମ୍ୟଙ୍କ ପତ୍ନୀ ବିଦ୍ୟାଭାରତୀଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ତାହା ଏବେ ବିଚାରଧୀନ ଅଛି ।

## ସହଯୋଗ ଫାଉଣ୍ଡେସନ୍ ମନାଇଲା ଦୀପାବଳି




**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିରର ପ୍ରମୁଖ ସାମାଜିକ ସଂସ୍ଥା ସହଯୋଗ ଫାଉଣ୍ଡେସନ୍ ନିଜ ପରମ୍ପରାକୁ ଜାରି ରଖି ଏହି ବର୍ଷ ମଧ୍ୟ ସମାଜର ଅବହେଳିତ ଓ ଦୁର୍ବଳ ବର୍ଗର ଲୋକମାନଙ୍କ ସହିତ ଦୀପାବଳି ପର୍ବ ଉଲ୍ଲାସ ଓ ଆନନ୍ଦର ସହିତ ମନାଇଛି। ଏହି ଭବ୍ୟ ଆୟୋଜନ ନାରାୟଣୀ କଲୋନୀ, ସୋନପୁର ରୋଡ୍‌ରେ ହୋଇଥିଲା, ଯେଉଁଠି ଦୀପର ଆଲୋକ, ଶିଶୁମାନଙ୍କ ହସ ଓ ଖୁସିର ଗୁଞ୍ଜନ ସହିତ ପୂରା ପରିବେଶ ଉତ୍ସବମୟ ହୋଇଯାଇଥିଲା। ଏହି ବିଶେଷ କାର୍ଯ୍ୟକ୍ରମ ଆସନ୍ତା "ବଲାଙ୍ଗିର ଦିବସ" (୧ ନଭେମ୍ବର)କୁ ଉତ୍ସର୍ଗ କରାଯାଇଥିଲା। ସଂସ୍ଥାର ସଦସ୍ୟମାନେ କହିଥିଲେ, "ଦୀପାବଳି କେବଳ ଦୀପ ଜଳାଇବାର ପର୍ବ ନୁହେଁ, ଏହା ହେଉଛି ହୃଦୟକୁ ଜୋଡିବା ଓ ମଣିଷ ମଣିଷ ମଧ୍ୟରେ ଖୁସି ବାଣ୍ଟିବାର ଅବସର।" ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ରଙ୍ଗୋଳି, ଦୀପ ଜଳାଯାଇଥିଲା, ଶିଶୁମାନେ ନୃତ୍ୟ ଓ ଗୀତ ପ୍ରସ୍ତୁତି କରିଥିଲେ ଏବଂ ସମସ୍ତେ ମିଶି ଆତସବାଜିର ଆନନ୍ଦ ଉଠାଇଥିଲେ। ଶେଷରେ ମିଠା, ଫଳ ଓ ନମକିନ ବଣ୍ଟନ କରାଯାଇଥିଲା। ପୂରା ପରିବେଶ ପ୍ରେମ, ଉତ୍ସାହ ଓ ଏକତାର ଆଭାରେ ଭରିଯାଇଥିଲା। ନାରାୟଣୀ କଲୋନୀର ଶିଶୁମାନେ ଓ ବୃଦ୍ଧମାନଙ୍କ ମୁହଁରେ ଯେ ହସ ଦେଖାଯାଉଥିଲା, ସେହିଠି ସହଯୋଗ ଫାଉଣ୍ଡେସନ୍‌ର ଉଦ୍ଦେଶ୍ୟର ସଫଳତା ଝଲସି ଉଠିଲା। ସଦସ୍ୟମାନେ କହିଲେ ଯେ ଦୀପାବଳିର ସତ ଅର୍ଥ ସେତେବେଳେ ପୂରଣ ହୁଏ, ଯେତେବେଳେ ଆମେ ସେମାନଙ୍କ ସହିତ ଖୁସି ବାଂଟୁଥାଉ ଯେଉଁମାନଙ୍କ ଜୀବନ ଅନ୍ଧକାରରେ ବନ୍ଦ ହୋଇଯାଇଛି। ସହଯୋଗ ଫାଉଣ୍ଡେସନ୍ ବର୍ଷକୁ ବର୍ଷ ସମାଜସେବାର ବିଭିନ୍ନ ପ୍ରୟାସ ଯେପରି ଅନ୍ନପୂର୍ଣ୍ଣ ଭୋଜନ କାର୍ଯ୍ୟକ୍ରମ, ଖାଦ୍ୟ ଓ ବସ୍ତ୍ର ବଣ୍ଟନ, ଅଧିକ ଅଛି ଦିଅ ଜରୁରତ ଅଛି ନିଅ, ପରି ମାନବିକ ଅଭିଯାନ ଚଳାଇ ସମାଜରେ ସେବାର ନୂଆ ମିସାଲ ସୃଷ୍ଟି କରୁଛି। ସଂସ୍ଥାର ସଦସ୍ୟମାନେ କହିଲେ ଯେ ଏହି ଦୀପାବଳି ଅବସର କେବଳ ଏକ ଉତ୍ସବ ନୁହେଁ, ଏହା ସମାଜର ପଛରେ ଥିବା ଲୋକମାନଙ୍କ ଜୀବନରେ ଆଶା ଓ ଆଲୋକ ଜଳାଇବାର ଏକ ପ୍ରୟାସ। ନାରାୟଣୀ କଲୋନୀର ଲୋକମାନେ ସହଯୋଗ ଫାଉଣ୍ଡେସନ୍‌ଙ୍କୁ ହୃଦୟପୂର୍ବକ ଧନ୍ୟବାଦ ଜଣାଇ କହିଲେ ଯେ ଏପରି କାର୍ଯ୍ୟକ୍ରମ ସମାଜର ଗରିବ, ଅସହାୟ ଓ ଆବଶ୍ୟକ ଲୋକମାନଙ୍କ ମଧ୍ୟରେ ଖୁସି ଓ ଆତ୍ମସମ୍ମାନ ଫେରାଇ ଆଣୁଛି।

## ମହଙ୍ଗା ପଡ଼ିଲା ତରବରିଆ କାମ: ଅଧିକାରୀଙ୍କ ଉପସ୍ଥିତିରେ ରାସ୍ତାରୁ ପିଚୁ ଉଠିଲା

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ମଙ୍ଗଳବାର ସଂଧ୍ୟାରେ ଆଗରପଡ଼ା-ବରପଦା ପୂର୍ତ୍ତବିଭାଗ ରାସ୍ତା ନିର୍ମାଣ କରୁଥିବା ସଂସ୍ଥାର ସଂପୃକ୍ତ ଠିକାଦାରଙ୍କ ଦ୍ୱାରା ଆଗରପଡ଼ା ପେଟ୍ରୋଲପମ୍ପ ଠାରୁ ଆଗରପଡ଼ା ବଜାର ଆଡ଼କୁ ନିର୍ମାଣାଧିନ ରାସ୍ତାରେ ପିଚୁ ପକାଇବା କାର୍ଯ୍ୟ ଆରମ୍ଭ ହେବା ଖବର ପାଇ ବିଭିନ୍ନ ମହଲରୁ ଏହାକୁ ବିରୋଧ କରାଯାଇଥିଲା । ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଉକ୍ତ କାର୍ଯ୍ୟ ନକରିବାକୁ ମନା ମଧ୍ୟ କରାଯାଇଥିଲା । ଆପୋଷ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ କାର୍ଯ୍ୟକୁ ସ୍ଥଗିତ ରଖିବାକୁ ସ୍ଥିର କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କାର୍ଯ୍ୟକରୁଥିବା ସଂସ୍ଥା ପକ୍ଷରୁ ତରବରିଆଭାବେ ରାତିଅଧିଆ ଆଗରପଡ଼ା ପେଟ୍ରୋଲପମ୍ପ ଠାରୁ ଆଗରପଡ଼ା ବଜାର ଆଡ଼କୁ ପ୍ରାୟ ୫୫୦ମିଟର ରାସ୍ତାରେ ପୁଚୁ ଢଳାଯାଇଥିବା ଦେଖିବାକୁ ମିଳିଥିଲା । ବିରୋଧ ସତ୍ୱେ କେଉଁ ଉଦ୍ଦେଶ୍ୟରେ ଉକ୍ତ ରାସ୍ତାରେ ତରବରିଆ ଭାବେ ପିଚୁ ଢଳାଗଲା ତାହା ଚର୍ଚ୍ଚାର ବିଷୟ ପାଲଟିଥିଲା । ନିମ୍ନମାନର କାମକୁ ନେଇ ରାସ୍ତାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ ଠିକାଦାରଙ୍କ ଏହିଭଳି ମନମୁଖି କାର୍ଯ୍ୟ ବିଭାଗୀୟ ନିଷ୍କ୍ରିୟତାକୁ ପଦାରେ ପକାଇ ଦେଇଥିଲା । ରାସ୍ତା ନିର୍ମାଣ ଆରମ୍ଭରୁ ବିଭାଗପକ୍ଷରୁ କୌଣସି ସୂଚନାଫଳକ ଲଗାନଯିବା, ନିମ୍ନମାନର କାର୍ଯ୍ୟ ହେବା, ପାଣି ଛିଂଚଣ ନହେବା, ସରକାରୀ ନିୟମକୁ ନମାନିବା ଆଦି ଅଭିଯୋଗମାନ ହୋଇଆସୁଥିଲେ ମଧ୍ୟ ତାକୁ ପାଳନ ନକରି ବର୍ତ୍ତମାନ ପୁଣି କାର୍ଯ୍ୟରେ ଅନିୟମିତତା କରିବା କେତେ ଦୂର ଯୁକ୍ତିଯୁକ୍ତ ତାହା



ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ତେଣୁ ବିଭାଗ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ଆଗରୁ ଏହାର ଏକ ସ୍ଥାୟୀ ସମାଧାନକରି ରାସ୍ତା ସ୍ଥାୟିତ୍ୱକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଥିବା ଖବର ଗୁରୁବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳୀକୁ ଆସି ନିର୍ମାଣାଧିନ କାର୍ଯ୍ୟର ତଦାରଖ କରିଥିଲେ ଏବଂ କାର୍ଯ୍ୟରେ ଅନିୟମିତତା ହୋଇଥିବା ହୃଦ୍‌ବୋଧ କରିବା ସହିତ ତରବରିଆ ଭାବେ ପକାଯାଇଥିବା ପିଚୁକୁ ଉଠାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଠିକାଦାରଙ୍କ ଦ୍ୱାରା ଉକ୍ତ ପିଚୁକୁ ରାସ୍ତାରୁ ଉଠାଯାଇଥିଲା । ଏବଂ ଆଗାମୀ ଦିନରେ ସରକାରଙ୍କ ଧାର୍ଯ୍ୟ ନିୟମ ଅନୁସାରେ କାମ କରିବାକୁ ସଂପୃକ୍ତ ଠିକାଦାରଙ୍କୁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ବିଭାଗୀୟ ଅଧିକାରୀଙ୍କ ଏହିପରି କାର୍ଯ୍ୟାନୁଷ୍ଠାନକୁ ଅଂଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଆଗରପଡ଼ା ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ଦୂରାବସ୍ଥାରେ ସୁଧାର ଆଣିବା ନେଇ ପ୍ରତିଶ୍ରୁତି ପାଳନ ପୂର୍ବକ ବିଭାଗ ପକ୍ଷରୁ ଅଗଷ୍ଟ ମାସରୁ ବରପଦା ଠାରୁ ଆଗରପଡ଼ାକୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ପାଖାପାଖି ଏକ ମାସ ହେବ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହେବା ଓ ଲଘୁଚାପ ଜନିତ ବର୍ଷା ଲାଗି ରହିବା ହେତୁ ନିର୍ମାଣାଧିନ ରାସ୍ତାରେ ଗର୍ତ୍ତ ସବୁ ସୃଷ୍ଟି ହୋଇ ଗମନାଗମନରେ ବାଧା ସୃଷ୍ଟି ହେଉଥିଲା । ରାତ୍ରୀ ସମୟରେ ଉକ୍ତ ରାସ୍ତାରେ ଗମନାଗମନ କରିବା ମାନେ ବିପଦକୁ ଆମନ୍ତ୍ରଣ କରିବା ସଦୃଶ୍ୟ ପାଲଟିବାରୁ ଏହାର ନିର୍ମାଣ କାର୍ଯ୍ୟକୁ ଜୋରଦାର କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେବା ପରେ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଗତ ୪ଦିନ ତଳେ ଆରମ୍ଭ ହୋଇଥିଲା । କିନ୍ତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ମାନ ହୋଇ ଆସୁଥିଲା ।

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 24th October, 2025 Friday | RNI Regd. No. ODIODI/2009/28880

## ଭିକାରିର ମାଗୁଣି




ଭିକାରିଟିଏ ଅତି ବିକଳ ହୋଇ ମାଗୁଥାଏ- ବାବୁ, ଟଙ୍କା ଗୋଟିଏ ଦିଅ। ୪ଦିନ ହେଲା କିଛି ଖାଇନି।

ଜଣେ ବାବୁ ଭିକାରିର ଏ ମାଗୁଣିରେ ପ୍ରଭାବିତ ହୋଇ ତାକୁ ପଚାରିଲେ- ଆରେ ବାବୁ, ତୁତ ୪ଦିନ ହେଲା କିଛି ଖାଇନୁ ବୋଲି କହୁଛୁ ? ଏ ଟଙ୍କାଟାରେ କ'ଣ ତୋର ସବୁ କିଛି ହୋଇଯିବ ? ଗୋଟିଏ ଟଙ୍କାରେ ଗୋଟିଏ ବରାର ଚାରି ଭାଗରୁ ଭାଗେ ବି ହେବନି।

ଭିକାରି ବିନୟ ସହକାରେ କହିଲା- ସେକଥା ମତେ କ'ଣ ଜଣାନାହିଁ ବାବୁ ?

ବାବୁ କହିଲେ- ତେବେ ଟଙ୍କାକରେ ତୋର କ'ଣ ହେବ ?

ଭିକାରି କହିଲା- ଓଜନ ମେସିନରେ ପକେଇ ଦେଖିବି ୪ଦିନରେ ଓଜନ ମୋର କେତେ କମିଛି !

# ଭାରତର ପରାଜୟ: ସିରିଜ୍ ହାତେଇଲା ଅଷ୍ଟ୍ରେଲିଆ

**ଆଡିଲେଡ,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବାଜି ମାରିଲା ଅଷ୍ଟ୍ରେଲିଆ। ଆଡିଲେଡର ଓଭାଲ ଗ୍ରାଉଣ୍ଡରେ ଖେଳା ଯାଇଥିବା ଦ୍ୱିତୀୟ ଦିନିକିଆରେ ଶେଷ ପର୍ଯ୍ୟନ୍ତ ସଂଘର୍ଷ କରି ହାରିଲା ଭାରତ। ବୃଥା ହେଲା ରୋହିତ ଓ ଆୟରଙ୍କ ଅର୍ଦ୍ଧଶତକ। ଆଉ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ହାତେଇବା ସହ ୨-୦ରେ ଅଗ୍ରଣୀ ହାସଲ କରିଛି କଙ୍ଗାରୁ ଦଳ।

ପରାଜୟରୁ ଆରମ୍ଭ ହୋଇଛି ଶୁବମନ ଗିଲଙ୍କ ଦିନିକିଆ କ୍ୟାପ୍‌ଟେନ୍ସିର ଆରମ୍ଭ। ଗୋଟିଏ ମ୍ୟାଚ୍ ପୂର୍ବ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ହାରି ଯାଇଛି ଟିମ ଇଣ୍ଡିଆ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପୂର୍ବରୁ ରୋହିତ ଶର୍ମାଙ୍କୁ ହଟାଇ ବିସିସିଆଇ ଶୁବମନ ଗିଲଙ୍କୁ ଟେଷ୍ଟ ଭଳି ଦିନିକିଆ ଅଧିନାୟକ ଦାୟିତ୍ୱ ଦେଇଥିଲା। ତାଙ୍କ ଅଧିକାନୟକତ୍ୱରେ ଭାରତ କୌଣସି ଦିନିକିଆ ସିରିଜ ଖେଳୁଥିଲେ ହେଁ ଏଥିରେ ପରାସ୍ତ ହୋଇଛି।

ଭାରତ ଦ୍ୱାରା ଧାର୍ଯ୍ୟ ୨୬୫ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୪୬.୩ ଓଭରରେ ୮ ୱିକେଟ୍ ହରାଇ ହାସଲ କରି ନେଇଛି। ମାଥ୍ୟୁ ସର୍ଟ ୭୪ ରନ କରିଥିବେ କୁପର କନୋଲି ଅପରାଜିତ ୬୧ ରନ କରି ନିଜ ଦଳକୁ ଜିତାଇଛନ୍ତି। ପ୍ରଥମେ ବ୍ୟାଟିଂ କରି ଭାରତ ରୋହିତ ଶର୍ମାଙ୍କ ୭୩ ରନ, ଶ୍ରେୟସ ଆୟରଙ୍କ ୬୬ ରନ ଓ ଅକ୍ଷର ପଟେଲଙ୍କ ୪୪ ରନ ବଳରେ ୯ ୱିକେଟ୍ ହରାଇ ୨୬୪ ରନ କରିଥିଲା। ଆସନ୍ତା ୨୫ରେ ସିରିଜର ଅନ୍ତିମ ଦିନିକିଆ ଖେଳାଯିବ। ତେବେ ଅଧିନାୟକ ଭାବେ ଶୁଭମନ ଗିଲ୍ ପ୍ରଥମ ଦିନିକିଆ ସିରିଜ୍ ହାରିଛନ୍ତି। ସବୁଠୁ ବଡ କଥା ୧୭ ବର୍ଷ ପରେ ଆଡିଲେଡରେ



**ଦିନିକିଆ ମ୍ୟାଚ୍ ହାରିଛି ଟିମ୍ ଇଣ୍ଡିଆ**

୨୬୫ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଅଷ୍ଟ୍ରେଲିଆର ଆରମ୍ଭ ଖରାପ ଥିଲା। ମିଚେଲ୍ ମାର୍ଶ ୧୧ ରନ୍ କରି ଆଉଟ୍ ହୋଇଥିଲେ। ଟ୍ରାଭିସ୍ ହେଡ୍ ମଧ୍ୟ ୨୮ ରନ୍ କରିଥିଲେ। କିନ୍ତୁ ମାଥ୍ୟୁ ସର୍ଟ ୭୮ ବଲ୍ ରେ ୭୪ ରନ୍ କରି ଅଷ୍ଟ୍ରେଲିଆକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ମାଥ୍ୟୁ ରେନଶ ୩୦ ରନ୍ କରିଥିଲେ। ଆଲେକ୍ସ କ୍ୟାରି ୯ ରନ୍ କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲେ ହେଁ ଦଳର ରନ ଗତି ଜାରି ରହିଥିଲା।

୧୩୨ ରନରେ ଅଷ୍ଟ୍ରେଲିଆ ୪ ୱିକେଟ୍ ହରାଇବା ପରେ ଲାଗୁଥିଲା ଭାରତ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବ। ମ୍ୟାଚ୍ ଶେଷ ଆଡକୁ ସଂଘର୍ଷପୂର୍ଣ୍ଣ ରହିଥିଲା। କିନ୍ତୁ ଯୁବ ଖେଳାଳି କୁପର୍ କନୋଲି ଅପରାଜିତ ଅର୍ଦ୍ଧଶତକ ଏବଂ ମିଚେଲ୍ ଓଡ୍ୱେନ୍ ୨୩ ବଲ୍‌ରେ ଦ୍ରୁତ ୩୬ ରନ୍ କରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। କନୋଲି ୬୧ ରନରେ ଅପରାଜିତ ଥିଲେ। ତୃତୀୟ ଦିନିକିଆ ମ୍ୟାଚ୍ ଅକ୍ଟୋବର ୨୫ରେ ସିଡନୀରେ ଖେଳାଯିବ। ଟିମ୍ ଇଣ୍ଡିଆର ଏବେ ଲକ୍ଷ୍ୟ ସିରିଜ୍ କ୍ଲିନ୍ ସୁଇପ୍ ଏଡାଇବା।

ଏହା ପୂର୍ବରୁ ରୋହିତ ଶର୍ମାଙ୍କ ୯୭ ବଲ୍‌ରୁ ୭୩ ରନ୍, ଶ୍ରେୟସ ଆୟରଙ୍କ ୭୭ ବଲ୍‌ରୁ ୬୧ ରନ୍ ଏବଂ ଅକ୍ଷର ପଟେଲଙ୍କ ୪୧ ବଲ୍‌ରୁ ୪୪ ରନ ବଳରେ ଭାରତ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୪ ରନ୍ କରିଥିଲା। ଲେଗ୍-ସ୍ପିନର ଆଡାମ ଜାମ୍ପା ଅଷ୍ଟ୍ରେଲିଆ ପାଇଁ ୬୦ ରନ୍ ଦେଇ ୪ ୱିକେଟ୍ ନେଇଥିଲେ। ଦ୍ରୁତ ବୋଲର ଜାଭିୟର ବାର୍ଟଲେଟ୍ ଚମତ୍କାର ବୋଲିଂ କରିଥିଲେ। ସେ ୩୯ ରନ୍ ରେ ତିନୋଟି ୱିକେଟ୍ ନେଇଥିଲେ। ସେ ବିରାଟ କୋହଲି (୦)ଙ୍କ ମୂଲ୍ୟବାନ ୱିକେଟ୍ ମଧ୍ୟ ନେଇଥିଲେ।

## କୋହଲିଙ୍କ କ୍ୟାରିଆର୍‌ରେ ପଡ଼ିବ ପୂର୍ଣ୍ଣଚ୍ଛେଦ !



**ଆଡିଲେଡ,୨୩।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବିରାଟ କୋହଲିଙ୍କ ସ୍ୱର୍ଣ୍ଣିମ କ୍ୟାରିୟରରେ ପଡିବ ପୂର୍ଣ୍ଣଚ୍ଛେଦ। ସମ୍ଭବତଃ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପରେ ହିଁ ବିରାଟ ଘୋଷଣା କରିପାରନ୍ତି ଅବସର। ଆଜି ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ବିରାଟଙ୍କ ହାବଭାବ ସେମିତି କିଛି ସଙ୍କେତ ଦେଇଛି। ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରି ସାରିଥିବା ବିରାଟ ଏବେ କେବଳ ଭାରତ ପାଇଁ ଦିନିକିଆ କ୍ରିକେଟ ଖେଳୁଛନ୍ତି।

କିନ୍ତୁ ନିଜର କମବ୍ୟାକ ସିରିଜରେ ବିରାଟ କ୍ରମାଗତ ବିଫଳ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମେ ଦିନିକିଆ ଭଳି ଦ୍ୱିତୀୟ ଦିନିକିଆରେ ମଧ୍ୟ ବିରାଟ ଖାତା ଖୋଲିବାକୁ ସକ୍ଷମ ହୋଇନାହାନ୍ତି। ଅର୍ଥାତ ସେ କ୍ରମାଗତ ଦୁଇଟି ମ୍ୟାଚରେ ଶୂନରେ ଆଉଟ ହୋଇଛନ୍ତି। ପର୍ଥ ଦିନିକିଆରେ ୮ଟି ଓ ଆଡିଲେଡ ଓଭାଲ ଦିନିକିଆରେ ବିରାଟ ୪ଟି ବଲ ସାମ୍ନାକୁ କରିଛନ୍ତି। କ୍ରମାଗତ ଡକରେ ଆଉଟ ହେବା ବିରାଟଙ୍କ ୧୭ ବର୍ଷର କ୍ରିକେଟ କ୍ୟାରିୟରରେ ପ୍ରଥମ ଘଟଣା।

୨୦୦୮ରେ ଭାରତ ପାଇଁ ଡେବ୍ୟୁ କରିଥିବା ବିରାଟ ଆଜି ଯାଏ କେବେ ବି କ୍ରମାଗତ ୨ଟି ମ୍ୟାଚ୍‌ରେ ଶୂନରେ ଆଉଟ ହୋଇ ନଥିଲେ। କିନ୍ତୁ ୧୭ ବର୍ଷର କ୍ୟାରିୟର ମଧ୍ୟରେ ବିରାଟ ଏପରି ଏକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଆଜି ସେ ଅଷ୍ଟ୍ରେଲିଆର ମିଡିୟମ ପେସର ଜାଭିୟର ବାର୍ଟଲେଟଙ୍କ ଇନସୁଇଂକୁ ଖେଳିବାକୁ ଲାଇନ କଭର କରିଥିଲେ। କିନ୍ତୁ ବଲ ତାଙ୍କ ପ୍ୟାଡରେ ବାଜିବାରୁ ସେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଆଡିଲେଡ ଓଭାଲ ହେଉଛି ବିରାଟଙ୍କ ସବୁଠାରୁ ପସନ୍ଦର ଗ୍ରାଉଣ୍ଡ। ଏଠାରେ ସେ ୪ଟି ଦିନିକିଆ ଇନିଂସରେ ୨୪୪ ରନ କରିଥିଲେ। ଏହା ମଧ୍ୟରେ ୨ଟି ଶତକ ମଧ୍ୟ ରହିଛି। ଉଭୟ ଶତକ ପାକିସ୍ତାନ ବିପକ୍ଷ ୨୦୧୫ ବିଶ୍ୱକପରେ ଦେଖିବାକୁ ମିଳିଥିଲା। ଏବେ କିନ୍ତୁ ବିରାଟ ଶୂନରେ ଆଉଟ ହୋଇଛନ୍ତି। କିନ୍ତୁ ଆଜି ବିରାଟ ଆଉଟ ହେବା ପରେ ତାଙ୍କ ଅବସର ଚର୍ଚ୍ଚା ଜୋର ଧରିଛି। କାରଣ ସେ ଡ୍ରେସିଂ ରୁମ୍‌କୁ ଫେରିବା ବେଳେ ଆଡିଲେଡର ଦର୍ଶକ ଛିଡା ହୋଇ ତାଳି ମାରିଥିଲେ। ବିରାଟ ମଧ୍ୟ ହାତ ହଲାଇ ଏହାକୁ ଗ୍ରହଣ କରିଥିଲେ। ସେ ଗ୍ଲୋବ୍ସକୁ ଖୋଲି ହାତରେ ଧରିଥିବା ବେଳେ ଅବସର ଭଳି ସଙ୍କେତ ଦେଇଛନ୍ତି। ୩୬ ବର୍ଷୀୟ ବିରାଟଙ୍କ ଏପରି ଇଙ୍ଗିତ ସମ୍ଭବତଃ ଅବସରର ବୋଲି ସୋଶାଲ ମିଡିଆରେ ଚର୍ଚ୍ଚା ହେଉଛି। ଆଉ କିଛି କ୍ରିକେଟ ପଣ୍ଡିତ କହିଛନ୍ତି ଯେ ବିରାଟ ଶେଷ ଥର ପାଇଁ ନିଜ ପସନ୍ଦର ଆଡିଲେଡରେ ଖେଳିଥିବାରୁ ଦର୍ଶକଙ୍କୁ ଏଭଳି ଅଭିବାଦନ ଜଣାଇଛନ୍ତି। ତଥାପି ବିରାଟ ତାଙ୍କ କ୍ରିକେଟ କ୍ୟାରିୟରର ଶେଷ ଫେଜରେ ଥିବା ସମସ୍ତେ ମତ ରଖିଛନ୍ତି।

## ଚଳଚଞ୍ଚଳ ବାଲିଯାତ୍ରା ପଡ଼ିଆ: ଆଲୋକରେ ସଜ୍ଜିତ କଟକ-ଇନ-କଟକ

**କଟକ,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ ବାଲିଯାତ୍ରା କଟକକୁ ଆଉ ମାତ୍ର ୧୩ ଦିନ ବାକି ରହିଛି। ଏଥିପାଇଁ ଯାତ୍ରା ପଡ଼ିଆରେ ପ୍ରସ୍ତୁତି କାର୍ଯ୍ୟ ଯୋରସୋରରେ ଚାଲିଛି। ପ୍ରଶାସନ ପକ୍ଷରୁ ବାଲିଯାତ୍ରା ପାଇଁ ପ୍ଲଟ ଆବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବିଦ୍ୟୁତ ଖୁଣ୍ଟ ସଂଯୋଗୀକରଣ, ମେଳା ପଡ଼ିଆ ସମତୁଲ, ପଲ୍ଲିଶ୍ରୀ ପାଇଁ ଟେଣ୍ଟ ବନ୍ଧାକାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବାଲିଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ ଗଣକବି ବୈଷ୍ଣବ ପାଣି ମଂଚର ଟେଣ୍ଟ ବନ୍ଧା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସେହିଭଳି ଅକ୍ଷୟ ମହାନ୍ତି ମଂଚ କାର୍ଯ୍ୟ ଆଉ ଦୁଇ ତିନି ଦିନ ମଧ୍ୟରେ ଆରମ୍ଭ ହୋଇଯିବ। ଏହାଛଡ଼ା କଟକ-ଇନ-କଟକ ପାଭାଲିୟନ ମଧ୍ୟରେ ଥିବା ସବୁ ଗଛକୁ ଆଲୋକମାଳାରେ ସୁସଜ୍ଜିତ କରାଯାଉଛି।



ଚଳିତବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିବ କଟକ-ଇନ-କଟକ ପାଭାଲିୟନରେ। ଭାଗବତଟୁଙ୍ଗୀ ଯାତ୍ରା ପଡ଼ିଆରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବ। ପୁସ୍ତକ ସହ ଏକାଧିକ ସେଲ୍ଫି ପଏଣ୍ଟ ଯୁବପିଢ଼ିଙ୍କୁ ଆକର୍ଷିତ କରିବ। ପାଠ୍ୟପୁସ୍ତକ ପ୍ରତିକୃତିକୁ ନେଇ ମୁଖ୍ୟ ଫାଟକ ତିଆରି କରାଯିବ। ଓଡ଼ିଆ ସାହିତ୍ୟର ପ୍ରମୁଖ ବର୍ଷ ଏବଂ ସାହିତ୍ୟିକଙ୍କୁ ନେଇ ବିଭିନ୍ନ ସେଲ୍ଫି ପଏଣ୍ଟ କରାଯିବ। ଏହାଛଡ଼ା କଟକ ଇନ କଟକ ପରିସରରେ ଏକ ସାହିତ୍ୟ ମଂଚ ପ୍ରସ୍ତୁତି କରାଯିବାକୁ ଯୋଜନା ରହିଛି। ଏଥିରେ ଯୁବ ସାହିତ୍ୟିକ ମାନେ ସେମାନଙ୍କ ସ୍ୱରଚିତ କବିତାପାଠ କରିପାରିବେ। ଶ୍ରୋତାମାନଙ୍କ ବସିବା ପାଇଁ ଚେୟାର ବ୍ୟବସ୍ଥା ରହିବ। କଟକ ଇନ କଟକ ପାଭାଲିୟନରେ ଚଳିତବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ସାହିତ୍ୟ ପୁସ୍ତକ ବଣ୍ଟନ କରାଯିବାର ଯୋଜନା ରହିଛି। ନଭେମ୍ବର ୪ ପୂର୍ବରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ଚଳିତବର୍ଷ ବୈଷ୍ଣବ ପାଣି ସାଂସ୍କୃତିକ ମଂଚର ଚଉଡ଼ା ୮୮ଫୁଟ ଓ ଲମ୍ବ ୭୦ଫୁଟ କରାଯିବ। ମଂଚର ପୃଷ୍ଠଦପଟରେ ବୋଇତ ସହ କୋଣାର୍କ ଚକ୍ର ଥିମ ରହିବ। ସେହିପରି ଅକ୍ଷୟ ମହାନ୍ତି ମଂଚର ଲମ୍ବ ୬୦ ଫୁଟ ଓ ଓସାର ୪୦ ଫୁଟ ରହିବ ବୋଲି ମଂଚ ତିଆରି କରୁଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଉଭୟ ସାଂସ୍କୃତିକ ମଂଚରେ ବଲିଉଡ଼ ଓ ଓଲିଉଡ଼ କଳାକାରଙ୍କ ଦ୍ୱାରା ରଂଗାରଂଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାଛଡ଼ା ଓଡ଼ିଶାର ଲୋକକଳା ଓ ସଂସ୍କୃତିର ଝଲକ ମଧ୍ୟ ଏଠାରେ ଦେଖିବାକୁ ମିଳିବ। ସେହିପରି ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ଲୋକନୃତ୍ୟ ମଧ୍ୟ ଦର୍ଶକ ଉପଭୋଗ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଭିଏନାରେ ଅନୁଷ୍ଠିତ ସମବାୟ କଂଗ୍ରେସ ମଞ୍ଚରେ ଆଇଆରୟୁ ଅଧ୍ୟକ୍ଷଙ୍କ ସହ ନାଫସ୍କବ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ଦାସ ଏକ ବିଶେଷ ମୁହୂର୍ତ୍ତରେ।

## ପ୍ରଥମ ପୃଷ୍ଠାରୁ...

### ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

୨୦୦୪ରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବରେ ପଦୋନ୍ନତି ହେବା ପର୍ଯ୍ୟନ୍ତ ସେ ହରିୟାଣାର ଆଡଭୋକେଟ୍ ଜେନେରାଲ୍ ପଦବୀରେ ରହିଥିଲେ। ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ଲଗାତାର ଦୁଇଥର ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣର ପରିଚାଳନା ପରିଷଦର ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା। ୨୦୧୯ ମେ ୨୪ରେ ତାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବରେ ପଦୋନ୍ନିତ ଦିଆଯାଇଥିଲା।

### ତେଜସ୍ୱୀ ମୁଖ୍ୟମନ୍ତ୍ରୀ...

ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଛି। ତେଣୁ ଏବେ ସମସ୍ତ ବିରୋଧୀ ଦଳ ଏକାଠି ପ୍ରଚାର କରିବାକୁ ସୁଯୋଗ ପାଇବେ। ସେମାନଙ୍କ ମଧ୍ୟରେ ସବୁ କିଛି ଠିକଠାକ ରହିଥିବା ମଧ୍ୟ ଏଠାରେ ପ୍ରମାଣ କରିବାକୁ ଚେଷ୍ଟା କରାଯାଇଛି। ବିହାରର ୨୪୩ ବିଧାନସଭା ଆସନ ପାଇଁ ନଭେମ୍ବର ୬ ଓ ନଭେମ୍ବର ୧୧ରେ ମତଦାନ ହେବ। ସେହିପରି ନଭେମ୍ବର ୧୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

ପାରମ୍ପରିକ ରାଘୋପୁର ଆସନରୁ ନିର୍ବାଚନ ଲଢୁଥିବା ତାଜସ୍ୱୀ ମହାଗଠବନ୍ଧନର ନିଷ୍ପତ୍ତି ପାଇଁ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, "ମହାଗଠବନ୍ଧନର ନେତାମାନେ କେବଳ ସରକାର ଗଠନ କିମ୍ବା ମୁଖ୍ୟମନ୍ତ୍ରୀ ହେବାକୁ ଲକ୍ଷ୍ୟ ରଖିନାହୁଁ। ଆମେ ବିହାର ପାଇଁ କାମ କରିବାକୁ ଚାହୁଁଛୁ। ଆମେ ଏକାଠି ଏନଡିଏର ଡବଲ ଇଞ୍ଜିନ ସରକାରଙ୍କୁ ବିଦା କରିବାକୁ କାମ କରିବୁ। ଏନଡିଏର ଗୋଟିଏ ଇଞ୍ଜିନ ଦୁର୍ନୀତି ଗ୍ରସ୍ତ ଓ ଆଉ ଗୋଟିଏ ଇଞ୍ଜିନ ଅପରାଧରେ ଲିପ୍ତ।"

ମହାଗଠବନ୍ଧନ ପକ୍ଷରୁ ତେଜସ୍ୱୀଙ୍କୁ ଉପ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯାଇଥିଲେ ହେଁ ଏନଡିଏ ସେଭଳି କୌଣସି ନିଷ୍ପତ୍ତି ନେଇନାହିଁ। ବିଜେପି ନେତୃତ୍ୱାଧୀନ ଏନଡିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିନାହିଁ। କିନ୍ତୁ ମେଣ୍ଟ ପକ୍ଷରୁ ବାରମ୍ବାର ନୀତୀଶ କୁମାରଙ୍କ ନେତୃତ୍ୱରେ ସହଯୋଗୀ ଦଳଗୁଡିକ ନିର୍ବାଚନ ଲଢୁଥିବା କହି ଚାଲିଛନ୍ତି।

### ୨ ଗିରଫ...

ଆଲୋଚନା ହୋଇଥିଲା। ଏନେଇ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ସୂଚନା ଜାରି କରାଯାଇଥିଲା । ନକଲି ଚାକିରି ପ୍ରତି ସାବଧାନ ରହିବାକୁ ସୂଚନା ଦିଆଯାଇଥିଲା। ଘଟଣାର ତଦନ୍ତ କରି ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କଠାରୁ ନଗଦ ୬୨ ଲକ୍ଷ ଟଙ୍କା ଜବତ କରିଛି। ଅନ୍ୟପକ୍ଷେ ଖବର ପାଇ ଠକେଇର ଶିକାର ହୋଇଥିବା ଶତାଧିକ ମହିଳା ଏବଂ ପୁରୁଷ ଗୁରୁବାର ଅପରାହ୍ନରେ ଥାନାରେ ପହଞ୍ଚି ଟଙ୍କା ଫେରସ୍ତ ଦାବି କରିଛନ୍ତି। ଏହି ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ରାକେଟ ସମ୍ବଲପୁର, ବରଗଡ, ବୌଦ୍ଧ ଓ ସୋନପୁର ଜିଲ୍ଲାରୁ ଠକେଇ କରିଥିବାର ଜଣାପଡିଛି। ଝାଡୁଦାର ଚାକିରି ଦେବା ନାଁରେ ଜଣକଠାରୁ ୧୨ ହଜାର ଲେଖାଏଁ ଏମାନେ ଆଦାୟ କରୁଥିଲେ।

### ୪ ବିହାରୀ...

ହୋଇଥିଲା। ଏହି ଗୁଳି ବିନିମୟରେ ୨୫ ବର୍ଷୀୟ ରଞ୍ଜନ ପାଠକ, ୨୫ ବର୍ଷୀୟ ବିମଲେଶ ମାହତୋ ଓରଫ ବିମଲେଶ ସାହନି, ୩୩ ବର୍ଷୀୟ ମନୀଷ ପାଠକ ଓ ୨୧ ବର୍ଷୀୟ ଅମନ ଠାକୁର ପ୍ରାଣ ହରାଇଛନ୍ତି। ଏମାନଙ୍କ ନାଁରେ ହତ୍ୟାଠାରୁ ଆରମ୍ଭ କରି ଏକାଧିକ ସଂଗୀନ ମାମଲା ରହିଥିଲା। ବିହାର ପୁଲିସର ମୋଷ୍ଟୱାଣ୍ଟେଡ ତାଲିକାରେ ଏମାନଙ୍କ ନାଁ ଥିଲା। ମୃତକଙ୍କ ମଧ୍ୟରେ ରଞ୍ଜନ ପାଠକ ହେଉଛି ସବୁଠାରୁ କୁଖ୍ୟାତ। ତା'ଘର ସୀତାମାଢ଼ି ଅଞ୍ଚଳରେ। ସେ ଓ ତା'ର ସହଯୋଗୀମାନେ ନିର୍ବାଚନ ପୂର୍ବରୁ ବିହାରରେ ହିଂସାକାଣ୍ଡ ଘଟାଇବାକୁ ଯୋଜନା କରିଥିଲେ। ପାଠକ 'ସିଗମା ଆଣ୍ଡ କମ୍ପାନୀ' ନାମକ ଗ୍ୟାଙ୍ଗ ଚଳାଏ। ଏହି ଗ୍ୟାଙ୍ଗ ନେପାଳରୁ କାର୍ଯ୍ୟକ୍ଷମ ହେବା ସହ ନେପାଳ ସୀମାନ୍ତରେ ଅପରାଧ ଘଟାଇଥାଏ। ସୂତ୍ର ଅନୁସାରେ, ନିକଟରେ ଗୋଟିଏ ଅଡିଓ କଲ ସାମ୍ନାକୁ ଆସିଥିଲେ। ଯେଉଁଥିରେ କିଛି ଲୋକ ବିହାର ନିର୍ବାଚନ ପୂର୍ବରୁ ରାଜ୍ୟରେ ହିଂସା ସୃଷ୍ଟି କରିବାକୁ ଚାହୁଁଥିବା ଶୁଣିବାକୁ ମିଳିଥିଲା। ଏହି ଅଡିଓ କଲ ପରେ ବିହାର ପୁଲିସ୍‌ର ସ୍କାନରରୁ ଆସିଥିବା ପାଠକ ଓ ତା' ଗ୍ୟାଙ୍ଗ। ବିହାରରେ କ୍ରମାଗତ ୫ଟି ହତ୍ୟାକାଣ୍ଡ ପରେ ରାଜ୍ୟ ପୁଲିସ୍ ଏହି ଗ୍ୟାଙ୍ଗକୁ ଧରିବାକୁ ଉଦ୍ୟମ କରିଥିଲା। ଯାଞ୍ଚ ବେଳେ ଜଣାପଡିଥିଲା ଯେ ହତ୍ୟାକାରୀମାନେ ଦିଲ୍ଲୀରେ ଆଶ୍ରୟ ନେଇଛନ୍ତି। ଏହାପରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ସହାୟତାରେ ସେମାନଙ୍କୁ ଧରିବାକୁ ଉଦ୍ୟମ ହୋଇଥିଲା। ଏହି ସମୟରେ ହୋଇଥିବା ଏନକାଉଣ୍ଟରରେ ୪ ଗ୍ୟାଙ୍ଗଷ୍ଟରଙ୍କ ମୃତ୍ୟୁ ହୋଇଥିବା ବିହାର ଡିଜିପି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରଞ୍ଜନ ପାଠକ ଓ ତା' ଗ୍ୟାଙ୍ଗ ପ୍ରାୟ ୬ ବର୍ଷ ହେଲା ସକ୍ରିୟ ଥିଲା। ସେମାନେ କଣ୍ଟ୍ରାକ କିଲର୍ସ ଭାବେ ପରିଚୟ ହାସଲ କରିଥିଲେ। ସେମାନେ ବିହାରର ସୀତାମାଢ଼ି ଜିଲ୍ଲାରେ ୫ଟି ହତ୍ୟାକାଣ୍ଡ ଘଟାଇ ଆତଙ୍କ ସୃଷ୍ଟି କରିଥିଲେ। ଏବେ ସେମାନଙ୍କ ଖେଳ ଖତମ ହୋଇଥିବା ଡିଜିପି ସ୍ପଷ୍ଟ କରିଛନ୍ତି।

### କୋଟିଏ ଟଙ୍କାର...

କେଉଁ ଫିଜିବିଲିଟି ରିପୋର୍ଟ ଆଧାରରେ ପ୍ରଶାସନିକ ମଂଜୁରୀ ମିଳିଛି ତାହା ଅସ୍ପଷ୍ଟ ରହିଛି। ଅନେକ ପଂଚାୟତବାସୀଙ୍କ କହିବା କଥା ହେଲା ଆମ ସ୍ୱାର୍ଥକୁ କେବଳ ଆଳ କରି ନାମକୁ ମାତ୍ର ଗୋଟିଏ ଦୁଇଟି ରାସ୍ତା, ପ୍ରାଚେରୀ, ନଳକୂପ ଓ ମାଟି ଫିଲିଂ କାମ ସହିତ ଲାଇଟ୍ ଲଗାଇବା ନାଁରେ ଏକ ନିର୍ଦ୍ଦିଷ୍ଟ ରାକେଟ୍ ପ୍ରାୟ ୧କୋଟି ଟଙ୍କାର ଏମପିଲାଡ଼୍‌କୁ ହେରଫେର କରିଛନ୍ତି। ଏଥିରୁ ପ୍ରାୟ ୬୦ଭାଗ ଅର୍ଥ ଏହି ରାକେଟ୍‌ରେ ସଂପୃକ୍ତ ତଳଠାରୁ ଉପରଯାଏ ନେତା ଓ ସରକାରୀ ବାବୁମାନେ ଭାଗବଣ୍ଟୁଆରା କରି ନେଇଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ହେଲେ କାହା ସାଙ୍ଗରେ କି'ଏ କେତେଟଙ୍କାର ଡ଼ିଲ୍ କରିଛନ୍ତି ଏବଂ କାହା ପକେଟ୍‌କୁ କେତେ ଟଙ୍କାର ମୁନାଫା ଯାଇଛି ତା'ର ପର୍ଦ୍ଦାଫାସ ହୋଇପାରିବ। ନଚେତ ଲୋକଙ୍କ ଟିକସ ଟଙ୍କାକୁ ଲୋକଙ୍କୁ ଭୁଆଁ ବୁଲାଇ କେବଳ କିଛି ରାଜନୈତିକ ମାଫିଆ ଓ ଦୁର୍ନୀତିଖୋର ସରକାରୀ ଅଧିକାରୀ ଲୁଟ୍ କରି ଚାଲିଥିବେ ବୋଲି କ୍ଷୋଭ ପ୍ରକାଶ କରାଯାଇଛି। ତେବେ ଚକ୍ରୋଡ଼ା ପଂଚାୟତବାସୀଙ୍କୁ ଢାଲ କରି ୧କୋଟି ଟଙ୍କାର ଏହିଏମପିଲାଡ଼ ହେରଫେର ଅଭିଯୋଗ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ୍ ପକ୍ଷରୁ କୌଣସି ପ୍ରତିକ୍ରୀୟା ମିଳିପାରୁ ନାହିଁ। ଜେଇଙ୍କ ଠାରୁ ଏଇ ଏବଂ ବିଡ଼ିଓଙ୍କ ଯାଏ କେହି ଫୋନ୍ ଉଠାଉନାହାଁନ୍ତି।

### ଫ୍ୟାସନ ଶୋ'ରେ...

ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶୁଭଜିତ ପଣ୍ଡା ଏଥିରେ ସଂଯୋଜନା କରିଥିଲେ। ଲିଜମ୍ ଡ୍ୟାନ୍ସ ଗ୍ରୁପ୍, ଶୃତି ଡ୍ୟାନ୍ସ ଗ୍ରୁପ୍, ଉମେଶ ଷ୍ଟେଜି ଡ୍ୟାନସ ଗ୍ରୁପ୍ ତରଫରୁ ଏଠାରେ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଫଟୋଗ୍ରାଫର କେଶବ ଓ ବିଜୟ ଅନୁରୂପ ଏହି ଅବସରରେ ଉପସ୍ଥିତରେ ଆଳିର ଜାହାଙ୍ଗୀର ଖାଁଙ୍କ ପୁଅ ସଲିମ୍ ଖାଁ ମିଷ୍ଟର ଓଡ଼ିଶା ସମ୍ମାନରେ ସମ୍ମାନିତ ହୋଇ ବ୍ରାଣ୍ଡ ଆମ୍ବାସଡର ଭାବେ ଆଳି ଅଞ୍ଚଳ ପାଇଁ ସମ୍ମାନ ଆଣିଛନ୍ତି। ଏହି ଉତ୍ସବରେ ସଲିମଙ୍କ ସମେତ ବହୁ ପ୍ରତିଭାଧାରୀମାନଙ୍କୁ ସମ୍ମାନିତ କରାଯାଇଥିଲା।

### କ୍ୱାଲିଟି ଟେଷ୍ଟିଂରେ...

ଏହା ସ୍ପଷ୍ଟ କରିଛନ୍ତି ଯେ ଯେଉଁ କାର୍ଯ୍ୟାନୁଷ୍ଠାନ ହେଉଛି ଏହା କେବଳ ସେହି ବ୍ୟାଚ୍ ଉପରେ ଲାଗୁ ହେଉଛି ଯାହା ଯାଞ୍ଚରେ ବିଫଳ ହେଉଛି। ବାକି ଉତ୍ପାଦ ଉପରେ ଏହାର ସିଧା ପ୍ରଭାବ ନଥାଏ। ଏଭଳି ପରିସ୍ଥିତିରେ ଲୋକେ କେବଳ ସେହି ଦୋକାନରୁ ଔଷଧ କିଣନ୍ତୁ ଯାହା ରେଜିଷ୍ଟାର୍ଡ ମେଡିକାଲ ଷ୍ଟୋର ହୋଇଥିବ। ପ୍ୟାକେଜ ଉପରେ କମ୍ପାନୀର ନାମ, ମେନୁଫେକ୍‌ଚରିଂ ତାରିଖ ଓ ବ୍ୟାଚ୍ ନମ୍ବର ଦେଖି ଔଷଧ କିଣନ୍ତୁ। ଶସ୍ତା ମିଳୁଛି ବୋଲି ଔଷଧ କିଣି ନିଅନ୍ତୁନି। ଯଦି ଔଷଧର ପ୍ରଭାବ ଅଜବ ଲାଗେ ତୁରନ୍ତ ଡାକ୍ତର ଓ ଡ୍ରଗ ଡ଼ିପାର୍ଟମେଣ୍ଟକୁ ରିପୋର୍ଟ କରନ୍ତୁ।

## ୧୪ ପିଲାଙ୍କ ଆଖି ନେଲା 'କାର୍ବାଇଡ୍ ଗନ୍'

**ଭୋପାଳ,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତି ଦୀପାବଳିରେ ନୂଆ ବାଣର ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଚକ୍ରି ଠାରୁ ରକେଟ ବାଣ ସମ୍ପର୍କରେ ଆପଣମାନେ ବେଶ ଅବଗତ ଥିବେ। କିନ୍ତୁ ଚଳିତ ବର୍ଷ ବଜାରକୁ ଆସିଥିବା ଗୋଟିଏ ବାଣ ଘାତକ ସାବ୍ୟସ୍ତ ହୋଇଛି। ଚଳିତ ଦୀପାବଳିରେ କାରବାଇଡ ଗନ୍ ବା ଦେଶୀ ବନ୍ଧୁକ ବାଣର ଚାହିଦା ବେଶ ଅଧିକ ରହିଥିଲା। ଛୋଟ ପିଲାମାନଙ୍କ ମଧ୍ୟରେ ଏହାର କ୍ରେଜ ଚଳିତ ଦୀପାବଳିରେ ବେଶ ବଢ଼ି ଯାଇଥିଲା। କିନ୍ତୁ ଏହି ଦେଶୀ ବାଣ ଫୁଟା ବନ୍ଧୁକ ଅଭିଭାବକଙ୍କ ପାଇଁ ଦୁଃସ୍ୱପ୍ନରେ ପରିଣତ ହୋଇଛି।

ମାତ୍ର ୩ ଦିନ ମଧ୍ୟରେ ଏହି ଘାତକ ବାଣ ବନ୍ଧୁକରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ୧୨୨ରୁ ଅଧିକ ପିଲା। ଏମାନଙ୍କ ମଧ୍ୟରୁ ୧୪ ଜଣ ପିଲା ସେମାନଙ୍କ ଆଖି ହରାଇଛନ୍ତି। ମଧ୍ୟପ୍ରଦେଶରୁ ଏପରି ଖବର



ସାମ୍ନାକୁ ଆସିଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ରାଜ୍ୟର ବିଦିଶା ଜିଲ୍ଲା। ସରକାର ଅକ୍ଟୋବର ୧୮ରେ ଏପରି ମାରାତ୍ମକ ବନ୍ଧୁକ ଉପରେ ବ୍ୟାନ ଲଗାଇଥିଲେ ହେଁ ବିଦିଶାର ବିଭିନ୍ନ ମାର୍କେଟରେ ଏହି ଦେଶୀ ବନ୍ଧୁକ ବାଣ ଖୁଲାମଖୋଲା ବିକ୍ରି ହୋଇଥିଲା।

ଏହାର ଦାମ ୧୫୦ରୁ ୨୦୦ ଟଙ୍କା ରହିଥିବା ବେଳେ ପାଇପ, ବାରୁଦ ଓ ଅନ୍ୟାନ୍ୟ ଜିନିଷରେ ଏହାକୁ ତିଆରି କରାଯାଇଥିଲା। ଏଗୁଡିକ କଣ୍ଢେଇ ଭଳି ବିକ୍ରି ହେଉଥିଲେ ହେଁ ବୋମା ଭଳି ବିସ୍ଫୋରଣ ହେଉଥିଲା। ଏହାକୁ ଦେଶୀ ଯୁଗାଡ ବାଣ ମଧ୍ୟ କୁହାଯାଏ।

ହମିଦିଆ ହସ୍ପିଟାଲରେ ଆହତ ହୋଇ ଚିକିତ୍ସିତ ହେଉଥିବା ୧୭ ବର୍ଷୀୟ ନେହା କାନ୍ଦିକାନ୍ଦି କହିଛନ୍ତି, "ଆମେ ଘର ତିଆରି ଦେଶୀ ବାଣ ଫୁଟା ବନ୍ଧୁକ ଆଣିଥିଲୁ। ଏହା ବିସ୍ଫୋରଣ ହେବା ପରେ ମୋର ଗୋଟିଏ ଆଖି ପୂରା ପୋଡି ଯାଇଛି। ମୁଁ କିଛି ବି ଦେଖିପାରୁ ନାହିଁ।" ଆଉ ଜଣେ ପୀଡିତ ରାଜ ବିଶ୍ୱକର୍ମ କହିଛନ୍ତି, "ମୁଁ ସୋଶାଲ ମିଡିଆରେ ଭିଡିଓ ଦେଖିଥିଲି ଓ ଘରେ ବନ୍ଧୁକ ବାଣ ତିଆରି କରିବାକୁ ଚେଷ୍ଟା କରିଥିଲି। କିନ୍ତୁ ଏହା ମୋ ମୁହଁରେ ଫୁଟି ଯାଇଥିଲା। ମୁଁ ମୋ ଆଖି ହରାଇଛି।"

ଏପରି ବେଆଇନ ବନ୍ଧୁକ ବାଣ ବିକ୍ରି କରୁଥିବା ଘଟଣାରେ ବିଦିଶା ପୁଲିସ୍ ୬ ଜଣଙ୍କୁ ଗିରଫ କରିଛି। ଏବେ ସେମାନଙ୍କ ବିରୋଧରେ ପୁଲିସ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରୟାସ ଆରମ୍ଭ କରିଦେଇଛି।

କେବଳ ବିଦିଶା ନୁହେଁ, ଭୋପାଳ, ଇନ୍ଦୋର, ଜବଲପୁର ଓ ଗ୍ୱାଲିୟରର ବିଭିନ୍ନ ହସ୍ପିଟାଲର ଆଖି ୱାର୍ଡରେ ଯୁବ ରୋଗୀମାନେ ଭର୍ତ୍ତି ହୋଇଛନ୍ତି। ଭୋପାଳର ହମିଦିଆ ହସ୍ପିଟାଲରେ ହିଁ କେବଳ ୭୨ ଘଣ୍ଟାରେ ୨୬ ଜଣ ପିଲା ଆଖି ଜନିତ ସମସ୍ୟା କାରଣରୁ ଆଡମିଟ ହୋଇଥିବା ଜଣାପଡିଛି। କିଛି ରୋଗୀ ଆଇସିୟୁରେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ସେମାନେ ସଂପୂର୍ଣ୍ଣ ଭାବେ ଦୃଷ୍ଟି ଶକ୍ତି ହରାଇଛନ୍ତି।

## ଉପଜିଲ୍ଲାପାଳଙ୍କ ବିରୋଧରେ ପୁଣି ଦୁର୍ବ୍ୟବହାର ଅଭିଯୋଗ

**କେନ୍ଦ୍ରାପଡ଼ା,୨୩।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଉପଜିଲ୍ଲାପାଳ। ଏନେଇ ଗୁରୁବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ରାଜକନିକା ଥାନା ଅନ୍ତର୍ଗତ ପେଗରପଡା ଗ୍ରାମର ଭିନ୍ନକ୍ଷମ ଯୁବକ ପ୍ରଫୁଲ୍ଲ କୁମାର ପଣ୍ଡା ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କର ଏକ କେଶ ନିମନ୍ତେ ବାରମ୍ବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଆଜି ସେହି କେଶ ବିଷୟରେ ବୁଝିବା ପାଇଁ ଉପଜିଲ୍ଲାପାଳଙ୍କ ଚାମ୍ବରକୁ ଯାଇଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଭିନ୍ନକ୍ଷମ ପ୍ରଫୁଲ୍ଲଙ୍କୁ ଦେଖି ତୁ କୁଆଡେ ଆସିଛୁ ବୋଲି ଉଚ୍ଚ ଗଳାରେ କହିଥିଲେ। ପ୍ରଫୁଲ୍ଲ କହିଥିଲେ ମୋ କେଶ ବିଷୟରେ ବୁଝିବାକୁ ଆସିଛି। ଏହା ଶୁଣିବା ପରେ ଉପଜିଲ୍ଲାପାଳ ଶ୍ରୀ ନାୟକ ତାଙ୍କ କେଶର ଅଗ୍ରଗତି ସଂକ୍ରାନ୍ତରେ କହିବା ପରିବର୍ତ୍ତେ ତାଙ୍କୁ ଅସୌଜନ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ତୁରନ୍ତ ଅଫିସ ଚାମ୍ବରରୁ ବାହାରି ଯିବା ପାଇଁ କହିଥିଲେ। କିନ୍ତୁ ପ୍ରଫୁଲ୍ଲ ପୁନର୍ବାର ଉପଜିଲ୍ଲାପାଳଙ୍କୁ ତାଙ୍କ କେଶ ବିଷୟରେ ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଉପଜିଲ୍ଲାପାଳ ଅଡରଲି ଦ୍ୱାରା ଧକ୍କା ଦେଇ ବିଦା କରିଦେବେ ବୋଲି କହିଥିଲେ। ଫଳରେ ମନଦୁଃଖ କରି ପ୍ରଫୁଲ୍ଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଫେରିଆସି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଉପଜିଲ୍ଲାପାଳ ଶ୍ରୀ ନାୟକ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ବୈଠକରେ ଜଣେ ସାମ୍ବାଦିକ ଜୀବନ ସିଂଙ୍କୁ ତୁ ତା କରି ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ। କାରଣ ଜିଲ୍ଲାପାଳଙ୍କ ସମ୍ମୁଖରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଉପଜିଲ୍ଲାପାଳ ଅସୌଜନ୍ୟ ବ୍ୟବହାର କରିଥିଲେ। ଉପଜିଲ୍ଲାପାଳଙ୍କ ବିରୋଧରେ ତଦନ୍ତ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଫଳରେ ସାମ୍ବାଦିକମାନେ ଶାନ୍ତ ପଡିଥିଲେ। ଏବେ ପୁଣି ଜଣେ ଭିନ୍ନକ୍ଷମଙ୍କୁ ଉପଜିଲ୍ଲାପାଳ ଦୁର୍ବ୍ୟବହାର କରିବା ଘଟଣା ବୁଦ୍ଧିଜୀବୀମାନଙ୍କୁ ଆନ୍ଦୋଳିତ କରିଛି। ସହରର କେତେକ ବୁଦ୍ଧିଜୀବୀ କହିଛନ୍ତି ଜଣେ ସରକାରୀ ଅଧିକାରୀ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ଉଚିତ। ହେଲେ ଉପଜିଲ୍ଲାପାଳ ବାରମ୍ବାର ଜନସାଧାରଣଙ୍କୁ ଦୁର୍ବ୍ୟବହାର କରିବା ଦୁର୍ଭାଗ୍ୟଜନକ ଘଟଣା। ଏସଂକ୍ରାନ୍ତରେ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ପଚାରିବାରୁ ସେ କହିଲେ ସାମ୍ବାଦିକଙ୍କୁ ଚିହ୍ନିନପାରିବା କାରଣରୁ ମୋପାଟିରୁ ଅସୌଜନ୍ୟ ବ୍ୟବହାର ବାହାରି ଯାଇଥିଲା। ସେନେଇ ମୁଁ ସଂପୃକ୍ତ ସାମ୍ବାଦିକଙ୍କୁ ବୁଝାଇ ସାରିଛି। କିନ୍ତୁ କୌଣସି ଭିନ୍ନକ୍ଷମ ଜନତାଙ୍କୁ ମୁଁ ଦୁର୍ବ୍ୟବହାର କରିବାହିଁ ବୋଲି ଉପଜିଲ୍ଲାପାଳ କହିଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ